ବର୍ଷ-୨୫, ସଂଖ୍ୟା-୨୯୯
ଭୁବନେଶ୍ୱର
୧୧, ନଭେମ୍ବର, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 299
Bhubaneswar
11, November, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆତଙ୍କୀ ପ୍ରେମରେ ମମତା



# ବିସ୍ଫୋରଣରେ ଦୋହଲିଗଲା ଦିଲ୍ଲୀ

ନୂଆଦିଲ୍ଲୀ,୧୦।୧୧(ମହାଭାରତ) ଆଜି ଦେଶର ରାଜଧାନୀ ନୂଆଦିଲ୍ଲୀରେ ବଡ ଧରଣର ବିସ୍ଫୋରଣ ଘଟିଛି। ଅପରେସନ୍ ସିନ୍ଦୂର ପରେ ଆତଙ୍କାବାଦଙ୍କ ପକ୍ଷରୁ ବିଭିନ୍ନ ସମୟରେ ଭାରତରେ ବିସ୍ଫୋରଣ ଘଟାଇବାକୁ ଷଡ଼ଯନ୍ତ୍ର କରୁଥିବା ଖବର ଆସୁଥିବାବେଳେ ଆଜି ୨୯୦୦ କେଜି ବିସ୍ଫୋରକ ଜବତ ହେବାର କିଛି ଘଣ୍ଟା ପରେ ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ ନମ୍ବର ୧ ନିକଟରେରେ ଏକ ବିସ୍ଫୋରଣ ଘଟିଛି। ଏକ ଗାଡିରେ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି ବିସ୍ଫୋରଣରେ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଏହା ସହିତ ୩୦ରୁ ଅଧିକ ଲୋକ ଆହତ ହୋଇଥିବା ଜଣାପଡିଛି। ଏହି ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି। ବିସ୍ଫୋରଣ ପରେ ଅନେକ ଲୋକଙ୍କୁ ହସ୍ପିଟାଲକୁ ଅଣାଯାଇଛି।

ଘଟଣାସ୍ଥଳରେ ଏନ୍ଆଇଏ ଓ ଏନଏସଜି ଟିମ୍ ତଦନ୍ତ ଜାରି ରଖିଛି।

## ୧୩ ମୃତ, ୩୦ ଆହତ



## ଲାଲକିଲ୍ଲା ନିକଟରେ ବିସ୍ଫୋରଣରେ ୨୦ ଫୁଟ ଉପରକୁ ଉଠିଲା କାର୍

ଫରେନ୍ସିକ ଟିମ ଜାଣିବାକୁ ପାଇଛି ଯେ ବିସ୍ଫୋରଣ ଗୋଟିଏ ହୁଣ୍ଡାଇ ଆଇ୨୦ କାରରେ ହୋଇଛି ବିସ୍ଫୋରଣ ବେଳେ କାରରେ ୩ ଜଣ ଲୋକ ରହିଥିଲେ। ଗାଡ଼ିର ପଛ ପାଖରେ ହିଁ ବିସ୍ଫୋରଣ ହୋଇଥିଲା। ତେବେ ଘଟଣା ସ୍ଥଳରୁ କୌଣସି ପ୍ରକାରର ବୋମା ବିସ୍ଫୋରଣ ପରେ ସାମ୍ନାକୁ ଆସୁଥିବା କ୍ରାଟେର୍ସ ମିଳିନାହିଁ। ସେହିପରି କୌଣସି ମୃତାହତଙ୍କ ଶରୀରରୁ କଣ୍ଟା କିମ୍ବା ତାର ମଧ ମିଳିନାହିଁ। ମୃତାହତଙ୍କ ଶରୀରେ ପୋଡ଼ି ହେବାର ମଧ ଚିହ୍ନ ନାହିଁ ବୋଲି ଫରେନ୍ସିକ ଟିମ ସ୍ପଷ୍ଟ କରିଛି। ସ୍ପେଶାଲ ଟିମ ସହ ମିଶି ଫରେନ୍ସିକ ଟିମ ବିସ୍ଫୋରଣ ହୋଇଥିବା କାରର ରେଜିଷ୍ଟ୍ରେସନ ନମ୍ବର ଠାବ କରିବାକୁ ଚେଷ୍ଟା ଜାରି ରଖିଛି। କାରର ମାଲିକ ସଲମନକୁ ଅଟକ ରଖାଯାଇଛି। ସେ କାରଟି ବିକ୍ରି କରିଦେଇଥିବା କହିଥିବାବେଳେ ଅଧିକ ଯାଞ୍ଚ କରାଯାଉଛି।ଦିଲ୍ଲୀ ପୁଲିସ୍ କମିଶନର ସତୀଶ ଗୋଲଚାଙ୍କ କହିବା କଥା ଯେ ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ ନମ୍ବର ୧ ନିକଟରେ ହୋଇଥିଲା ଏଠାରେ ଥିବା ଟ୍ରାଫିକ ପାଖରେ ହିଁ ବିସ୍ଫୋରଣ ହୋଇଛି। ଟ୍ରାଫିକର ରେଡ ଲାଇଟରେ ଗୋଟିଏ କାର(ଆଇ୨୦) ଧୀରେଧୀରେ ଆସି ଅଟକିବା ପରେ ସେଥିରେ ବିସ୍ଫୋରଣ ହୋଇଥିଲା ବିସ୍ଫୋରଣ ବେଳେ କାରରେ କିଛି ଯାତ୍ରୀ ମଧ ରହିଥିଲେ।

ସେ କହିଛନ୍ତି, ଆଜି ପ୍ରାୟ ସନ୍ଧ୍ୟା ୬.୫୨ରେ ଗୋଟିଏ ଗାଡ଼ି ଧିମା ଗତିରେ ଆସି ରେଡ ଲାଇଟ୍ ଯୋଗୁ ଟ୍ରାଫିକରେ ଅଟକିଥିଲା। ଗାଡ଼ିଟି ଅଟକିବା କ୍ଷଣି ହଠାତ୍ ବିସ୍ଫୋରଣ ହୋଇଥିଲା।ବିସ୍ଫୋରଣ ହୋଇଥିବା ଗାଡ଼ି ସମେତ ଆଖପାଖରେ ଥିବା କାର ମଧ କ୍ଷତିଗ୍ରସ୍ତ ହୋଇଥିଲା ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏକାଧିକ ଗାଡ଼ିମଧ ଜଳି ଯାଇଛି। ଏଫଏସଏଲ, ଏନଆଇଏ ଠାରୁ ଆରମ୍ଭ କରି ସବୁ ଏଜେନ୍ସି ଘଟଣା ସ୍ଥଳରେ ଯାଞ୍ଚ କରୁଛନ୍ତି।କିଛି ଲୋକ ପ୍ରାଣ ହରାଥିବା ବେଳେ ଆଉ କିଛି ଆହତ ହୋଇଛନ୍ତି ସ୍ଥିତି ଉପରେ ନଜର ରହିଛି ସ୍ୱରାଷ୍ଟ ମନ୍ତ୍ରୀ ଆମ ସହ କଥା ହୋଇଛନ୍ତି ତାଙ୍କ ସହ ସବୁ କଥା ଶେୟାର କରାଯାଇଛି। ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଷ୍ଟ୍ରିଟ ଲାଇଟ ମଧ ଦୋହଲି ଯାଇଥିଲା। ତେଣୁ ବିସ୍ଫୋରଣ ପାଇଁ ବିପୁଳ ପରିମାଣର ଅତ୍ୟାଧୁନିକ ବିସ୍ଫୋରକ ବ୍ୟବହାର କରାଯାଇଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏହା କୌଣସି ସାଧାରଣ ବିସ୍ଫୋରଣ ନଥିଲା ବୋଲି ବରିଷ୍ଠ ଅଧିକାରୀମାନେ କହିଛନ୍ତି।କିନ୍ତୁ ଏଯାଏ କୌଣସି ଏଜେନ୍ସି ଏହାକୁ ଆତଙ୍କବାଦୀ ହମଲା ଭାବେ ବିବେଚନା କରି ନାହାନ୍ତି ।

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକପ୍ରକାଶ

**ନୂଆଦିଲ୍ଲୀ,୧୦।୧୧(ମହାଭାରତ):** ରାଜଧାନୀ ନୂଆଦିଲ୍ଲୀରେ ହୋଇଥିବା ଭୟଙ୍କର ବିସ୍ଫୋରଣ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ କଥା ହୋଇ ସ୍ଥିତିର ସମୀକ୍ଷା କରିଛନ୍ତି।ସରକାରଙ୍କ ସୂତ୍ରାନୁସାରେ, ଗୃହମନ୍ତ୍ରୀ ଶାହ ପ୍ରଧାନମନ୍ତ୍ରୀଙ୍କୁ ମାମଲାର ସମସ୍ତ ଦିଗ ବିଷୟରେ ଅବଗତ କରାଇଛନ୍ତି ଏବଂ ଆଗାମୀ କାର୍ଯ୍ୟାନୁଷ୍ଠାନ ନେଇ



ଆଲୋଚନା କରିଛନ୍ତି। ଅନ୍ୟପଟେ ଗୃହମନ୍ତ୍ରୀ ଶାହ ମାମଲାକୁ ନେଇ ଆଇବି ମୁଖ୍ୟଙ୍କ ସହ କଥା ହୋଇଛନ୍ତି ଏବଂ ଏନଆଇଏର ଡିଜିଙ୍କୁ ଅନେକ ନିର୍ଦ୍ଦେଶ ଦେଇଛନ୍ତି।ସେ ଦିଲ୍ଲୀ ପୁଲିସ କମିଶନରଙ୍କ ସହ ମଧ କଥା ହୋଇ ଘଟଣା ବିଷୟରେ ଅବଗତ ହେବା ସହ, ଆଗାମୀ କାର୍ଯ୍ୟାନୁଷ୍ଠାନ ଉପରେ ଅଲୋଚନା କରିଛନ୍ତି। ଏଥିସହ ଘଟଣାସ୍ଥଳକୁ ଯାଇ ଘଟଣାର ଯାଞ୍ଚ କରିଛନ୍ତି। ହସ୍ପିଟାଲକୁ ଯାଇ ଆହତ

ଲୋକଙ୍କୁ ଭେଟିଛନ୍ତି। ଗୃହମନ୍ତ୍ରୀ ସିଆରପିଏଫ୍ ଡିଜିଙ୍କୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ସୂତ୍ରାନୁସାରେ , ଘଟଣା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରାଯାଇ ପାରିବ, ସେଥିପାଇଁ ଏନଏସଜିକୁ ମଧ ଘଟଣାସ୍ଥଳକୁ ଏକ ଟିମ୍ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି।ଏବେସୁଦ୍ଧା ସରକାରୀ ଭାବେ ବୋମା କିମ୍ବା କୌଣସି ବିସ୍ଫୋରକର ବ୍ୟବହାର କରି ବ୍ଲାଷ୍ଟ କରାଯାଇଥିବା ସ୍ପଷ୍ଟ କରାଯାଇ ନାହିଁ।

## ୨୯୦୦ କେ.ଜି ବିସ୍ଫୋରକ ଜବତ

**ନୂଆଦିଲ୍ଲୀ,୧୦।୧୧(ମହାଭାରତ):** ଜମ୍ମୁ-କଶ୍ମୀର ଓ ହରିୟାଣା ପୁଲିସ୍ ମିଳିତ ଅପରେସନ ଦ୍ୱାରା ବିସ୍ଫୋରକ ଜବତ କରି ବଡ଼ଧରଣର ସମ୍ଭାବ୍ୟ ଆତଙ୍କବାଦୀ ହମଲାକୁ ପଣ୍ଡ କରି ଦେଇଛନ୍ତି। ଏଥିସହ ଧଳା କଲର ଟେରର ଇକୋସିଷ୍ଟମର ମଧ ପର୍ଦ୍ଦାଫାସ କରିଛନ୍ତି। ୨୯୦୦ କେଜିର ସନ୍ଦିଗ୍ଧ ଆମୋନିୟମ ନାଇଟ୍ରେଟ ସହ ଆସଲ୍ଟ ରାଇଫଲ ଓ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ରକୁ ସୁରକ୍ଷାକର୍ମୀମାନେ ଜବତ କରିଛନ୍ତି। ସେହିପରି ଆତଙ୍କୀ ଲିଙ୍କର ଚେର ଜମ୍ମୁ-କଶ୍ମୀରରୁ ହରିୟାଣାର ଫରିଦାବାଦ ଲମ୍ବି ଥିବା ମଧ ସୁରକ୍ଷାକର୍ମୀମାନେ ଜାଣିବାକୁ ପାଇଛନ୍ତି।

ହରିୟାଣର ଫରିଦାବାଦର ଥିବା ଗୋଟିଏ ମେଡିକାଲ କଲେଜରେ କାର୍ଯ୍ୟ କରୁଥିବା ଦୁଇ ଜଣ ଡାକ୍ତର ପୂରା ଘଟଣା ପଛରେ ଥିବାରୁ ସେମାନଙ୍କୁ ଗିରଫ କରାଯାଇଛି। ଗିରଫ ଡାକ୍ତରଙ୍କ ମଧ୍ୟରେ ଜଣେ ମହିଳା ବି ରହିଛନ୍ତି। ପ୍ରଥମେ ପୁଲିସ୍ ୩୫୦ କେଜି ଆମୋନିୟମ ନାଇଟ୍ରେଟ୍ ଜବତ କରିଥିଲା। ଏହାପରେ ଆଉ ୨୫୦୦ କେଜିର ବିସ୍ଫୋରକ ତିଆରି କେମିକାଲ ଜବତ ହୋଇଛି। ଫରିଦାବାଦ ଧୌଜ ଠାରେ ଥିବା ଅଲ ଫଲାହ ବିଶ୍ୱବିଦ୍ୟାଳୟ ଦିଲ୍ଲୀ ଠାରୁ ମାତ୍ର ୪୫ କିମି ଦୂର ଏହା ଗୋଟିଏ ଘରୋଇ ସଂସ୍ଥା ଓ ଏହାକୁ ୟୁଜିସିର ଅନୁମୋଦନ ମଧ ମିଳିଛି।ଏଠାରେ ଶକୀଲ ପ୍ରାୟ ୩ ବର୍ଷ ହେଲା ବରିଷ୍ଠ ଡାକ୍ତର ଭାବେ କାମ କରୁଥିଲା ଓ ବିଶ୍ୱବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଉଥିଲା। ଶକୀଲର ଧୌଜ ସ୍ଥିତ ଭଡ଼ା ଘରୁ ରେଡ ବେଳେ ଗୋଟିଏ ଆସଲ୍ଟ ରାଇଫଲ, ୩ ମାଗାଜିନ, ୮୩ଟି ଜୀବନ୍ତ ଗୁଳି, ଗୋଟିଏ ପିସ୍ତଲ, ୮ ରାଉଣ୍ଡ ଗୁଳି, ୨ଟି ଖାଲି କ୍ୟାଟ୍ରିଜ, ୨ଟି ଅତିରିକ୍ତ ମାଗାଜିନ, ୮ଟି ବଡ଼ ସୁଟକେସ, ୪ଟି ଛୋଟ ସୁଟକେସ, ସନ୍ଦିଗ୍ଧ ବିସ୍ଫୋରକ କେମିକାଲ, ବ୍ୟାଟେରୀ ଥିବା ୨୦ଟି ଟାଇମର୍ସ, ୨୪ଟି ରିମୋର୍ଟ କଣ୍ଟ୍ରୋଲ୍ସ, ୫ କେଜି ଓଜନର ମେଟାଲ, ୀକିଟକି ସେଟ୍ସ, ଇଲେକ୍ଟ୍ରିକ ୱାଇରିଙ୍ଗ, ବ୍ୟାଟେରୀ ଓ ଅନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି।

## ସମସ୍ତେ ଏକାଠି ହେଲେ ପରିବାର ସୁଦୃଢ଼ ରହିବ

**ଖୋର୍ଦ୍ଧା,୧୦।୧୧(ମହାଭାରତ):** ରିପୋର୍ଟରସ୍ ଟୁଡେ ଏବଂ ମହାଭାରତ ଖବର ପ୍ରସାରଣ ସଂସ୍ଥାରେ କାର୍ଯ୍ୟ କରୁଥିବା ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସାମ୍ବାଦିକ ବନ୍ଧୁ ମାନେ ଗତ ରବିବାର ଦିନ ଖୋର୍ଦ୍ଧା ଠାରେ ଏକ ବନ୍ଧୁ ମିଳନ ଉତ୍ସବ ଆୟୋଜନ କରିଥିବା ବେଳେ ଜିଲ୍ଲା ପ୍ରତିନିଧି ପ୍ରବୀଣ ଭଞ୍ଜଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସ୍ଥାର ମୁଖ୍ୟ ଆକର୍ଷଣ ହୋଇଥିଲେ ଏବଂ ନିମନ୍ତ୍ରିତ ଅତିଥି ଭାବେ ଖୋର୍ଦ୍ଧା ଟାଉନ୍ ଥାନାର ଅଧିକାରୀ ସଞ୍ଜୟ ନାୟକ ଯୋଗ ଦେଇଥିଲେ।

ଏହା ସହିତ ସମ୍ମାନିତ ଅତିଥି ରୂପେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ଖୋର୍ଦ୍ଧା ଶାଖା ସଭାପତି ପ୍ରକାଶ କୁମାର ହାତୀ ଏବଂ ରିପୋର୍ଟରସ୍ ଟୁଡେ ପରିବାରର ପରିଚାଳନା କମିଟିର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରାଜଗାଙ୍ଗପୁର ପ୍ରତିନିଧି ଅଟଳ ବିହାରୀ ପଣ୍ଡା ଓ ସଂସ୍ଥାର ବିଜ୍ଞାପନ ପରିଚାଳନା ଦାୟିତ୍ୱରେ ଥିବା ଯାଜପୁର ଜିଲ୍ଲା ପ୍ରତିନିଧି ରାଣା ପ୍ରାସାଦ ମହାପାତ୍ର ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କୁ ଉତ୍ସାହିତ କରିଥିଲେ। ନ୍ୟୁଜ୍ ସରବରାହ ସଂସ୍ଥାର ମୁଖ୍ୟ ସଂପାଦକ ସୁରଜିତ ଧଳ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିବା ବେଳେ ଏକ ସୂତ୍ରରେ ବାନ୍ଧିହୋଇ ରହିବାର ପ୍ରମୁଖ ମାଧ୍ୟମ ହେଉଛି ବନ୍ଧୁମିଳନ ଏବଂ ଆମେ ସମସ୍ତେ ଏକାଠି ହେଲେ ଆମ ପରିବାର ସୁଦୃଢ ରହିବା ସହିତ ଏହି ପରି କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ ପ୍ରତିନିଧି ମାନଙ୍କ ମଧରେ ସଂପର୍କ ମଜବୁତ ହେବ ଓ କାର୍ଯ୍ୟ ଦକ୍ଷତା ବୃଦ୍ଧି ହେବ ବୋଲି ମତବ୍ୟକ୍ତ କରିଥିଲେ।

ସେହିପରି ଟାଉନ୍ ଥାନା ଅଧକାରୀ ଉପସ୍ଥିତ ସମସ୍ତ ପ୍ରତିନିଧି ମାନଙ୍କୁ ସାମ୍ବାଦିକ ମାନେ ହେଉଛନ୍ତି ସମାଜର ଦର୍ପଣ ସଦୃଶ, ସାଧାରଣ ଲୋକ ପରିବେଷଣ ହେଉଥିବା ଖବରକୁ ସହଜରେ ଗ୍ରହଣ କରି ଥାଆନ୍ତି, ତେଣୁ ଖବର ପରିବେଷଣ କରିବା ବେଳେ କୌଣସି ପକ୍ଷପାତିତା ନକରି ସବୁବେଳେ ସ୍ୱଚ୍ଛ ଓ ନିରପେକ୍ଷ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ।

ଏତଦ୍ ବ୍ୟତୀତ ଜିଲ୍ଲା ପ୍ରତିନିଧି ପ୍ରବୀଣ ଭଞ୍ଜ ନିମନ୍ତ୍ରିତ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ମଞ୍ଚକୁ ସ୍ୱାଗତ କରିଥିବା ବେଳେ ଜଟଣୀ ବ୍ଲକ୍ ପ୍ରତିନିଧି ପ୍ରଶାନ୍ତ କୁମାର ସାହୁଙ୍କୁ ସର୍ବାଧିକ ଖବର ସଂଗ୍ରହ କରିଥିବା ହେତୁ ଏବଂ ଜିଲ୍ଲାର ସ୍ୱତନ୍ତ୍ର ପ୍ରତିନିଧି ଭାବେ କାର୍ଯ୍ୟରତ ସାମ୍ବାଦିକ ଦିବ୍ୟକାନ୍ତ ବେହେରାଙ୍କୁ ନିର୍ଭୀକତାର ସହ ଚିଲିକା ଅଞ୍ଚଳରେ ହେଉଥିବା ଦୁର୍ନୀତି ସମ୍ପର୍କିତ ଖବର ପ୍ରସାରଣ କରିଥିବାରୁ ଉଭୟଙ୍କୁ ସଂସ୍ଥା ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସର୍ବଶେଷରେ ଜିଲ୍ଲା ପ୍ରତିନିଧି ପ୍ରବୀଣ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକ୍ ପ୍ରତିନିଧି ମାନଙ୍କ ସହିତ ଅଫିସ୍ କର୍ମଚାରୀ ସରୋଜ କୁମାର ସାହୁ ଏବଂ ଯମୁନା ପାଇକରାୟ ପ୍ରମୁଖ ଉପସ୍ଥିତ ରହି ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧିଙ୍କର ଏ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ।




## ଆଜି ଭୋଟ ଦେବେ ନୂଆପଡ଼ାବାସୀ

ନୂଆପଡ଼ା,୧୦।୧୧(ମହାଭାରତ): ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ନଭେମ୍ବର ୧୧ (ମଙ୍ଗଳବାର) ଭୋଟ୍ ଗ୍ରହଣ କରାଯିବ। ନିର୍ବାଚନକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ମୋଟ୍ ୮ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ୧୪ ଜଣ ପ୍ରାର୍ଥୀ ଏହି ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜୁ ଜନତା ଦଳର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଏହି ଆସନ ଖାଲି ପଡ଼ିଥିଲା। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାରତୀୟ ଜନତା ପାର୍ଟି (ଭାଜପା) ଟିକେଟରେ ଲଢୁଛନ୍ତି। ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବିଜୁ ଜନତା ଦଳ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଆଦିବାସୀ ନେତା ଘାସିରାମ ମାଝି କଂଗ୍ରେସ ପ୍ରାର୍ଥୀ ଅଛନ୍ତି। ଏହା ବ୍ୟତୀତ ସମାଜବାଦୀ ପାର୍ଟି, ବହୁଜନ ମୁକ୍ତି ପାର୍ଟି ଓ ଓଡ଼ିଶା ଜନତା ଦଳର ପ୍ରାର୍ଥୀ ଏବଂ ୮ ଜଣ ସ୍ୱାଧୀନ ପ୍ରାର୍ଥୀ ମଧ ଏହି ନିର୍ବାଚନରେ ଭାଗ ନେଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ମୋଟ ୩୫୮ଟି ବୁଥ ରହିଥିବାବେଳେ ସେଥିମଧ୍ୟରୁ ୧୦୧ ଗୁରୁତ୍ୱପୂର୍ଣ୍ଣ ବୁଥ୍। ଏହି ୧୦୧ ବୁଥ୍ ମଧ୍ୟରୁ ୪୭ ମାଓବାଦୀ ପ୍ରଭାବିତ ଅଞ୍ଚଳରେ, ୫୪ଟି ଆଇନଶୃଙ୍ଖଳା ପ୍ରଭାବିତ ଅଞ୍ଚଳରେ ରହିଛି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଥିବା ବୁଥ୍ ମଧ୍ୟରୁ ୮ଟି ଦୁର୍ଗମ ପାହାଡ଼ ଅଞ୍ଚଳରେ ରହିଛି। ସେଗୁଡ଼ିକ ହେଲା, ୩୨୦ ସୋସେଙ୍ଗ, ୩୨୧ ସୋସେଙ୍ଗ-୨, ୩୨୨ ଦେଓସିଲ, ୩୨୪ ସୁନାବେଡ଼ା-୧, ୩୨୫ ସୁନାବେଡ଼ା-



ହେଲିକପ୍ଟର ଯୋଗେ ଯାଇ ଭୋଟ ଗ୍ରହଣ କରିବେ। ୮ଟି ବୁଥ ପାଇଁ ୪୮ ଜଣ ପୋଲିଂପାର୍ଟି ଯିବେ। ସେଠାରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଅନ୍ୟ ସାଧାରଣ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ଚାଲିବ। ସମ୍ବେଦନଶୀଳ ୪୭ଟି ବୁଥିରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଅନ୍ୟ ବୁଥଗୁଡ଼ିକରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ କରିହେବ।

ମାଓ ପ୍ରଭାବିତ ଅଞ୍ଚଳର ୮ଟି ସମ୍ବେଦନଶୀଳ ବୁଥ୍‌କୁ ଇଭିଏମ୍ ଓ ପୋଲିଂ ଅଧିକାରୀଙ୍କୁ ନେବା ପାଇଁ ଏକ ଭାରତୀୟ ବାୟୁସେନା ହେଲିକପ୍ଟର ନିୟୋଜିତ କରାଯାଇଛି। ସମସ୍ତ ବୁଥିରେ କେନ୍ଦ୍ରୀୟ ବଳ ସମେତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଭୋଟ୍ ଗଣନା ନଭେମ୍ବର ୧୪ ରେ କରାଯିବ।

## ଆଜିଠୁ ଡିଜିଟାଲ ଜନଗଣନା

ଭୁବନେଶ୍ୱର,୧୦।୧୧ (ମହାଭାରତ): ୨୦୨୭ ଜନଗଣନା ପାଇଁ ଆଜିଠୁ ଆରମ୍ଭ ହେବ ଡିଜିଟାଲ ଜନଗଣନା। ଭୁବନେଶ୍ୱର ସମେତ କଟକ, ମୟୁରଭଞ୍ଜ ଏବଂ ନବରଙ୍ଗପୁରରେ ଆଜିଠୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ଗଣନା। ରାଜ୍ୟର ୪ ଟି ସ୍ଥାନରେ ଆଜିଠୁ ନଭେମ୍ବର ୩୦ ପର୍ଯ୍ୟନ୍ତ ହେବ ପ୍ରାକ୍ ଜନଗଣନା। ଭୁବନେଶ୍ୱର ମହାନଗର ନିଗମର ୨୨ ନମ୍ବର ୱାର୍ଡ, କଟକର ୧୭ ନମ୍ବର ୱାର୍ଡ,ନବରଙ୍ଗପୁରର ତେନ୍ତୁଳିଖୁଣ୍ଟି , ଏବଂ ମୟୂରଭଞ୍ଜର ଠାକୁର ମୁଣ୍ଡାରେ ହେବ ପ୍ରାକ୍ ଜନ ଗଣନା। ଆମ ରାଜ୍ୟ ଭଳି ସାରା ଦେଶରେ ହେଉଛି ପ୍ରାକ୍ ଜନ ଗଣନା ଅନୁଷ୍ଠିତ ହେବ। ସର୍ବଭାରତୀୟ ସ୍ତରରେ ୩୪ ଲକ୍ଷ ଶିକ୍ଷକ କରିବେ ଗଣନା। ପେପର ନୁହେଁ ମୋବାଇଲ ଆପରେ ହେବ ଜନ ଗଣନା। ଜିଲ୍ଲା ଜନଗଣନା ତଥ୍ୟ ସମନ୍ୱିତ ପୁସ୍ତକ ରେ ରହିବ ଗ୍ରାମ/ ସହର, ଜିଲ୍ଲାର ସମସ୍ତ ଭିତ୍ତିଭୂମି ଓ ନଗରୀୟ ସୁବିଧା, ବିସ୍ତୃତ ଜନସଂଖ୍ୟା ସମ୍ବନ୍ଧୀୟ, ସାମାଜିକ ଓ ଅର୍ଥନୈତିକ ସୂଚନା ରହିବ।



## ଓଡ଼ିଶା ବିଧାନସଭା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୧୦।୧୧(ମହାଭାରତ): ଆସନ୍ତା ୨୭ରୁ ଆରମ୍ଭ ହେବ ବିଧାନସଭାର ଶୀତକାଳୀନ ଅଧିବେଶନ। ଏହି ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧିତ କରିବେ। ୨୮ରେ ଗୃହରେ ସରକାର ପ୍ରଥମ ଅତିରିକ୍ତ ବଜେଟ ଆଗତ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୃହରେ ଉପସ୍ଥାପିତ କରିବେ। ଏହା ଉପରେ ଡିସେମ୍ବର ୪, ୫ ଓ ୬ରେ ଆଲୋଚନା ହେବ ୮ ତାରିଖରେ ଏ ସଂପର୍କିତ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଆଗତ ହେବ।ବିଧାନସଭାର ଏହି ଶୀତ ଅଧିବେଶନ ଡିସେମ୍ବର ୩୧ ଯାଏ ଚାଲିବ। ତେବେ ଏହି ଅଧିବେଶନ ବେଶ ସରଗରମ ହେବ ବୋଲି ଅନୁମାନ କରାଯାଉଛି। ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସି ଗୃହକୁ ସମ୍ବୋଧିତ କରିବା ହେବ ବେଶ ଉଲ୍ଲେଖନୀୟ ଘଟଣା। ରାଷ୍ଟ୍ରପତିଙ୍କ ସମ୍ଭାବ୍ୟ ଗସ୍ତକୁ ନେଇ ବିଧାନସଭାକୁ ନବୀକରଣ କରାଯାଉଛି। କାରଣ ବିଧାନସଭା ସହିତ ତାଙ୍କର ଅନେକ ପୁରୁଣା ସ୍ମୃତି ଯୋଡ଼ି ହୋଇ ରହିଛି । ସେଥିପାଇଁ ବିଧାନସଭାକୁ ରଙ୍ଗ ଦିଆଯିବା ସହିତ ଦ୍ରୌପଦୀ ମୁର୍ମୁ ପୂର୍ବରୁ ବସୁଥିବା କକ୍ଷକୁ ସଜା ଯାଉଛି । ଏହା ସହିତ ବିଧାୟିକା ସମୟରେ ବସୁଥିବା ଆସନକୁ ମଧ ସଜାଯାଉଛି। ଦ୍ରୌପଦୀ ମୁର୍ମୁ ମୟୁରଭଞ୍ଜ ରାଇରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଥିଲେ। ଏହା ସହିତ ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ଥିଲେ ।

## ଓଡ଼ିଶାରେ ହାଇଆଲର୍ଟ

**ଭୁବନେଶ୍ୱର,୧୦।୧୧(ମହାଭାରତ):** ଦିଲ୍ଲୀରେ ଆଜି ସନ୍ଧ୍ୟାରେ ଘଟିଥିବା ବିସ୍ଫୋରଣ ଏବଂ ସାଧାରଣ ଲୋକଙ୍କ ଜୀବନହାନି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଘଟଣାର କଡ଼ା ନିନ୍ଦା କରିବା ସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଭଳି ଅମାନବୀୟ ଘଟଣାକୁ ଭାରତ କେବେ ବରଦାସ୍ତ କରିନାହିଁ, କି କରିବ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱ ରେ କେନ୍ଦ୍ର ସରକାର ନିଶ୍ଚିତ ଭାବେ ଏ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀମାନଙ୍କୁ ଦଣ୍ଡବିଧାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଟେଲିଫୋନ ଯୋଗେ ଆଲୋଚନା କରି ଓଡ଼ିଶାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି, ଓଡ଼ିଶାରେ ବାଲିଯାତ୍ରା ପରି ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ, ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ରାଜ୍ୟର ପ୍ରମୁଖ ସହର ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭୁବନେଶ୍ୱର ସହ ପୁରୀ, ରାଉରକେଲା ଓ ହୀରାକୁଦରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ଭୁବନେଶ୍ୱରରେ ନାଇଟ୍ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ପୁରୀରେ ହାଇଆଲର୍ଟ ଜାରି କରାଯାଇଛି। ଏ ନେଇ ସୂଚନା ଦେଇଛନ୍ତି ପୁରୀ ଏସପି ପ୍ରତିକ ସିଂହ। ଦିଲ୍ଲୀ ବିସ୍ଫୋରଣ ଘଟଣାରେ ଆତଙ୍କବାଦୀଙ୍କ ହାତ ଥିବା ସନ୍ଦେହ କରାଯାଉଛି। ତେଣୁ ଦେଶର ଅନ୍ୟ ପ୍ରମୁଖ ସହରଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଛି ।ହରିୟାଣା ସମେତ ମୁମ୍ବଇରେ ବି ହାଇଆଲର୍ଟ ଜାରି ହୋଇଛି। ସେହିପରି ପୁରୀ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ସ୍ଥାନ ହୋଇଥିବାବେଳେ ଏହା ପୂର୍ବରୁ ମଧ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଆସିଛି। ତେଣୁ ପୁରୀରେ ହାଇଆଲର୍ଟ ଜାରି କରାଯାଇଥିବା ଜଣାଯାଇଛି।

## ଧର୍ମ ପରିବର୍ତ୍ତନ କରିବାକୁ ଚାପ ପକାଉଛନ୍ତି ପାଳିତ ମା'

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ପ୍ରାୟ ସାତ ବର୍ଷ ପୂର୍ବେ ଏକ ଆମେରିକୀୟ ଦମ୍ପତିଙ୍କ ଦ୍ୱାରା ପାଳିତ ଓଡ଼ିଶାର ଜଣେ ଯୁବତୀ ଓଡ଼ିଶା ଫେରିବାକୁ ଚାହୁଁଛନ୍ତି। ଏନେଇ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି ପୀଡ଼ିତା। ବାଲେଶ୍ୱରର ମୂଳ ବାସିନ୍ଦା ପୂଜା ଓରଫ ସେଜଲ। ସେ ଏକ ଭାବପ୍ରବଣ ଭିଡିଓ ବାର୍ତ୍ତାରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିବେଦନ କରିଛନ୍ତି, ଦୟାକରି ମୋତେ ଘରକୁ ଫେରାଇ ଆଣନ୍ତୁ। ମୁଁ ବହୁତ ଯନ୍ତ୍ରଣା ପାଉଛି।

୨୦୧୮ ମସିହାରେ ଏକ ଆମେରିକୀୟ ଦମ୍ପତି ତାଙ୍କୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରିଥିଲେ। ସେତେବେଳେ ସେ ଚାଇଲ୍ଡଲାଇନ୍ ମାଧ୍ୟମରେ ଏକ ଆଶ୍ରୟସ୍ଥଳରେ ରହୁଥିଲେ। ବିଦେଶକୁ ଯିବାର କିଛି ବର୍ଷ ମଧ୍ୟରେ ତାଙ୍କ ଜୀବନ ନର୍କ ପାଲଟିଯାଇଥିବା ସେ କହିଛନ୍ତି।

ପୂଜା ତାଙ୍କ ଭିଡିଓ ବାର୍ତ୍ତାରେ ଆମେରିକାରେ ଶାରୀରିକ ଏବଂ ମାନସିକ ନିର୍ଯାତନାର ସମ୍ମୁଖୀନ ହେବା ବିଷୟରେ ବର୍ଣ୍ଣନା କରିଛନ୍ତି। ତାଙ୍କ କହିବା ଅନୁଯାୟୀ ପାଳିତ ମାଆ ତାଙ୍କୁ ଦୈନନ୍ଦିନ ଘରକାମ କରିବାକୁ ବାଧ କରନ୍ତି, ତାଙ୍କୁ ଠିକ୍ ଭାବେ ଶୋଇବାକୁ ଦିଅନ୍ତି ନାହିଁ। ଏପରିକି ଠିକ୍ ଭାବେ ଖାଇବାକୁ ବି ଦିଅନ୍ତି ନାହିଁ ବୋଲି ପୂଜା କହିଛନ୍ତି। ଯଦି ସେ ପ୍ରତିରୋଧ କରନ୍ତି ତେବେ ତାଙ୍କୁ ମାଡ଼ ମାରୁଛନ୍ତି।



ପୀଡିତା ଏହା ମଧ ପ୍ରକାଶ କରିଛନ୍ତି ଯେ ତାଙ୍କ ଭିସାର ମିଆଦ ୨୦୨୩ ମସିହାରେ ଶେଷ ହୋଇଯାଇଥିଲା ଏବଂ ସେବେଠାରୁ ସେ ସେଠାରେ ଆଇନଗତ ବୈଧତା ବିନା ରହୁଛନ୍ତି। ସେ କହିଛନ୍ତି ଯେ ତାଙ୍କ ପାଳିତ ମାଆ ତାଙ୍କୁ ଇସଲାମ ଧର୍ମ ଗ୍ରହଣ କରିବାକୁ ଚାପ ପକାଉଛନ୍ତି ଏବଂ ଯଦି ସେ ମନା କରନ୍ତି ତେବେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି। ଏକ ଭିଡିଓ ବାର୍ତ୍ତାରେ କାନ୍ଦିକାନ୍ଦି ପୂଜା କହିଛନ୍ତି, ମୋତେ ବହୁତ ମାଡ଼ ଦିଆଯାଉଛି। ମୁଁ ଓଡ଼ିଶା ଫେରିବାକୁ ଚାହୁଁଛି। ଦୟାକରି, ମୁଖ୍ୟମନ୍ତ୍ରୀ, ମୋତେ ସାହାଯ୍ୟ କରନ୍ତୁ। ଏହି ଖବର ଓଡ଼ିଶାରେ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି ଏବଂ ଲୋକମାନେ ସୋସିଆଲ ମିଡିଆରେ ବ୍ରିଂଗପୂଜାହୋମ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ଏନେଇ ସରକାରଙ୍କ ପକ୍ଷରୁ କେଣସି ପ୍ରତିକ୍ରିୟା ମିଳିନାହିଁ।

## ଭେଣ୍ଟିଲେଟରରେ ଧର୍ମେନ୍ଦ୍ର

ମୁମ୍ବାଇ,୧୦।୧୧(ଏଜେନ୍ସି): ବିଗିଡିଲା ବଲିଉଡ ସୁପରଷ୍ଟାର ଅଭିନେତା ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା। ଗତ କିଛି ଦିନ ଧରି ସେ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ଥିବା ବେଳେ ଆଜି ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବା ଜଣାଯାଇଛି। ସୂଚନା ମିଳିଛି ଯେ, ଆଜି ତାଙ୍କ ଅବସ୍ଥା ଆହୁରି ଖରାପ ହେବା ପରେ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯିବା ସହ ଭେଣ୍ଟିଲେଟରରେ ରଖାଯାଇଛି। ଏଭଳି ହଠାତ୍ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ପରିବାର ଓ ସମ୍ପର୍କୀୟମାନେ ତାଙ୍କୁ ଭେଟିବା ପାଇଁ ହସ୍ପିଟାଲକୁ ଆସିବା ଆରମ୍ଭ କରିଛନ୍ତି। ଧର୍ମେନ୍ଦ୍ର ନିୟମିତ ଚେକଅପ୍ ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ପ୍ରଥମ ଥର ନୁହେଁ। ତାଙ୍କୁ ଏବେ ୮୯ବର୍ଷ ବୟସ।



## ୪ ଅପରାଧୀଙ୍କ ଘରେ ବୁଲିଲା ବୁଲଡୋଜର

**ବଡବିଲ,୧୦।୧୧(ମହାଭାରତ):** ବିଭିନ୍ନ ଅପରାଧିକ ମାମଲାରେ ଜଡିତ ଚାରି ଅଭିଯୁକ୍ତଙ୍କ ଘର ମାଟିରେ ମିଶାଇଲା ପ୍ରଶାସନ। ବଡବିଲ ଆଖପାଖ ଅଞ୍ଚଳରେ ବିଭିନ୍ନ ଅପରାଧରେ ଜଡିତ ଥିବା ୟୁନିଟ୍ ୮ର ମହମ୍ମଦ ରାଜା, ସହଦତ ଖାନ, ଅଭିମନ୍ୟୁ ପ୍ରଧାନ ଓ ଆଲୋକ ରାମଙ୍କ ଘର ଭାଙ୍ଗିଛି ସ୍ଥାନୀୟ ପ୍ରଶାସନ। ସରକାରୀ ଜମି ମାଡ଼ି ବସି ଘର କରିଥିବା ସ୍ଥାନରେ ବୁଲଡୋଜର ବୁଲାଇଛି ସ୍ଥାନୀୟ ପ୍ରଶାସନ। ବ୍ୟାପକ ପୁଲିସ୍ ଉପସ୍ଥିତରେ ଆଜି ଚାରି ଅଭିଯୁକ୍ତଙ୍କ ଘର ମାଟିରେ ମିଶିଛି।

## ଆଳୁ ହାଲୁଆ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋଆବଶ୍ୟକ ସାମଗ୍ରୀ: ଘିଅ - ୧୦୦ ଗ୍ରାମ, ଆଳୁ - ୫୫୦ ଗ୍ରାମ, କ୍ଷୀର - ୨୨୦ମି.ଲି, ଚିନି - ୧୪୦ ଗ୍ରାମ, ଅଳେଇଚ ପାଉଡର - ୧/୨ ଟେବୁଲ ଚାମଚ, ବାଦାମ - ୧୫ ଗ୍ରାମ, କାଜୁ

ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ କଡାରେ ୧୦୦ ଗ୍ରାମ ଘିଅ ଗରମ କରନ୍ତୁ ୫୫୦ ଗ୍ରାମ ସିଝା ଏବଂ ଚକଟି ହୋଇଥିବା ଆଳୁ ପକାନ୍ତୁ ଏବଂ ଫ୍ରାଏ କରନ୍ତୁ ଯେତେ ପର୍ଯ୍ୟନ୍ତ ଏହା ଭଲ ଭାବରେ ଭାଜି ନ ହୋଇଛି । ଏହାକୁ ପ୍ରାୟ ୭-୮ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ୨୨୦ ମିଲି କ୍ଷୀର, ୧୪୦ ଗ୍ରାମ ଚିନି, ୧/୨ ଟେବୁଲ ଚାମଚ ଅଳେଇଚ ପାଉଡର ପକାଇ ଭଲ ଭାବେ ମିକ୍ସ କରନ୍ତୁ । ହାଲୁଆକୁ ଲଗାତର ୫ରୁ୭ ମିନିଟ୍ ପର୍ଯ୍ୟନ୍ତ ଚଲାନ୍ତୁ। ଏଥିରେ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ଏଥିରେ ୧୫ ଗ୍ରାମ ବାଦାମ, ୧୫ ଗ୍ରାମ କାଜୁ ମିକ୍ସ କରନ୍ତୁ ଏବଂ ଏହାକୁ ଆଉ ଥରେ ୩ରୁ୫ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଆପଣଙ୍କର ହାଲୁଆ ପ୍ରସ୍ତୁତ ହୋଇଯାଇଛି । ଏଥିରେ ଆପଣ ବାଦାମ ଏବଂ କାଜୁ ପକାଇ ଗାର୍ନିସ କରି ସର୍ଭ କରନ୍ତ



..... ପରଦା ଖବର .....

## ଜସ୍ମିନଙ୍କ ଫଟୋରେ ନିଆଁ ଲଗାଇଦେଲେ ଅଲ୍ଲୀ,




ଅଲ୍ଲୀ ଗୋନୀ ଏବଂ ଜସ୍ମିନ ଭାସିନଙ୍କ ସଂପର୍କ କାହାକୁ ଅଛପା ନାହିଁ । ଦୁହେଁ ପରସ୍ପରକୁ ବହୁତ ଭଲପାଆନ୍ତି । ଦୁହେଁ କିଛି ବର୍ଷ ହେଲାଣି ଲିଭ-ଇନ୍-ରିଲେସନରେ ରହିଛନ୍ତି । ଏହାରି ମଧ୍ୟରେ ଏମାନଙ୍କର ଏକ ପୋଷ୍ଟର ସୋସିଆଲ ମିଡିଆରେ ଭାଇରଲ ହେଉଛି । ଯେଉଁ ପୋଷ୍ଟରରେ ଅଲ୍ଲୀ ରାଗରେ ଜସ୍ମିନଙ୍କ ଫଟୋରେ ନିଆଁ ଲଗାଇଦେଉଛନ୍ତି । ଯାହାକୁ ଦେଖି ଫ୍ୟାନ୍ସ ଆଶ୍ଚର୍ଯ୍ୟ ହେଉଛନ୍ତି ।ତେବେ ଏହାକୁ ଦେଖି ଫ୍ୟାନ୍ସ ଦୁହିଁଙ୍କ ଭିତରେ ମନମାଳିନ୍ୟ ହୋଇଥିବା ଅନୁମାନ କରୁଛନ୍ତି । କିନ୍ତୁ ଏମିତି କିଛି ହୋଇନାହିଁ । ଅଲ୍ଲୀ ଗୋନୀ ଏବଂ ଜସ୍ମିନ ଭାସିନ ଖୁବଶୀଘ୍ର ଏକ ମ୍ୟୁଜିକ ଭିଡିଓରେ ନଜର ଆସିବେ । ଯାହାର ନାମ 'ଦିଲ୍ ତେରା ଭି ଟୁଟେଗା' । ଭାଇରଲ ହେଉଥିବା ପୋଷ୍ଟର ଏହି ଗୀତ। ଏହି ଗୀତଟି ୧୧ ନଭେମ୍ବରରେ ରିଲିଜ ହେବ ।ଗୀତରେ ନାମ ଏବଂ ପୋଷ୍ଟର ଦେଖି ଗୀତ ବହୁତ ଯନ୍ତ୍ରଣାରେ ଭରପୂର ବିଶ୍ୱାସଘାତକତାର କାହାଣୀ। ଫ୍ୟାନ୍ସ ଅଲ୍ଲୀ ଗୋନୀ ଏବଂ ଜସ୍ମିନଙ୍କୁ ରୋମାଣ୍ଟିକ ଅନ୍ଦାଜରେ ଦେଖିଛନ୍ତି କିନ୍ତୁ ଏଥର ଆଉ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିବ ।ଜସ୍ମିନ ଏବଂ ଅଲ୍ଲୀ ଦୁହେଁ ପରସ୍ପରକୁ ୨୦୧୮ରେ ଖତୋରେଁ କି ଖିଲାଡି ସେଟରେ ସାକ୍ଷାତ କରିଥିଲେ । ଏହି ସମୟରେ ଦୁହିଁଙ୍କ ଭିତରେ ବନ୍ଧୁତା ଆରମ୍ଭ ହୋଇଥିଲା । ପରେ ଦୁହେଁ ପ୍ରେମରେ ପଡି ଏବେ କିଛିବର୍ଷ ହେଲାଣି ଲିଭ-ଇନ-ରିଲେସନସି ପରେ ରହୁଛନ୍ତି ।

## ସତ୍ୟନାରାୟଣଙ୍କ ପୂଜାର୍ଚ୍ଚନା



ସନାତନ ଧର୍ମ ପରମ୍ପରାରେ ଭଗବାନ ବିଷ୍ଣୁଙ୍କ ସତ୍ୟ ସ୍ୱରୂପକୁ ପୂଜା କରିବାର ବିଧି ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପାଳିତ ହୋଇଥାଏ । ଭିନ୍ନ ଭିନ୍ନ ରୂପରେ ଭଗବାନଙ୍କ ପୂଜା କରାଯାଇଥାଏ । ତେବେ ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପ୍ରଭୁ ସତ୍ୟନାରାୟଣଙ୍କୁ ପୂଜା କରାଯାଇଥାଏ । ସ୍କନ୍ଧ ପୁରାଣରେ ସତ୍ୟନାରାୟଣ ବ୍ରତ କଥା ବର୍ଣ୍ଣିତ । ମୂଳତଃ ଏହି କଥା ୧୭୦ଟି ଶ୍ଳୋକ ମାଧ୍ୟମରେ ବର୍ଣ୍ଣିତ । ଏହାର ଦୁଇଟି ପ୍ରମୁଖ ବିଷୟ ରହିଛି । ସତ୍ୟ ପାଳନ ସମୟରେ ଅନେକ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସତ୍ୟ ପାଳନ ନିମନ୍ତେ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ମାନସିକ ଦୃଢ଼ତାର ଆବଶ୍ୟକତା ରହିଛି । କିନ୍ତୁ ସତ୍ୟ ପାଳନ ସମୟରେ କର୍ତ୍ତବ୍ୟରୁ ବିଚ୍ୟୁତ ହେଲେ ଭଗବାନଙ୍କ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

ସତ୍ୟ ପ୍ରତିଷ୍ଠା ନିମନ୍ତେ ପୁରାଣରେ ସତ୍ୟନାରାୟଣ ବ୍ରତକୁ ସର୍ବଶ୍ରେଷ୍ଠ ବ୍ରତ ଭାବେ ବର୍ଣ୍ଣନା କରାଯାଇଛି । ପୂର୍ଣ୍ଣିମା ଏବଂ ବିଶେଷ ଶୁଭ ମୁହୂର୍ତ୍ତରେ ଭଗବାନ ସତ୍ୟନାରାୟଣଙ୍କ କଥା ଶ୍ରବଣ କରି ମନୁଷ୍ୟ ମାନସିକ ଏବଂ ଶାରୀରିକ ଭାବେ ପବିତ୍ର ହୋଇପାରିବ ।

## କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି ବାବା ସିଦ୍ଧେଶ୍ୱର୍

ନୟାଗଡ ଜିଲ୍ଲା କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ବାବା ସିଦ୍ଧେଶ୍ୱର ପୂଜା ପାଉଛନ୍ତି । ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟଣ ଗତି କଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ। ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ। ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।ନୟାଗଡ ଜିଲ୍ଲା କଣ୍ଟିଲୋରେ ବିଦ୍ୟମାନ ଶ୍ରୀ ନୀଳମାଧଙ୍କୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ନାମରେ ନାମିତ କରାଯାଇଛି । ବ୍ରହ୍ମାଦି ପାହାଡ଼ ଉପରେ ପ୍ରଭୁ ନୀଳମାଧ ପୂଜା ପାଉଥିବା ବେଳେ ପାହାଡ଼ ତଳେ ପାର୍ଶ୍ୱଦେବତା ରୂପେ ବାବା ସିଦ୍ଧେଶ୍ୱର ବିଦ୍ୟମାନ । ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟନ



ଗତିକଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ । ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ । ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।କିମ୍ବଦନ୍ତୀ କହେ କଣ୍ଟିଲୋ ଅଂଚଳ କଣ୍ଟେଇକୋଳି ଜଙ୍ଗଲରେ ଭର୍ତ୍ତି ହୋଇଥିଲା। ବେଦପତି ବ୍ରହ୍ମା ବ୍ରହ୍ମାଦି ପାହାଡ଼ର ବ୍ୟାଘ୍ର ଗୁମ୍ଫାରେ ସ୍ୱୟଂ ବିଷ୍ଣୁଙ୍କୁ ପୂଜା ଆରଧନା କରୁଥିଲେ । ଶିବ -ପାର୍ବତୀ ନାରାୟଣଙ୍କୁ ପରୀକ୍ଷା କରିବା ପାଇଁ ଚିନ୍ତାକଲେ। କଣ୍ଟିଲୋର କିଛି ଦୂରରେ ଥିବା ପାଟଣା ଗାଁର ଦକ୍ଷିଣଚଣ୍ଡୀଙ୍କ ନିକଟରେ ଶିବ ପାର୍ବତୀଙ୍କୁ ଛାଡି ବ୍ରହ୍ମାଦି ପାହାଡ଼କୁ ରୂପ ପରିବର୍ତ୍ତନ କରି ଆସିଲେ। ନୀଳମାଧଙ୍କୁ ଦର୍ଶନ କଲାବେଳେ ପ୍ରଭୁ ଶିବଙ୍କୁ ଚିହ୍ନି ପାରିଥିଲେ। ସେଠାରେ ଶିବଙ୍କୁ ରହିଯିବା ପାଇଁ ନୀଳମାଧବ କହିଥିଲେ। ସେହି ଦିନଠାରୁ ବ୍ରହ୍ମାଦି ପାହାଡ଼ରେ ଭଗବାନ ଶିବ ସୁବର୍ଣ୍ଣେଶ୍ୱର ନାମରେ ପୂଜା ପାଉଥିଲେ।

ମହାଦେବ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିବାରୁ ସିଦ୍ଧେଶ୍ୱର ମହାଦେବ ନାମରେ ନାମିତ ହେଲେ।ବ୍ରହ୍ମାଦି ପାହାଡ଼ ନିକଟସ୍ଥ ମହାନଦୀର ଅପର ପାର୍ଶ୍ୱରୁ ଏକ କାଳିଗାଈ ବ୍ରହ୍ମାଦି ପାହାଡ଼କୁ ଆସେ। କାଳିଗାଈ ଗଉଡ଼ ଘରେ କ୍ଷୀର ଦିଏ ନାହିଁ। ଗଉଡ଼ ସନ୍ଦେହ କରି ଦିନେ ଗାଈ ପିଛା କରିଥିଲା। ମହାନଦୀରେ ବର୍ଦ୍ଧି ପାଣି ଆସିଥାଏ। ଗାଈର ଲାଞ୍ଜ ଧରି ଗଉଡ଼ ନଦୀପାର ହୋଇଥିଲା। ଗାଈ ଆସି ସିଦ୍ଧେଶ୍ୱରଙ୍କ ଲିଙ୍ଗରେ ଠିଆହୋଇ କ୍ଷୀର ଦେଇଥିଲା। ଗଉଡ଼ ଦେଖି ଗାଈକୁ ବାଉଁଶଠେଙ୍ଗାରେ ମାଡ଼ ମାରିଥିଲା। ଗାଈ ଦୌଡ଼ି ପଳାଇବା ବେଳେ ଶିବଲିଙ୍ଗ ଉପରେ ଖୁରାପଡିଗଲା। ସେହି ଦିନଠାରୁ ଶିବଲିଙ୍ଗ ଉପରେ ଖୁରାଚିହ୍ନ ରହିଛି। ତେବେ ଏଠାରେ କିଏ ମନ୍ଦିର ର୍ନିମାଣ କରିଥିଲେ ଇତିହାସ ନିରବ।

## ଅଦ୍ଭୁତ ଥିଲା କୃଷ୍ଣଙ୍କର ବାଲ୍ୟଜୀବନଁ



ବାସ୍ତୁର ଏହି ନିୟମ କୃଷ୍ଣଙ୍କ ବାଲ୍ୟକାଳ ଅନେକ ଲୀଳା ବିଷୟରେ ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଯାହାକୁ ପଢ଼ି କିମ୍ବା ଶୁଣି କେହି ବି ଭାବବିଭୋର ହୋଇଯିବେ। ଏହା ତାଙ୍କର ଯାଦୁ ହିଁ ଥିଲା। ତାଙ୍କର ଦୁଷ୍ଟାମୀକୁ ଦେଖିବା ଏବଂ ପୁଣି ତାଙ୍କୁ କ୍ଷମା କରିବାକୁ ଲୋକ ବ୍ୟାକୁଳ ରହୁଥିଲେ। ଯଦି ଆପଣ କୃଷ୍ଣଙ୍କ ବାଲ୍ୟଭୂମି ଗୋକୁଳ ନଗରୀ ବିଷୟରେ ଜାଣିବାକୁ ଚାହାନ୍ତି, ତେବେ ଆପଣଙ୍କୁ ନିଜ ଭିତରେ ଏକ ସ୍ୱତନ୍ତ୍ର ସ୍ଥିତି ସୃଷ୍ଟି କରିବାକୁ ହେବ।

ଅଦ୍ଭୁତ ଥିଲା କୃଷ୍ଣଙ୍କର ବାଲ୍ୟଜୀବନ- ତାଙ୍କର ମନମୋହକ ଚେହେରା, ଅନୁପମ ହସ, ବଂଶୀ ଓ ତାଙ୍କ ନୃତ୍ୟ ଏପରି ଥିଲା ଲୋକମାନେ ଆନନ୍ଦରେ ଡୁବିଯାଉଥିଲେ। ଏହା ଏପରି ଆନନ୍ଦ ଥିଲା, ଯାହାକୁ ସେମାନେ ପୂର୍ବରୁ କେବେ ଜାଣିନଥିଲେ। ସେ ସମ୍ପର୍କକୁ ଏତେ ନିବିଡ କରିଦେଉଥିଲେ ଯେ, ଲୋକ ତାଙ୍କପାଇଁ ପାଗଳ ହେଇଯାଉଥିଲେ। କୃଷ୍ଣଙ୍କ ବାଲ୍ୟକାଳ ଅନେକ କିଛି କୁହାଯାଇଛି ଏବଂ ଲେଖାଯାଇଛି। ତାଙ୍କ ଉପରେ ଅସଂଖ୍ୟ ଗୀତ ମଧ୍ୟ ଲେଖାଯାଇଛି। ଏହି କଥା ପାଖାପାଖି ୩୫୦୦ ବର୍ଷ ପୁରୁଣା, ଯାହା ଏପରି ଲାଗୁଛି ଯେମିତି ଏହା କାଲିର ଘଟଣା। ଗାଈ ଚରାଇବା ଏବଂ ଉପରେ ଶିକା ମାଠିଆ ତାଙ୍କ ବାଲ୍ୟକାଳ ସହ ଯୋଡ଼ିହୋଇରହିଛି। ଏହା ସବୁ ଗ୍ରାମୀଣ ସଂସ୍କୃତିରେ ମହତ୍ୱପୂର୍ଣ୍ଣ ଅଂଶ ରହିଛି। ଆଜି ମଧ୍ୟ ଭାରତର ଗ୍ରାମୀଣ ଗାଁଗୁଡ଼ିକରେ ଦହି ଓ ଲହୁଣି ଉଚ୍ଚ ଶିକାରେ ମାଠିଆରେ ରଖାଯାଇଥାଏ। ଯାହାକି ପଶୁ ଓ ପିଲାଙ୍କ ଠାରୁ ଦୂରେଇ ରଖାଯାଇଥାଏ। କିନ୍ତୁ କୃଷ୍ଣ ବଡ଼ ଖୁସିରେ କହୁଥିଲେ ମୁଁ ଲବଣି ଚୋରି କରିଛି। ଯଦି ମୁଁ ଲବଣୀ ଚୋରି ନ କରିବି, ତେବେ ଗାଁ ଲୋକଙ୍କୁ ଆନନ୍ଦ ଆସିବ ନାହିଁ। କୃଷ୍ଣ ଏବଂ ତାଙ୍କ ମିତ୍ର ଲୋକଙ୍କ ଛପର ଖୋଲି ଘରେ ପଶିଯାଉଥିଲେ। ମାଠିଆ ଉଚ୍ଚରେ ଟଙ୍ଗା ଯାଇଥିବା କାରଣରୁ ଜଣେ ଆରଜଣଙ୍କ କାନ୍ଧରେ ଚଢ଼ି ଲବଣି ଚୋରି କରୁଥିଲେ। ଯଦି ମାଠିଆ ବହୁ ଉଚ୍ଚରେ ରହୁଥିଲ. ତେବେ ସେମାନେ ପଥର ମାରି କଣା କରିଦେଉଥିଲେ। ଏହାଦ୍ୱାରା ଦହି କିମ୍ବା ଲବଣି ବୋହୁଥିଲା ଏବଂ ସେମାନେ ତଳେ ପାଟିଖୋଲି ଠିଆହେଇଯାଉଥିଲେ। ବେଳେବେଳେ ମାଠିଆ ପୂରା ଭାଙ୍ଗିଯାଉଥିଲା ଏବଂ ଭୂମିରୁ ଉଠାଇ ସେମାନେ ଖାଇବା ଆରମ୍ଭ କରିଦେଉଥିଲେ। ସେମାନେ ଏହି ଦହି ଓ ଲବଣିକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟି ନେଉଥିଲେ। ଏହି କଥାକୁ ନେଇ କିଛି ମହିଳା ଅସନ୍ତୁଷ୍ଟ ଥିଲେ ତ ଆଉ କିଛି କ୍ରୋଧିତ ହୋଇଯାଉଥିଲେ। କାରଣ ଲବଣି ତାଙ୍କର ଜୀବିକା ଥିଲା। ସେମାନେ ଲଗାତାର କୃଷ୍ଣଙ୍କ ମାତାଙ୍କୁ ଅଭିଯୋଗ କରୁଥିଲେ। କୃଷ୍ଣଙ୍କ ମାତାଙ୍କୁ ଅଭିଯୋଗ କରିବା ପାଇଁ ପହଞ୍ଚିବା ସମୟରେ ସେ ନିଜ ମାତାଙ୍କ ପଛରେ ଲୁଚିଯାଉଥିଲେ। ଗୋପୀମାନଙ୍କୁ ନିରୀହ ନଜରରେ ଚାହୁଁଥିଲେ। ଯାହାଫଳରେ ସମସ୍ତ ଗୋପୀ ହସିଦେଉଥିଲେ।

## ଦାବାନଳ ଗ୍ରାସ

କାଳୀୟ ନାଗ ଦଳନ ପରେ ଅନେକ ସମୟ ବିତିସାରିଥିଲା। ଭଗବାନ କୃଷ୍ଣ ଓ ବ୍ରଜଭୂମିର ଅନ୍ୟମାନେ ଥକି ଯାଇଥିଲେ । ସେମାନେ



ଭୋକଶୋଷରେ ଦୁର୍ବଳ ହୋଇପଡ଼ିଥିଲେ । ତେଣୁ ସେଦିନ ସେମାନେ ବୃନ୍ଦାବନ ଫେରିପାରିନଥିଲେ । ସମସ୍ତେ ଯମୁନା ତଟରେ ରାତି ବିତାଇବା ଲାଗି ନିଷ୍ପତ୍ତି ନେଲେ । ଗ୍ରୀଷ୍ମ ଋତୁ ଥିବାରୁ ରାତିରେ ସୁଦ୍ଧା ପ୍ରବଳ ଗରମ ଅନୁଭୂତ ହେଉଥିଲା । ଯମୁନା କୂଳରେ ଚାରିଆଡ଼େ ଘଞ୍ଚ ଜଙ୍ଗଲ ଘେରି ରହିଥିଲା । ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଏବଂ ଅନ୍ୟମାନେ ଆଶ୍ରୟ ନେଇଥିବା ଜଙ୍ଗଲ ଜଳିବାକୁ ଲାଗିଲା। ନିଦ ଭାଙ୍ଗିବାରୁ ଚାରିଆଡ଼େ କେବଳ ନିଆଁ ହିଁ ନିଆଁ ଥିଲା। ସମସ୍ତେ ଭୟଭୀତ ହୋଇପଡ଼ିଲେ । ଟିକିଏ ଆଗରୁ କୃଷ୍ଣ ଯମୁନା ନଦୀରୁ କାଳୀୟ ନାଗକୁ ବିତାଡ଼ିତ କରି ସେମାନଙ୍କୁ ରକ୍ଷା କରିଥିଲେ । ତେଣୁ ବ୍ରଜବାସୀ ଜଙ୍ଗଲ ନିଆଁ ବିପତ୍ତିରୁ ଉଦ୍ଧରିବା ଲାଗି କୃଷ୍ଣଙ୍କ ଶରଣାପନ୍ନ ହେଲେ । ସେମାନଙ୍କ ମନରେ ଥିବା ଭୟ ଦେଖି ଶ୍ରୀକୃଷ୍ଣ ତତ୍କ୍ଷଣାତ୍ ଜଙ୍ଗଲ ନିଆଁ ଗିଳିପକାଇଲେ । ଫଳରେ ସମସ୍ତ ନିରୀହ ଜନସାଧାରଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା । ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଦୁଇ ଦୁଇଟି ବଡ଼ ବିପତ୍ତିରୁ ରକ୍ଷା ପାଇଥିଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଜୀବନ କାଳ ମଧ୍ୟରେ ଅନେକ ଚମତ୍କାର କରିଥିଲେ। ତେବେ ଏହି ଚମତ୍କାର ସେ କେବେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରୁନଥିଲେ। ପତିତ, ଅତ୍ୟାଚାରର ଶିକାର ହୋଇଥିବା ଜନତାଙ୍କ ଉଦ୍ଧାର ପାଇଁ ତାଙ୍କର ସମସ୍ତ ଚମତ୍କାର ଉଦ୍ଦିଷ୍ଟ ଥିଲା। ଏହି କାରଣରୁ ଆଜି ସେ ଭଗବାନ ରୂପେ ପୂଜିତ ହେଉଛନ୍ତି । ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଲାଭ କରି ମନୁଷ୍ୟ ବିଫଳତା ଦ୍ୱାରା ଭାଙ୍ଗିନପଡ଼ି ବାରମ୍ବାର ସଫଳତା ପାଇଁ ପ୍ରୟାସ କରିବା ଆବଶ୍ୟକ । କାରଣ ବାରମ୍ବାର ପ୍ରୟାସ ଦ୍ୱାରା ମନୁଷ୍ୟ ସଫଳ ହୋଇପାରିବ ।

# ନବସୃଜନ ଷ୍ଟାର୍ଟଅପକୁ ବିସ୍ତୃତ କ୍ଷେତ୍ର ପ୍ରଦାନ କରିବ ଏମ୍ସ

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ଚିକିତ୍ସା ବିଜ୍ଞାନ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ କିମ୍ବା ଏହି କ୍ଷେତ୍ରରେ ଉଦ୍ୟୋଗ ବିକାଶ ଦିଗରେ ଆଗ୍ରହୀ ନବସୃଜନ ଷ୍ଟାର୍ଟଅପ୍ ସଂସ୍ଥାଙ୍କୁ ଏକ ବିସ୍ତୃତ କ୍ଷେତ୍ର ପ୍ରଦାନ କରିବ ଏମ୍ସ ଭୁବନେଶ୍ୱର। ରାଜ୍ୟରେ ପ୍ରଥମ କରି, ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନବସୃଜନ-ଚାଳିତ ସ୍ୱାସ୍ଥ୍ୟସେବା ସମାଧାନ ପାଇଁ ଚିକିତ୍ସା ଗବେଷଣା, ଜୀବବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବା ପାଇଁ ଏକ କମ୍ପାକ୍ଟ ପ୍ଲାଟଫର୍ମ ପ୍ରତିଷ୍ଠା କରିଛି। ଏହି ପ୍ରୟାସର ଲକ୍ଷ୍ୟ ହେଉଛି ନୂତନ ସ୍ୱାସ୍ଥ୍ୟ-ପ୍ରଯୁକ୍ତି ଚିନ୍ତାଧାରାଗୁଡ଼ିକୁ ବୈଧତା ଏବଂ ବାଣିଜ୍ୟୀକରଣ ପାଇଁ ପ୍ରସ୍ତୁତ ଉତ୍ପାଦରେ ପରିଣତ କରିବା। ଏହି ପ୍ରୟାସର ଏକ ଅଂଶ ଭାବରେ ଏମ୍ସ ଭୁବନେଶ୍ୱରରେ ୩୩ଟି ଷ୍ଟାର୍ଟ-ଅପ୍ ଏବଂ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଉତ୍ପାଦ/ମଡେଲ ପ୍ରଦର୍ଶିତ କରାଯାଇଥିଲା। ଏଠାରେ ବିଶେଷଜ୍ଞମାନେ ଉତ୍ପାଦ ବୈଧତା ଏବଂ ବଜାର ପ୍ରସ୍ତୁତି ପାଇଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ, ଯାହା ଏକ ଦୃଢ଼ ସ୍ୱାସ୍ଥ୍ୟସେବା ନବସୃଜନ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଏବଂ ଆଇସିଏମ୍‌ଆର ମହାନିର୍ଦ୍ଦେଶକ ଡ. ରାଜୀବ ବହଲ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ସ୍ୱାସ୍ଥ୍ୟସେବା, ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ୟୋଗକୁ ଏକତ୍ରିତ କରି ଏହି ପ୍ରକ୍ରିୟା ବିକଶିତ 'ବିକଶିତ ଭାରତ' ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେହିପରି ଏହା ଯୁବ ଉଦ୍ଭାବକମାନଙ୍କୁ ଚିନ୍ତାଧାରାକୁ ପ୍ରଭାବଶାଳୀ ଉତ୍ପାଦରେ ପରିଣତ କରିବାକୁ ଉତ୍ସାହିତ କରିବ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ଅବସରରେ କହିଛନ୍ତି ଯେ, 'ଏମ୍ସ ଭୁବନେଶ୍ୱର ଆଇଆଇଟି ଭୁବନେଶ୍ୱର, ବିସିକେଆଇସି ଏବଂ ଆଇଏଲ୍‌ଏସ ଭଳି ପ୍ରମୁଖ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନଗୁଡ଼ିକର




ସହଯୋଗରେ ଆନ୍ତଃଶାଖାଗତ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ। ଏହି ପ୍ରତିଷ୍ଠାନ ଏହି ଅଞ୍ଚଳରେ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ପାଇଁ ଏକ ସମନ୍ୱିତ ନବସୃଜନ କେନ୍ଦ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି।' ଏଥିସହିତ ଏମ୍ସ ଭୁବନେଶ୍ୱର ଯୁବ ଗବେଷକଙ୍କ ପାଇଁ ସମନ୍ୱିତ ପିଏଚ୍‌ଡି କାର୍ଯ୍ୟକ୍ରମ ପ୍ରଚଳନ କରିବା ପାଇଁ ଅଷ୍ଟ୍ରେଲିଆର ପଶ୍ଚିମ ସିଡ୍ନୀ ବିଶ୍ୱବିଦ୍ୟାଳୟ ସମେତ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ବହୁ-ଶାଖାଗତ ଗବେଷଣା ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠାନ ଏକ କେନ୍ଦ୍ରୀୟ ଗବେଷଣା ଏବଂ ଦକ୍ଷତା ପ୍ରୟୋଗଶାଳା ମଧ୍ୟ ପ୍ରତିଷ୍ଠା କରିଛି। ଯାହା ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜେ. ପି. ନଡ୍ଡାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ନିଦାନ, ରୋଗ ପୂର୍ବାନୁମାନ ମଡେଲ ଏବଂ ଏଆଇ-ଆଧାରିତ ସ୍ୱାସ୍ଥ୍ୟସେବା ଉପକରଣରେ ନବସୃଜନକୁ ଆଗକୁ ବଢ଼ାଇବା ପାଇଁ ଏକ ବାୟୋ-ଇନ୍କ୍ୟୁବେସନ୍ କେନ୍ଦ୍ର ବିକଶିତ କରିବା ପାଇଁ ଯୋଜନା ଚାଲିଥିବା, ଡ. ବିଶ୍ୱାସ ସୂଚନା ପ୍ରଦାନ କରିଛନ୍ତି। ଗବେଷଣା ଏବଂ ନବସୃଜନ କାର୍ଯ୍ୟକଳାପର ପ୍ରଗତିକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ, ଏମ୍ସ ଭୁବନେଶ୍ୱର ଏହାର ତୃତୀୟ ବାର୍ଷିକ ଅନୁସନ୍ଧାନ ଦିବସ ଏବଂ ଦ୍ୱିତୀୟ ଆଞ୍ଚଳିକ ଅନୁସନ୍ଧାନ ସମ୍ମିଳନୀ ୨୦୨୫ ପାଳନ କରିଛି। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ଚିକିତ୍ସା ନବସୃଜନ: ଆତ୍ମନିର୍ଭର ଭାରତ, ବିକଶିତ ଭାରତ ପାଇଁ ସମୟର ଆବଶ୍ୟକତା'। ଆଇସିଏମ୍‌ଆର ଡିଜି ଡ. ରାଜୀବ ବହଲ ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ବିକେସିକେଆଇସି ଅଧ୍ୟକ୍ଷ ଏବଂ କିଟ୍-ଟିବିଆଇ ସିଇଓ ଡ. ମୃତ୍ୟୁଞ୍ଜୟ ସୁଆର, ଏମ୍ସ ଡିନ୍ (ଗବେଷଣା) ଡ. ସତ୍ୟଜିତ ମିଶ୍ର ଏବଂ ଆସୋସିଏଟ୍ ଡିନ୍ (ଗବେଷଣା) ଡ. ଭାଗୀରଥି ଦ୍ୱିବେଦୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିସହିତ ୧୪ଟି ଷ୍ଟାର୍ଟଅପ୍ ଫାର୍ମ ମଧ୍ୟ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।

# ଉନ୍ନତ ସଡ଼କ ବ୍ୟବସ୍ଥା ପାଇଁ ଆଧୁନିକ ପ୍ରଯୁକ୍ତି ସହ ସୃଜନଶୀଳତା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ଭାରତୀୟ ସଡ଼କ କଂଗ୍ରେସର ବାର୍ଷିକ ଅଧିବେଶନର ଦ୍ୱିତୀୟ ଦିନରେ ଆୟୋଜିତ ହୋଇଥିଲା ୮୭ତମ ହାଇୱେ ରିସର୍ଚ୍ଚ ବୋର୍ଡ ବୈଠକ। ଭି. କେ. ରାଜାୱତ, ଅଧ୍ୟକ୍ଷ, ହାଇୱେ ରିସର୍ଚ୍ଚ ବୋର୍ଡ ଏହି ସଭାର ଅଧ୍ୟକ୍ଷତା କରିବା ସହ ରାହୁଲ ଗୁପ୍ତା, ସଚିବ, ଏଚଆରବି, ପ୍ରଫେସର ମନୋରଞ୍ଜନ ପରିଡା, ଅଧ୍ୟକ୍ଷ, ଆଇଆରସି ଓ ନିର୍ଦ୍ଦେଶକ ଏବଂ ସିଆରଆରଆଇ ଉପସ୍ଥିତ ଥିଲେ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ, ପୂର୍ତ୍ତବିଭାଗ, ବୋର୍ଡର ରୋଡସ୍ ଅର୍ଗାନାଇଜେସନ୍ ସହିତ ଆଇଆଇଟି ଓ ସିଆରଆରଆଇ ପରି ପ୍ରମୁଖ ସଂସ୍ଥାର ଅଧିକାରୀ ଓ ଗବେଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସଭାରେ ସଡ଼କ ଗବେଷଣା ଏହାର ବିକାଶର ଓ ସ୍ଥାୟିତ୍ୱ ବୃଦ୍ଧି ପାଇଁ ବୈଜ୍ଞାନିକ ଗବେଷଣାକୁ ପ୍ରାୟୋଗିକ ଭିଁରେ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚନା ହୋଇଥିଲା। ଏହା ସହ ଭାରତୀୟ ସଡ଼କ କଂଗ୍ରେସ ଜର୍ଣ୍ଣାଲ୍କୁ 'ସ୍ପ୍ରିଙ୍ଗର' ଭଳି ଏକ ଅନ୍ତର୍ଜାତୀୟ ପ୍ରକାଶକ ମାଧ୍ୟମରେ ପ୍ରକାଶିତ କରାଯିବା ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯାହାଦ୍ୱାରା ଏହାକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିବା ସହ ଏହା ଅଧିକ ଲୋକଙ୍କ ନିକଟରେ ପହଂଚିପାରିବ। ଏଥିପାଇଁ ଏକ ସ୍ୱତନ୍ତ୍ର ଦଳ ମଧ୍ୟ ଗଠନ କରାଯାଇଛି। ସଭାରେ, ସଡ଼କ ଗବେଷଣାରେ ପ୍ରତିଯୋଗିତାମୂଳକ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ପାଇଁ ଏସଓପି ଅନୁଯାୟୀ ଖସଡ଼ା ପ୍ରସ୍ତୁତି ଉପରେ ଆଲୋଚନା କରାଗଲା। ଏହା ସହିତ ଉନ୍ନତି ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରଚଳିତ ଗବେଷଣା ପ୍ରୟାସ ଯଥା ରିକ୍ଲେମଡ୍ ଆସ୍ଫାଲ୍ଟ ପେଭମେଣ୍ଟ ପାଇଁ ହଟ ରିସାଇକଲଡ ମିକ୍ସ ଡିଜାଇନ ଓ ରାସ୍ତା ନିର୍ମାଣରେ ଫସଫୋଜିପସମର ଅବଶିଷ୍ଟାଂଶକୁ ବିକଳ୍ପ ଓ ସ୍ଥାୟୀ ଉପାଦାନ ଭାବେ ବ୍ୟବହାର ଆଦି ବିଷୟରେ ସମୀକ୍ଷା କରାଗଲା। ଆଇଏଏଚଇ ପକ୍ଷରୁ ଆଇଆରସି କୋଡ୍ ଆଧାରିତ ଶିକ୍ଷା ମଡ୍ୟୁଲ୍ ପ୍ରସ୍ତାବ ରାଖାଯାଇଥିଲା, ଯାହା ବୃତ୍ତିଗତ ଦକ୍ଷତା ବୃଦ୍ଧିକୁ ସହାୟତା କରିବ।

# ଶିକ୍ଷାବିତଙ୍କୁ ନେଇ ବୈଷୟିକ ଅଧିବେଶନ




**ଭୁବନେଶ୍ୱର,୧୦।୧୧ (ମହାଭାରତ):** ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆରମ୍ଭ ହୋଇଯାଇଛି। ଭାରତୀୟ ରୋଡ୍ସ କଂଗ୍ରେସ (ଆଇଆରସି)। ସାରା ଦେଶରେ କିପରି ଉନ୍ନତ ଓ ସୁରକ୍ଷିତ ରାସ୍ତା ନିର୍ମାଣ କରାଯାଇପାରିବ ସେ ନେଇ ଇଞ୍ଜିନିୟର ତଥା ବିଶେଷଜ୍ଞଙ୍କୁ ଏହି ସମ୍ମିଳନୀରେ ଏକାଠି କରାଯାଇଛି। ଏ ନେଇ ଶିକ୍ଷାବିତମାନଙ୍କୁ ନେଇ ଏକ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ସିଭିଲ୍ ଓ ଷ୍ଟ୍ରକ୍‌ଚରାଲ୍ ଇଞ୍ଜିନିୟରିଂ କ୍ଷେତ୍ରର ଉନ୍ନତି ବିଷୟରେ ଆଲୋଚନା କରିବା ପାଇଁ ପ୍ରମୁଖ ବିଶେଷଜ୍ଞ ଏବଂ ଗବେଷକମାନେ ଏହି ଅଧିବେଶନରେ ଏକତ୍ରିତ ହୋଇଥିଲେ। ଏହି ଅଧିବେଶନରେ ପବ୍ଲିକ୍ ୱାର୍କସ୍ ବିଭାଗର ପ୍ରମୁଖ ମୁଖ୍ୟ ଇଞ୍ଜିନିୟର ଉତ୍ତମ ପାରସେକର ଅଧ୍ୟକ୍ଷତା କରିଥିଲେ। ସ୍ଥାୟୀ ଭିତ୍ତିଭୂମି ଗଠନରେ ନବସୃଜନ ଏବଂ ପ୍ରମାଣିକ ଗବେଷଣା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଅଧିବେଶନରେ କେନ୍ଦ୍ରୀୟ ସଡ଼କ ଗବେଷଣା ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଏସ୍. ଭେଲମୁରୁଗାନ୍ ସହ-ଅଧ୍ୟକ୍ଷତା କରିଥିଲେ। ଏହି ଅଧିବେଶନରେ ଦେଶବ୍ୟାପୀ ପ୍ରମୁଖ ପ୍ରତିଷ୍ଠାନରୁ ପ୍ରଖ୍ୟାତ ଶିକ୍ଷାବିତ ମାନଙ୍କ ଦ୍ୱାରା ରିସର୍ଚ୍ଚ ପେପର୍ ଉପସ୍ଥାପନା କରାଯାଇଥିଲା। ଆଇଆଇଟି ତିରୁପତିର ସହାୟକ ପ୍ରଫେସର ଡ଼ ବିଜଲି ବାଲକ୍ରିଷ୍ଣ ନ୍ୟାର୍ଯ୍ୟଦକ୍ଷତା-ଭିତ୍ତିକ ଡିଜାଇନ୍ ଉପରେ ଉପସ୍ଥାପନ କରିଥିଲେ। ସେହିପରି ଆଇଆଇଟି ଖଡ଼ଗପୁରର ପ୍ରଫେସର ଏମ୍. ଅମରନାଥ ରେଡ୍ଡୀ, ଫୁଟପାଥ୍ ଡିଜାଇନ୍ ବିକାଶ ଉପରେ ତାଙ୍କର ଗବେଷଣା ଉପସ୍ଥାପନା କରିଥିଲେ। ହାଇଦ୍ରାବାଦ ପିଲାନିର ସହାୟକ ପ୍ରଫେସର ଅକ୍ଷୟ ଗୁଣ୍ଡଲା ଫ୍ରିକ୍ସନ୍ ମେଜରମେଣ୍ଟ ବିଷୟରେ ଆଲୋଚନା କରିଥିଲେ।

ବିଏମଏସ କଲେଜ ଅଫ୍ ଇଞ୍ଜିନିୟରିଂର ପ୍ରଫେସର ଡକ୍ଟର ଜୟା ଆର. ଶିଙ୍ଗାନମାକ୍କି ଓ ମଞ୍ଜୁନାଥ ଜିଜିବିଏସ୍ ଏବଂ ଫ୍ଲାଏ ଆସ୍‌ର ବାଇନାରୀ ମିଶ୍ରଣ ସହିତ ଜିଓ-ପଲିମର କଂକ୍ରିଟର ପରୀକ୍ଷଣାତ୍ମକ ଏବଂ ଯାନ୍ତ୍ରିକ ସ୍ଥାୟୀତ୍ୱ ଗୁଣ ଉପରେ ଏକ ପେପର୍ ଉପସ୍ଥାପନ କରାଯାଇଥିଲା। ଉପସ୍ଥାପନା ପରେ ବକ୍ତାମାନଙ୍କୁ ସମ୍ମାନିତ କରାଯାଇଥିଲା।

# ଭୋଟର ସୂଚନା ପତ୍ର ଓ ଭୋଟର ମାର୍ଗ ଦର୍ଶିକା ପୁସ୍ତିକା ବିତରଣ

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ମତଦାତାମାନଙ୍କୁ ଉପନିର୍ବାଚନ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶନରେ ବୁଥ ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟର ସୂଚନା ପତ୍ର ଓ ଭୋଟର ମାର୍ଗ ଦର୍ଶିକା ପୁସ୍ତିକା ବିତରଣ କରିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୫୧ ହଜାର ୯୧୯ ଭୋଟର ସୂଚନା ପତ୍ର ଏବଂ ୮୫ ହଜାର ଭୋଟର ମାର୍ଗ ଦର୍ଶିକା ପୁସ୍ତିକା ବିତରଣ କରାଯାଇଛି। ଭୋଟର ତାଲିକାରେ ମତଦାତାଙ୍କ ନାମ, ମତଦାନ କେନ୍ଦ୍ର ସମ୍ପର୍କିତ ସୂଚନା, ଭୋଟଦାନ ତାରିଖ ଏବଂ ସମୟ, ମତଦାନ ସମୟରେ କଣ କରିବେ, ନ କରିବେ, କ୍ୟୁଆର କୋଡ ବ୍ୟବହାରକରି କିପରି ଭୋଟର ବିବରଣୀ ଶୀଘ୍ର ପାଇପାରିବେ ଏ ସମ୍ପର୍କିତ ସୂଚନା ଭୋଟର ସୂଚନା ପତ୍ରରେ ଉପଲବ୍ଧ କରାଯାଇଛି। ଭୋଟର ମାର୍ଗ ଦର୍ଶିକା ପୁସ୍ତିକାରେ ମତଦାତା ମାନେ ସୁବିଧାରେ କେମିତି ଭୋଟ ଦେବେ, ଭୋଟର ପଞ୍ଜୀକରଣ ଯୋଗ୍ୟତା, ଭୋଟର ତାଲିକାରେ ନାମ ଅଛି କି ନାହିଁ ତାହା କେମିତି ଜାଣିବେ, ନିର୍ବାଚନ ନିୟମ ଉଲ୍ଲଂଘନ ଘଟିଲେ କିପରି ଅଭିଯୋଗ କରିବେ, ପୋଷ୍ଟାଲ୍ ବ୍ୟାଲଟ୍ ସୁବିଧା, ନିର୍ବାଚନ ନାମାଙ୍କନ ଓ ପ୍ରାର୍ଥୀ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ସୂଚନା ଉପଲବ୍ଧ ରହିଅଛି। ଭୋଟରମାନେ ୱେବସାଇଟ୍ ତଥା ଭୋଟର ହେଲ୍ପଲାଇନ ଆପ୍ ଦ୍ୱାରା କିପରି ମତଦାନ କେନ୍ଦ୍ର ନିରୂପଣ କରିପାରିବେ ସେ ସମ୍ବନ୍ଧରେ ଏହି ପୁସ୍ତିକାରେ ଉଲ୍ଲେଖ ରହିଛି।

# ଶିରିଡି ସାଇ ଚେତନା ଗବେଷଣା ପ୍ରତିଷ୍ଠାନ ଉଦ୍‌ଘାଟିତ

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ଭୁବନେଶ୍ୱରର ରଘୁନାଥପୁର ଠାରେ ସଦଗୁରୁ ଶିରିଡି ସାଇ ବାବାଙ୍କ ଜୀବନୀ ଉପରେ ବିଶେଷ ଭାବେ ଜାଣିବା ପାଇଁ ବିଶ୍ୱ ସ୍ତରୀୟ ସଂଗଠନ ଅନ୍ତଃରଷ୍ଟ୍ରୀୟ ଶିରିଡି ସାଇ



ଚେତନା ଓ ଗବେଷଣା ପ୍ରତିଷ୍ଠାନ ଆରମ୍ଭ କରାଯାଇଛି। ଯେଉଁଥିରେ ଦେଶବିଦେଶର ବହୁ ଲବ୍ଧ ପ୍ରତିଷ୍ଠିତ ସାଇ ଭକ୍ତମାନେ ଯୋଡି ହୋଇଛନ୍ତି। ଶିରିଡି ସାଇ ବାବାଙ୍କ ଜୀବନ ଦର୍ଶନ କେବଳ ମାନବିକତା ଓ ଶ୍ରଦ୍ଧା ସବୁରୀ ମନ୍ତ୍ରକୁ ସର୍ବଜନ ବିଦିତ କରିବା, ବାବାଙ୍କ ଏକାଦଶ ବାଣୀ ଓ ଉଦିର ରହସ୍ୟ ସମସ୍ତ ଜୀବଜଗତକୁ ପ୍ରେମ ଓ କରୁଣାରେ କିପରି ବାନ୍ଧି ରଖିଛି ତାହାକୁ ଉନ୍ମୋଚନ କରିବା ଏବଂ ବାବାଙ୍କ ଅପାର ମହିମାକୁ ପ୍ରଚାର, ପ୍ରସାର କରିବା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଉଦଘାଟନ ଦିବସରେ ପ୍ରତିଷ୍ଠାନର ମୁଖ୍ୟ ଉପଦେଷ୍ଟା ଭାବେ ବାଗ୍ମୀସ୍ରୀ ଶୋଭାକର ଦାସ ଫତେସିଂ, ଉପଦେଷ୍ଟା ଜନ୍ମେଜୟ ପ୍ରଧାନ ଓ ପଣ୍ଡିତ ସୁଦର୍ଶନ ଦାଶ, ଚେୟାରମ୍ୟାନ ସାଇ ସେବକ ବିଜୟ କୁମାର ପାତ୍ର, ସଭାପତି କେ. ଦିଲ୍ଲୀପ କୁମାର ରାଓ, ଉପସଭାପତି ଆଶିଷ କୁମାର ନାୟକ ଓ ସଞ୍ଜିବ କୁମାର ମିଶ୍ର, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପାଢୀ, ଯୁଗ୍ମ ସମ୍ପାଦିକା ଲକ୍ଷ୍ମୀପ୍ରିୟା ପ୍ରଧାନ, କୋଷାଧ୍ୟକ୍ଷ କୁନଚନ୍ଦ୍ର ପାତ୍ର, ସଦସ୍ୟ ଭାବରେ ନିରୋଦ କୁମାର ରାଉତ ଓ ଗଙ୍ଗାଧର ପୃଷ୍ଟି ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ସମସ୍ତ କର୍ମକର୍ତ୍ତାଙ୍କୁ ଆଇନ ପରାମର୍ଶ ଦାତା ସାଇ ଭକ୍ତ ସିଦ୍ଧାର୍ଥ ଦାଶ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

# କିଟ୍ ଓ କିସ୍‌ରେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ଡ. ରାମଦାସ ଅଠାୱାଲେ ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। କିଟ୍‌ର ସମସ୍ତ



କ୍ୟାମ୍ପସ୍ ଓ କିସ୍‌ର ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ସେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଡ. ଅଠାୱାଲେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି କହିଲେ, ତୁମମାନଙ୍କୁ ଅଚ୍ୟୁତ ସାମନ୍ତ ପାଠ ପଢ଼ିବା ପାଇଁ ଯେଉଁ ସୁଯୋଗ ଦେଇଛନ୍ତି, ତାର ସଦୁପଯୋଗ କର। ପାଠ ପଢ଼ି ଶିକ୍ଷିତ ହୋଇ ନିଜ ପରିବାର, ସମାଜ, ରାଜ୍ୟ ତଥା ଦେଶର ପ୍ରଗତିରେ ଯୋଗଦାନ ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେ କହିଲେ, ମୁଁ ଅଚ୍ୟୁତ ସାମନ୍ତଙ୍କଠାରୁ କିଟ୍ ଓ କିସ୍ ବିଷୟରେ ପୂର୍ବରୁ ବହୁବାର ଶୁଣିଥିଲି। ଆଜି ଏହି ଅନୁଷ୍ଠାନ ପରିଦର୍ଶନ କରିବା ପରେ ଅଚ୍ୟୁତ ସାମନ୍ତ ଜନଜାତିଙ୍କ ବିକାଶ କ୍ଷେତ୍ରରେ ଅଭୂତପୂର୍ବ କାର୍ଯ୍ୟ କରୁଥିବା ମୋର ହୃଦୟଙ୍ଗମ ହୋଇଛି ବୋଲି ଡ. ଅଠାୱାଲେ କହିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସରକାର ସମର୍ପିତ

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଦେଶର ମହିଳା, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଥିବା କହିଛନ୍ତି କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ରାମଦାସ ଅଠାୱଲେ। ଶନିବାର ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି, ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ମୋଦୀ ସରକାର ଅନେକ ଯୋଜନା ଆଣିଛନ୍ତି। ସୁଗମ୍ୟ ଭାରତ ଯୋଜନା ଦିବ୍ୟାଙ୍ଗଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ସହିତ ସେମାନଙ୍କର ଅଧିକାର ସୁରକ୍ଷା ସୁନିଶ୍ଚିତ କରୁଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ଦିବ୍ୟାଙ୍ଗମାନଙ୍କୁ ୧୬ ହଜାରରୁ ଅଧିକ ସାଇକେଲ୍ ଏବଂ ସହାୟତା ଉପକରଣ ଯୋଗାଇ ଦିଆଯାଇଛି। ଦିବ୍ୟାଙ୍ଗଙ୍କ ପାଇଁ ସରକାରୀ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧାକୁ ୩ରୁ ୪%କୁ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି।



ଶ୍ରୀ ଅଠାୱଲେ ଆହୁରି କହିଛନ୍ତି, କେନ୍ଦ୍ର ସରକାର ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ ଅନେକ ଯୋଜନା ଆଣିଛନ୍ତି। ଅବସର ପରେ ସେମାନଙ୍କୁ ରୋଜଗାରକ୍ଷମ କରିବା ଲାଗି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଅନୁରୂପ ଭାବେ ମହିଳାଙ୍କ ପାଇଁ ମଧ୍ୟ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ବିରୋଧୀମାନେ ଆଣିଥିବା ଭୋଟ୍ ଚୋରି ଅଭିଯୋଗ ଖଣ୍ଡନ କରିବା ସହିତ ଏହି ପ୍ରସଙ୍ଗରେ ମତ ରଖି ଶ୍ରୀ ଅଠାୱଲେ କହିଛନ୍ତି, ନିର୍ବାଚନ ଆୟୋଗ ଦେଶର ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବା ଲାଗି ପଦକ୍ଷେପ ନେଉଛନ୍ତି। ଗତ ଲୋକସଭା ନିର୍ବାଚନ ସମୟରେ ବିରୋଧୀ ଦଳଗୁଡ଼ିକୁ ପୂର୍ବାପେକ୍ଷା ଅଧିକ ଆସନ ମିଳିବା ସମୟରେ ଏଭଳି ଅଭିଯୋଗ ଆସିନଥିଲା। ଯେଉଁଠି ବିରୋଧୀ ଦଳ ପରାଜିତ ହେଉଛି ସେଠାରେ ଏଭଳି ଅଭିଯୋଗ ଆସୁଛି। ଇଭିଏମରେ ମତଦାନ ବ୍ୟବସ୍ଥା ପୂର୍ବ ସରକାରଙ୍କ ଅମଳରେ ଆସିଥିଲା। ଏନଡିଏ ସରକାର ଏହି ବ୍ୟବସ୍ଥା କରିନାହାନ୍ତି। ଇଭିଏମକୁ ନେଇ କୌଣସି ଅଭିଯୋଗ ଆଣିବା ଭିତ୍ତିହୀନ। ଭୋଟ୍ ଚୋରି ସମ୍ପର୍କରେ କୌଣସି ଅଭିଯୋଗ ଥିଲେ ତଥ୍ୟ ପ୍ରମାଣ ସହିତ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିବା ଉଚିତ୍ ହେବ ବୋଲି ସେ କହିଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ନିର୍ବାଚନ ଆୟୋଗ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ନିରପେକ୍ଷ ଭାବେ କାମ କରୁଛନ୍ତି ଏବଂ ଆୟୋଗଙ୍କ ଉପରେ ସରକାରଙ୍କର କୌଣସି ପ୍ରଭାବ ନାହିଁ।

# ସ୍କାଉଟ ମାଷ୍ଟର ତାଲିମ ଶିବିର

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ଏବଂ ଆଡ୍‌ଭାନ୍ସଡ ସ୍କାଉଟ ମାଷ୍ଟର ତାଲିମ ଶିବିର (ଉଚ୍ଚବିଦ୍ୟାଳୟ ଶିକ୍ଷକ) ଏକାଦିକ୍ରମେ ଦୁଇ ଗୋଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶିବିରରେ ୧୨ ଗୋଟି ଜିଲ୍ଲାରୁ ବେସିକ୍ ଏବଂ ଆଡଭାନ୍ସଡ ତାଲିମ ପାଇଁ ମୋଟ ୯୪ ଜଣ ସ୍କାଉଟ ମାଷ୍ଟର ଯୋଗଦାନ କରିଛନ୍ତି। ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଦ୍ୟାଳୟରେ ସ୍କାଉଟ ଓ ଗାଇଡ୍ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ଭଲ ସୁନାଗରିକ ଭାବେ ଗଢ଼ିତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ପେଟ୍ରୋଲ୍ ଏକ୍ସପେଡିସନ, ନେଚର ରାମ୍ବଲିଙ୍ଗ, ଆଉଟ ଡୋର ଆକ୍ଟିଭିଟିଜ୍, ମ୍ୟାପିଙ୍ଗ, କମ୍ପାସ୍, ଇଷ୍ଟିମେସନ, କ୍ୟାମ୍ପକ୍ରାଫ୍ଟ ଏବଂ ପ୍ରାଥମିକ ଚିକିତ୍ସା ଆଦିର ତାଲିମ ବରିଷ୍ଠ ତାଲିମ ଦାତା ମାନଙ୍କ ଦ୍ୱାରା ଦିଆଯାଉଅଛି।

# ଜନଜାତି ସଂଗ୍ରହାଳୟରେ ଜନଜାତୀୟ ଗୌରବ ବର୍ଷ

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ଚଳିତ ବର୍ଷ ଜନଜାତୀୟ ଗୌରବ ବର୍ଷ ଉତ୍ସବ ପାଳନ ୧ ନଭେମ୍ବରରୁ ୧୫ ନଭେମ୍ବର ଯାଏଁ ସମଗ୍ର ଦେଶରେ ପାଳନ କରାଯାଉଛି। ଭାରତର ସମୃଦ୍ଧ ଆଦିବାସୀ ଐତିହ୍ୟ, ସଂସ୍କୃତି ଏବଂ ରାଷ୍ଟ୍ର ନିର୍ମାଣରେ ଅବଦାନକୁ ସମ୍ମାନିତ କରିବା ପାଇଁ ସାରା ଦେଶରେ ଏହି ଉତ୍ସବ ପାଳନ କରାଯାଉଛି। ଏହିକ୍ରମରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧିନ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟରେ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ କରାଯାଉଛି। ଏହି ଉପଲକ୍ଷେ ସ୍ୱତନ୍ତ୍ର ଭଗବାନ ବିର୍ସା ମୁଣ୍ଡା ପ୍ୟାଭିଲିୟନ, ବିର୍ସା ମୁଣ୍ଡାଙ୍କ ଜୀବନ ଏବଂ ସଂଘର୍ଷ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ରାଜ୍ୟର ଜନଜାତି ସମୁଦାୟଙ୍କ ଜୀବନ ଓ ସଂସ୍କୃତି ଆଧାରିତ ଫଟୋ ପ୍ରଦର୍ଶନୀ, କୁଲିସ୍ ଜନଜାତିଙ୍କ ଦ୍ୱାରା ବସ୍ତ୍ର ତିଆରି କଳାର ପ୍ରଦର୍ଶନୀ, ଜୁଆଙ୍ଗ ଜନଜାତି ମାନଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଏବଂ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀମାନଙ୍କ ପାଇଁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ବୁଲି ଦେଖିବାର କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜନ କରାଯାଇଅଛି।

# ଜଙ୍ଗଲଜାତ ଦ୍ରବ୍ୟ ଆଦିବାସୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ସହାୟକ ହେବ

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ଲଘୁ ଜଙ୍ଗଲଜାତ ଦ୍ରବ୍ୟ ଶାଳମଞ୍ଜି, ଶାଳପତ୍ର, କେନ୍ଦୁପତ୍ର, ମହୁଆ, ରବର ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟର ଗୁଣାତ୍ମକ ବୃଦ୍ଧି ଓ ଆନ୍ତର୍ଜାତିକ ବଜାରର ସୁଯୋଗ ମିଳିଲେ ଆଦିବାସୀମାନେ ଉପଯୁକ୍ତ ମୂଲ୍ୟ ପାଇବେ ଏବଂ ତାଙ୍କର ଅର୍ଥନୈତିକ ଅଭିବୃଦ୍ଧି ହେବ। ଏଣୁ ଫରେଷ୍ଟ ଷ୍ଟୁଆର୍ଡ କାଉନ୍‌ସିଲ୍ ଜଙ୍ଗଲ ସାର୍ଟିଫିକେଟ କରିବା ସହିତ ଆଦିବାସୀ ଜନଜାତିଙ୍କର ଅଭିବୃଦ୍ଧି ପାଇଁ ଜଙ୍ଗଲଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇବା ପାଇଁ ଆନ୍ତର୍ଜାତିକ ବଜାର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ବୋଲି ଗତ ତା. ୨୬/୧୦୨୦୨୫ ରିଖ ରୁ ଦକ୍ଷିଣ ଆମେରିକାର ପାନେମା ସହରରେ ଆରମ୍ଭ ହୋଇଥିବା ଫରେଷ୍ଟ ଷ୍ଟୁଆର୍ଡ କାଉନ୍‌ସିଲର ଆନ୍ତର୍ଜାତିକ ସାଧାରଣ ଅଧିବେଶନରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରୀୟ ମଜଦୁର କଂଗେଅସର ଉପସଭାପତି ରାମଚନ୍ଦ୍ର ଖୁଂଟିଆ କହିଛନ୍ତି। ଏହି ସମ୍ମିଳନୀ ୨୬ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ, ବିଶ୍ୱ ତାପମାତ୍ରା ବୃଦ୍ଧି, ଜଙ୍ଗଲିଆ ଓ ଜଙ୍ଗଲ ଶ୍ରମିକ ମାନଙ୍କ ସାମାଜିକ ସୁରକ୍ଷା, ୩୬୫ ଦିନ କର୍ମ ସଂସ୍ଥାନ, ସ୍ୱାସ୍ଥ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା, ବର୍ଷା ଜଙ୍ଗଲ ସୁରକ୍ଷା, ଅନୈତିକ, ଅବୈଧ ଗଛ କାଟିବା ଓ ଜଙ୍ଗଲ ନଷ୍ଟ କରିବାର ପ୍ରତିରୋଧ ତଥା ଲଘୁ ଜଙ୍ଗଲ ଜାତ ଦ୍ରବ୍ରଣ ଗୁଣାବତାବୃଦ୍ଧି ଓ ଜାତୀୟ ଆନ୍ତର୍ଜାତିକ ସ୍ତରରେ ବ୍ୟବସାୟ ସୁଯୋଗ ସୃଷ୍ଟି ଆଧିବସୀମାନଙ୍କର ଅର୍ଥନୈତିକ ବୃଦ୍ଧି କରିବା ପାଇଁ ୪୯ ଟି ପ୍ରସ୍ତାବ ଇଲୋକ୍‌ଟ୍ରନିକ୍ ଭୋଟ ମାଧ୍ୟମରେ ପାରିତ ହୋଇଥିଲା। ଏହି ସମ୍ମିଳନୀରେ ପ୍ରାୟ ୬୫ଟି ଦେଶରୁ ୬୦୦ ମାଲିକ, ଠିକାଦାର, ପରିବେଶବିତ୍, ସରକାରୀ ପ୍ରତିନିଧି ଓ ଶ୍ରମିକ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ସୁବାସ ସ୍ୱାଇଁ ଓ ସତ୍ୟବ୍ରତ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଭାରତରୁ ସତ୍ୟବ୍ରତ ନାୟକ, ସୁବାସ ସ୍ୱାଇଁ, ରିଟାଡ୍ ଆଇ.ଏଫ୍.ଏସ୍., ପ୍ରତିଶ୍ ଭାରତ ଖୁଂଟିଆ କେ. ନାଲାମୁଥୁ, ପଥ୍ୱନ କୁମାରଙ୍କ ସମେତ ୨୨ ଜଣ ପ୍ରତିନିଧି ଯୋଗ ଦେଇଛନ୍ତି।

# ଜନଗଣନା ପାଇଁ ବିଏମ୍‌ସିର ପ୍ରସ୍ତୁତି

**ଭୁବନେଶ୍ୱର,୧୦।୧୧ (ମହାଭାରତ):** ୨୦୨୭ ଜନ ଗଣନା ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ଏକାମ୍ର ହଲରେ ଜନଗଣନା ନେଇ ଏକ ପ୍ରାକ୍-ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏମ୍ ସି ଅଂଚଳକୁ ପ୍ରାକ୍-ପରୀକ୍ଷଣ ଭାବେ ଗ୍ରହଣ କରାଯାଇଛି। ଆଜି ମୋଟ ୬୭ ଜଣ ଗଣନାକାରୀ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଥମେ ୨୨ ନମ୍ବର ୱାର୍ଡରେ ଏହା କାର୍ଯ୍ୟକାରୀ ହେବ। କମିଶନର ଚଞ୍ଚଳ ରାଣା ପ୍ରମୁଖ ଜନ ଗଣନା ଅଧିକାରୀ ଭାବେ ରହିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଦେଶରେ ପ୍ରଥମଥର ପାଇଁ ସଂପୂର୍ଣ୍ଣ ଡିଜିଟାଲ ପଦ୍ଧତିରେ ଜନଗଣନା ହେଉଛି। ଏସ୍‌ଇ ପୋର୍ଟାଲରେ ନିଜେ ନିଜର ତଥ୍ୟ ମଧ୍ୟ ଦେଇପାରିବେ। ଗଣନକାରୀମାନେ ଡିଜିଟାଲ ତଥ୍ୟ ସିଏମଏମଏସ୍ ପୋର୍ଟାଲ ସହାୟତାରେ ଗଣନାକାରୀ ମାନେ ତଥ୍ୟ ସଂଗ୍ରହ କରିବେ। ପ୍ରତ୍ୟେକ ଗୃହକୁ ଜିଓ ରେଫେରେନ୍ସ ଡିଜିଟାଲ ମ୍ୟାପିଙ୍ଗ କରିବା, ଜନଗଣନା ତଥ୍ୟର ତୁରନ୍ତ ପ୍ରସାର ଓ କୃତ୍ରିମ ବୁଦ୍ଧିମତା (ଇଓ)ର ବ୍ୟବହାର ମଧ୍ୟ କରାଯିବ। ତେବେ ପ୍ରାକ ପରୀକ୍ଷଣ ରେ ଓଡ଼ିଶାର ଚାରି ଗୋଟି ସ୍ଥାନ ଯାହାକି – ଭୁବନେଶ୍ୱର, କଟକ, ଠାକୁରମୁଣ୍ଡା ଓ ତେନ୍ତୁଲୀ ଖୁଣ୍ଟି ରହିଛି। ସେଗୁଡିକ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ ଅନ୍ୟତମ। ସିଧା ସଳଖ ଭାବେ ବିଏମ୍ ସି ଅଞ୍ଚଳକୁ ନମୁନା ଭାବେ ଚୟନ କରାଯାଇଛି। ବିଏମ୍ ସି ଅଂଚଳରେ ଏହି ପ୍ରାକ୍-ପରୀକ୍ଷଣ ଚଳିତ ମାସ ୧୦ ତାରିଖରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଗଣନାକୀର ଲୋକମାନଙ୍କର ଘରକୁ ପରିଦର୍ଶନ କରି ଗୃହ ନମ୍ବର ଦେବେ ଏବଂ ତଥ୍ୟ ସଂଗ୍ରହ କରିବେ। ଭାରତ ସରକାରଙ୍କର ଏହି ମହାନ ଜାତୀୟ କାର୍ଯ୍ୟକ୍ରମରେ ଜନ ସାଧାରଣ ସହଯୋଗ କରିବା ସହ ସଠିକ୍ ତଥ୍ୟ ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି ବିଏମ୍ ସି କର୍ତ୍ତୃପକ୍ଷ। ପ୍ରଶିକ୍ଷଣରେ ଗଣନାକାରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ ଯୁଗ୍ମ ଜନ ଗଣନା ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ, ଉପ ନିର୍ଦ୍ଦେଶକ ହାରାଧନ କର୍ମୀ ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାହୁ। ଏହି ଜନ ଗଣନା କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗୃହ ଗଣ ଗଣନା କାର୍ଯ୍ୟ କରାଯିବ। ଏପ୍ରିଲ-ସେପଟ୍ଟେମ୍ବର ୨୦୨୬ ମଧ୍ୟରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳଗୁଡିକରେ ଗୃହଗୁଡିକର ଅବସ୍ଥା, ଗୃହରେ ଥିବା ସୁବିଧାସୁଯୋଗ ଓ ଉପକରଣ ଆଦିର ଗଣନା କରାଯିବ। ଏଥିପାଇଁ ନାଗରିକମାନେ ସହଯୋଗ କରିବା ପାଇଁ ବିଏମ୍ ସି ପକ୍ଷରୁ ଅନୁରୋଧ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଜନ ଗଣନା। ଏହା ଫେବୃଆରୀ ୨୦୨୭ ମଧ୍ୟରେ କରାଯିବ।

# ମାତୃଭାଷାର ସୁରକ୍ଷା

ନିଜ ମାତୃଭାଷାର ସୁରକ୍ଷା ନିମନ୍ତେ ଇଟାଲି ସରକାର ଏଭଳି ଏକ ନୂତନ ଆଇନ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଇଂରାଜୀ ଭାଷା ହେଉଛି ବିଶ୍ୱର ସର୍ବାଧିକ କଥିତ ବା ବ୍ୟବହୃତ ଭାଷା। ଆଧୁନୀକ ଶିକ୍ଷାର ଏହା ହେଉଛି ଶ୍ରେଷ୍ଠ ମାଧ୍ୟମ। ତେଣୁ ଏହାକୁ ଉପେକ୍ଷା କରାଯାଇପାରିବନି। କିନ୍ତୁ ଏହାର ସୀମିତ ବ୍ୟବହାର ଆବଶ୍ୟକ। କେବଳ ଶିକ୍ଷା କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି। ଏହାକୁ ଅନ୍ୟ ଦେଶ ବ୍ୟବହାରିକ ଭାଷା ଭାବେ ବିଚାର କରିବା ଅନୁଚିତ। ଜାପାନ, କୋରିଆ, ଚୀନ ଏବଂ ବିଶ୍ୱର ଅନ୍ୟ ବହୁ ସମୃଦ୍ଧ ରାଷ୍ଟ୍ର ଇଂରାଜୀ ଭାଷାର ସୀମିତ ବ୍ୟବହାର ବା ଆଦୌ ବ୍ୟବହାର ନକରି ଆଗକୁ ଯାଇପାରିଛନ୍ତି। ଚୀନ ଓ ଜାପାନର ରାଷ୍ଟ୍ରମୁଖ୍ୟ ବିଦେଶ ଗସ୍ତରେ ଗଲେ ବା କୌଣସି ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଲେ ନିଜ ମାତୃଭାଷାରେ ବକ୍ତବ୍ୟ ପ୍ରଦାନ କରନ୍ତି। ଅନ୍ୟମାନଙ୍କ ବୁଝିବା ପାଇଁ ଜଣେ ଭାଷାନ୍ତର ଜାଣିଥିବା ବ୍ୟକ୍ତିର ଆବଶ୍ରକତା ପଡ଼ିଥାଏ। କିନ୍ତୁ ଭାରତ ବା ଦକ୍ଷିଣ ଏସିଆ ତଥା ଆଫ୍ରିକାର ଅନ୍ୟ ବହୁ ରାଷ୍ଟ୍ରରେ ଇଂରାଜୀକୁ ମାତ୍ରାଧିକ ଗୁରୁତ୍ୱ ଦିଆଯାଉଛି। ଉପମହାଦେଶରେ ଇଂରାଜୀ ଭାଷାରେ ଲେଖା ପଢ଼ା ଜାଣିନଥିବା ବ୍ୟକ୍ତିଙ୍କୁ ମୂର୍ଖ ବୋଲି ବିଚାର କରାଯାଏ ଏବଂ ତାଙ୍କୁ ହେୟଜ୍ଞାନ କରାଯାଇଥାଏ। ଭାରତରେ ଦୁଇ ଶହ ବର୍ଷର ବ୍ରିଟିଶ ଶାସନ କାଳରେ ଇଂରାଜୀ ଭାଷାର ପ୍ରସାର ଏତେ ଗଭୀରକୁ ଯାଇନଥିଲା। ଯଦିଓ ଏହାର ଭିତ୍ତିଭୂମି ସେତେବେଳେ ପଡ଼ିଥିଲା। କିନ୍ତୁ ସ୍ୱାଧୀନତା ପରେ ଭାରତ ସରକାର ଇଂରାଜୀ ଭାଷାକୁ ମାତ୍ରାଧିକ ଗୁରୁତ୍ୱ ଦେଲେ ଏବଂ ବ୍ରିଟିଶ ।ସନ କାଳରେ ଯେପରି ଇଂରାଜୀ ଭାଷା ସରକାରୀ ଭାଷା ଭାବେ ବ୍ୟବହୃତ ହେଉଥିଲା, ଏବେ ବି ସେହି ବ୍ୟବସ୍ଥା ଚାଲିଛି। ଇଂରାଜୀ ଭାଷାରେ ଦୁର୍ବଳ ବ୍ୟକ୍ତି କଦାପି ଉଚ୍ଚ ଶିକ୍ଷା ଲାଭ କରିପାରିବ ନାହିଁ କିମ୍ବା ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇପାରିବ ନାହିଁ। ଭାରତରେ ଶିକ୍ଷାର ମାଧ୍ୟମ ହେଉଛି ଇଂରାଜୀ। ଗତ କିଛି ବର୍ଷ ହେବ ଓଡ଼ିଶା ସମେତ ସମଗ୍ର ଦେଶରେ ଇଂରାଜୀ ମାଧ୍ୟମ ସ୍କୁଲ ଏଭଳି ଛତୁ ଫୁଟିବା ଭଳି ପ୍ରତିଷ୍ଠିତ ହୋଇଛି ଯେ, ଆମ ଦେଶର ପିଲାମାନେ ନିଜ ମାତୃଭାଷାରେ ଲେଖା ପଢ଼ା ଖୁବ କମ କରୁଛନ୍ତି। ନିଜ ମାତୃଭାଷାକୁ ଅନେକ ଭଲଭାବେ ବୁଝିପାରୁନାହାଁନ୍ତି। ମାତୃଭାଷାରେ ପ୍ରକାଶିତ ଖବର କାଗଜ ବା ବହି ପଢ଼ିବା ସେମାନଙ୍କ ମଧ୍ୟରେ ଖୁବ କ୍ୱଚିତ ଦେଖିବାକୁ ମିଳୁଛି। ଫଳରେ ଭାରତରେ ମାତୃଭାଷାଦିନକୁ ଦିନ ରସାତଳଗାମୀ ହୋଇଚାଲିଛି। ଓଡ଼ିଶାରେ ପରିସ୍ଥିତି ଏପରି ହୋଇଛି ଯେ, ଆଉ କିଛି ବର୍ଷ ପରେ ଓଡ଼ିଆ କେବଳ ଏକ କଥିତ ଭାଷା ହୋଇ ରହିଯିବ। ଯେଉଁମାନେ ଇଂରାଜୀ ଶବ୍ଦ ବ୍ୟବହାର ନକରି କଞ୍ଚା ଓଡ଼ିଆ ଭାଷା ବ୍ୟବହାର କରୁଛନ୍ତି, ସେମାନଙ୍କୁ ଗାଉଁଲି ବୋଲି କୁହାଯାଉଛି। ଅବଶ୍ୟ ଦକ୍ଷିଣ ଭାରତରେ ପରିସ୍ଥିତି ଟିକେ ଅଲଗା। ସେଠାରେ ଇଂରାଜୀ ଭାଷାର ପ୍ରଚାର ପ୍ରସାର ସହିତ ମାତୃଭାଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଉଲ୍ଲେଖ ଯୋଗ୍ୟ ଯେ, ଭାରତର ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଆଞ୍ଚଳିକ ଭାଷା ରହିଛି। ଓଡ଼ିଶାରେ ଓଡ଼ିଆ ହେଉଛି ମାତୃଭାଷା। ଇଂରାଜୀ ବା ଅନ୍ୟ ଯେ କୌଣସି ଭାଷା ତୁଳନାରେ ଏହା ଅଧିକ ସମୃଦ୍ଧ। ଓଡ଼ିଆରେ ବହୁ ପୁରାତନ ପୁସ୍ତକ ରହିଛି ଯାହା ବିଶ୍ୱ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ଭାବେ ବିବେଚିତ ହୋଇପାରେ। ସନ୍ଥକବି ଭୀମ ଭୋଇଙ୍କ ରଚନା 'ମୋଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଆଜି ଜାତିସଂଘରେ ସ୍ଥାନ ପାଇଛି। ଭୀମଭୋଇ ଇଂରାଜୀ ଭାଷା ଜାଣିନଥିଲେ। ତାଙ୍କର ପାରମ୍ପରିକ ଶିକ୍ଷାଗତ ଯୋଗ୍ୟତା କିଛି ନଥିଲା।

# ଜଣେ ମହାନ ଆତ୍ମାର ଜନ୍ମ ସମ୍ପର୍କରେ

**॥ ଅନୀତା ପଟ୍ଟନାୟକ ॥**


“ ରାଜାଙ୍କ କଥାଶୁଣି ଓଟରେ ବସି ବିଜ୍ଞଲୋକମାନେ ଚାଲିଲେ ଓ ଆଲୋକକୁ ଅନୁସରଣ କରି ପହଞ୍ଚ ଦେଖିଲେ ଶିଶୁଟିକୁ ଉଜ୍ଜ୍ୱଳ ଆଲୋକ ଆଚ୍ଛାଦିତ କରିଛି। ଭିତରକୁ ଯାଇ ମେରୀ ଓ ଶିଶୁର ପାଦ ପାଖରେ ପୂଜା ପ୍ରାର୍ଥନା କଲେ। ଉପହାର ଅର୍ପଣ କଲେ ଗୋଟିଏ ଛୋଟ ପେଡ଼ିରେ ସୁନା ମୋହର ଓ ଗୋଟିଏ ଚିତ୍ର ଖୋଦେଇ ବାକ୍ସରେ କିଛି ସୁଗନ୍ଧିତ ଗୁଣ୍ଡ ଧୂପ ଓ ଦେହରେ ଲଗାଇବା ପାଇଁ ଗୁଗଳ ତେଲ ଏକ ଛୋଟପାତ୍ରରେ ଦେଲେ। ବିଜ୍ଞଲୋକମାନେ ଈଶ୍ୱରଙ୍କ ଠାରୁ ସତର୍କ ବାଣୀ ପାଇଲେ ଯେପରି ସେମାନେ ରାଜା ହେରେଡଙ୍କ ପାଖକୁ ନଯାଆନ୍ତି।


ହାଯାଏ କର୍ତ୍ତବ୍ୟକୁ ସଠିକ ଭାବେ ନକଲେ ଫଳାଫଳ ଭଲ ହୁଏନାହିଁ। ସମସ୍ତଙ୍କୁ ଭଲଫଳ ଦରକାର। ସେଥିପାଇଁ କର୍ତ୍ତବ୍ୟ ଓ କର୍ମ ଭଲ ହେବା ଦରକାର। କର୍ତ୍ତବ୍ୟ ପାଇଁ ଭକ୍ତି, ଦାନ ଓ ଶୃଙ୍ଖଳା ଦରକାର। କେତେକ ନିୟମର ଧାରା ମାନିବାକୁ ଶୃଙ୍ଖଳା କୁହାଯାଏ। କର୍ମ କରିବାର ଅଦମ୍ୟ ଉତ୍ସାହ ସହିତ ଶୃଙ୍ଖଳା ଦରକାର। କର୍ମ ଯାହା ଉଦ୍ଦେଶ୍ୟରେ କରାଯାଉଛି ସେଥିପ୍ରତି ଭକ୍ତି ଥିବା ଦରକାର। ତେଣୁ କୁହାଯାଏ ଶ୍ରଦ୍ଧା ରହିତ ପ୍ରେମ ପ୍ରମାଦପୂର୍ଣ୍ଣ ଓ ଶ୍ରଦ୍ଧା ସହିତ କର୍ମ ବାଞ୍ଛନୀୟ।

ଡିସେମ୍ବର ମାସ ଆସିଲେ ପୁଷ୍ପାଞ୍ଜଳୀ ଭାରି ଖୁସି ହୁଏ। ବିଭିନ୍ନ ପ୍ରକାରର ଦାମୀ ଦାମୀ ଶୀତ ପୋଷାକ ତାର ବାପା ତାକୁ କିଣି ଦିଅନ୍ତି ଘରକୁ ଛୁଟିରେ ଅନେକ ଲୋକ ଆସନ୍ତି। ସେମାନେ କହନ୍ତି ଯୀଶୁଖ୍ରୀଷ୍ଟଙ୍କର ଜନ୍ମଦିନ ପାଇଁ ଡିସେମ୍ବରଟିକୁ ଖ୍ରୀଷ୍ଟମାସ କୁହାଯାଏ। ପୁଷ୍ପାଞ୍ଜଳୀ ଦେଖେ ସେ ମାସରେ ଲୋକେ ବଡ଼ଦିନ ସଙ୍ଗୀତ ଗାନ କରନ୍ତି। ଯୀଶୁଙ୍କ ଜନ୍ମକୁ ଆଧାର କରି ନାଟକ କରନ୍ତି। ନାନା ପ୍ରକାର ସାଜସଜ୍ଜା ହୁଏ। ଉପହାର, ଅଭିନନ୍ଦନ, କାର୍ଡ଼ର ଆଦାନ ପ୍ରଦାନ ପ୍ରଭୃତି ହୁଏ। ପିଠାପଣା ଓ ମିଠାଇର ଭୋଜି ହୁଏ।

ପୁଷ୍ପାଞ୍ଜଳୀ ଦିନେ ବାପାଙ୍କୁ ପଚାରିଲା ଏକ୍ସମାସ ଶବ୍ଦର ଅର୍ଥ କ'ଣ ? ବାପା କହିଲେ କଣ ସେଥିରୁ ପାଇବୁ କେକ୍ କାଟ ଖାଇବା। ମା'ଙ୍କୁ ପଚାରିବାରୁ ସେ କହିଲେ ମୁଁ ଜାଣିନି। ପୁଷ୍ପାଞ୍ଜଳୀ ବନ୍ଧୁ ଯୋଶେଫ ତାକୁ କହିଲା ମାସ୍ ହେଉଛି ଗୀର୍ଜାରେ ଅନୁଷ୍ଠିତ ହେଉଥିବା ବିଶେଷ ଧରଣର ପ୍ରାର୍ଥନା କାର୍ଯ୍ୟକ୍ରମ 'ଏକ୍ସ' ଶବ୍ଦର ଅର୍ଥ ଗ୍ରୀସରେ ଯୀଶୁଙ୍କ ନାମର ପ୍ରଥମ ଅକ୍ଷର। ଗ୍ରୀରେ 'ଏକ୍ସ'ଟି ଗୋଟିଏ ପବିତ୍ର ଚିହ୍ନ ରୂପେ ବ୍ୟବହୃତ ହୁଏ। ଯୋଶେଫ ବଡ଼ଦିନର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ପୁଷ୍ପାଞ୍ଜଳୀକୁ କହିଲା ଯୀଶୁଙ୍କର ଜନ୍ମତିଥିକୁ ଆମେ ହୃଦୟର ସହ ପାଳନ କରିବା ଦରକାର। ଏହାର ଅର୍ଥ ଯୀଶୁ ଦେଖାଇଥିବା ଆଦର୍ଶ ମାନଙ୍କ ମଧ୍ୟରୁ ଗୋଟିଏ ଦୁଇଟିକୁ ଅଭ୍ୟାସ କରିବା ଦ୍ୱାରା ତାହା ପାଳିତ ହୋଇପାରିଥାଏ। ଯୀଶୁଙ୍କ ଜୀବନ ହେଉଛି ନିଃସ୍ୱାର୍ଥପର ପ୍ରେମପୂର୍ଣ୍ଣ ସେବାର ଏକ କାହାଣୀ। ଲୋକଙ୍କ ସୁଖଦୁଃଖରେ ଭାଗୀ ହୋଇ ଭାଇ ଭାଇ ପରି ବଞ୍ଚିବାକୁ ସେ ଶିକ୍ଷା ଦେଇଥିଲେ। ଯୀଶୁ ଲୋକମାନଙ୍କ ହୃଦୟରେ ବିଶ୍ୱାସ, ଦୟା, ପ୍ରେମ, ସହନଶୀଳତା ଆଦି ଗୁଣମାନ ସଞ୍ଚାର କରିଥିଲେ। ପୁଷ୍ପାଞ୍ଜଳୀ ଯୋଶେଫଙ୍କୁ ପଚାରିଲା ଯୀଶୁ କଣ ବୁଦ୍ଧଙ୍କ ପରିଥିଲେ ? ଯୋଶେଫ କହିଲା ହଁ ସେ ସୁଖ, ସ୍ୱାଚ୍ଛନ୍ଦ୍ୟ, ନିରାପତ୍ତା ଭୋଗ ଉପଭୋଗ ଲୋକଙ୍କ ଶତ୍ରୁତାକୁ ସେ ସାହାସର ସହ ସମ୍ମୁଖୀନ ହୋଇଥିଲେ। କୌଣସି ଚାପରେ ପଡ଼ି ସେ ଆଦର୍ଶକୁ ଛାଡ଼ିନଥିଲେ, ଅହଂକାରକୁ ଦମନ କରିବାରେ ସେ ସକ୍ଷମ ଥିଲେ।

ପୁଷ୍ପାଞ୍ଜଳୀ କହିଲା ମୁଁ ଯୋଶେଫ ଏଥର ବୁଝିଗଲି ଯେଉଁ ମାନଙ୍କର ପାଖରେ ଭଲ ବା ଦିବ୍ୟ ଗୁଣ ଥାଏ ତାହାକୁ ଆମେ ଶ୍ରଦ୍ଧା ଓ ସମ୍ମାନ କରିଥାଉ ସେଥିପାଇଁ ବଡ଼ଦିନ ଛୁଟି ହୋଇଥାଏ। ପୁଷ୍ପାଞ୍ଜଳୀ ଘରକୁ ଫେରି ଯୋଶେଫ କହିଥିବା କଥା ତାର ମାଆଙ୍କୁ କହିବାରୁ ମାଆ ଆଉ ଦୁଇପଦ ଯୋଡ଼ି କହିଲେ ଯୀଶୁଙ୍କର ମାଆଙ୍କ ନାମ ମେରି ଓ ପିତା ନାମ ଯୋଶେଫ। ମେରୀ ଲୋକଙ୍କ ହୃଦୟ ସହ ତୁଳନୀୟ ଓ ଯୀଶୁ ହୃଦୟରେ ଜାତ ହେଉଥିବା ସନ୍ତୋଷ ବା ଆନନ୍ଦ ସହ ତୁଳନୀୟ। ସେଥିପାଇଁ ତୁ ଚିତ୍ରରେ ମେରୀ ସର୍ବଦା ଯୀଶୁଙ୍କୁ କୋଳରେ ଧରିଥିବା ଦେଖିବାକୁ ପାଇବୁ। ଯୀଶୁଙ୍କ ପ୍ରଦତ୍ତ ସଦଗୁଣକୁ ଅଭ୍ୟାସ କରି ଆନନ୍ଦ ଓ ସୁଖ ଲଭିବା ହେଉଛି ତାଙ୍କ ଜନ୍ମ ଦିବସ ପାଳନର ପ୍ରକୃତ ଅର୍ଥ।

ପୁଷ୍ପାଞ୍ଜଳୀ ତାର ବାପାଙ୍କୁ ଯୀଶୁଙ୍କ ଜନ୍ମ କାହାଣୀ କହିବାକୁ କହିଲା। ବାପା କହିଲେ ଯୀଶୁ ଜନ୍ମ ହେବା ପୂର୍ବରୁ ସିଜାର ଅଗଷ୍ଟସ ଆଦେଶ ଜାରି କଲେ ଯେ ରୋମ ରାଜ୍ୟର ସବୁ ଲୋକ ତାଙ୍କ ପୂର୍ବପୁରୁଷ ରହିଥିବା ନିଜ ନିଜ ନଗରକୁ ଯାଇ କର ଦାଖଲ କରିବେ। ତେଣୁ ଯୋଶେଫ ଓ ମେରୀ ନାଜରେଥ ସହରର ଗାଲିଲି ଠାରୁ ବେଥଲହେମ କୁହାଯାଉଥିବା ଡେଭିଡ ସହରର ଜୁଡ଼ାକୁ ବାହାରିଲେ। ଯୋଶେଫ ରାଜା ଡେଭିଡଙ୍କ ବଂଶଧର ଥିଲେ। ମେରୀ ସନ୍ତାନ ସମ୍ଭବା ଥିବାରୁ ଗୋଟିଏ ଗଧ ଉପରେ ବସି ଯାତ୍ରା କଲେ ଓ ଯୋଶେଫ ଚାଲି ଚାଲି ଗଲେ। ବାଟରେ ପଡୁଥିବା ବିଶ୍ରମ ଗୃହ ଲୋକଙ୍କ ଦ୍ୱାରା ପୁରି ଯାଇଥିଲା। ମେରୀ ଓ ଯୋଶେଫ ବିଶ୍ରାମସ୍ଥଳୀ ଖୋଜି ଖୋଜି ବିଫଳ ହେଲେ। ଜଣେ ସରେଇ ରକ୍ଷକ ମେରୀଙ୍କ କ୍ଳାନ୍ତ ମୁଖ ଦେଖି ଦୟାପରବଶ ହୋଇ ସରେଇ ଘର ପଛ ପାଖରେ ଥିବା ଗୋଟିଏ ଘୋଡ଼ା ଶାଳରେ ବ୍ୟବସ୍ଥା କରିଦେଲେ। ମେରୀ ଓ ଯୋଶେଫ କୃତଜ୍ଞତାର ସହ ସେଠାରେ ଆଶ୍ରୟ ନେଲେ ଓ ସେ ଦିନ ରାତିରେ ମେରି ଗର୍ଭସ୍ଥ ଶିଶୁଟିକୁ ଜନ୍ମ ଦେଲେ। ଲୁଗାରେ ଶିଶୁଟିକୁ ଭଲରୂପେ ଗୁଡ଼ାଇ ଦେଇ ସୁରକ୍ଷିତ ନରମ ଘାସରେ ଶଯ୍ୟା ତିଆରି କରି ଘୋଡ଼ା ଖାଇବା କୁଣ୍ଡରେ ଶୁଆଇ ଦେଲେ। ସେ ଦିନ ରାତିରେ ବେଥଲହମ ସହର ସୀମା ବାହାରେ ଦଳେ ମେଷ ପାଳକ ନିଆଁ ଜଳାଇ ତାର ଚାରିପଟେ ବସି ମେଷ ପଲକୁ ଜଗିଥିଲେ। ସେମାନେ ଏକ ଦିବ୍ୟ ଦୃଶ୍ୟ ଦେଖିବାର ସୁଯୋଗ ପାଇଲେ। ହଠାତ ଜଣେ ଦେବଦୂତ ସେମାନଙ୍କ ଆଗରେ ଉଭା ହେଲେ ପ୍ରଭୁଙ୍କ ମହିମାରୁ ଚର୍ତୁଦିଗ ଉଜ୍ଜ୍ୱଳ ଦିଶିଲା। ମେଷ ପାଳକମାନେ ଡରିଯାଇ ପରସ୍ପରକୁ ଜାବୁଡ଼ି ଧରିଲେ। ଦେବଦୂତ କିନ୍ତୁ ସେମାନଙ୍କୁ ନଡରିବାକୁ କହିଲେ। ଦେବଦୂତ କହିଲେ ମୁଁ ତୁମ ପାଇଁ ଶୁଭ ଖବର ଆଣିଛି। ଆଜି ଡେଭିଡ଼ ସହରରେ ଲୋକଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଜନ୍ମ ଗ୍ରହଣ କରିଛନ୍ତି। ସେ କନାରେ ଗୁଡ଼ା ହୋଇ ଘୋଡ଼ା ଖାଇବା କୁଣ୍ଡରେ ଶୋଇଥିବ। ତୁମେମାନେ ଦେଖି ପାରିବ। ହଠାତ୍ ଦଳେ ଦେବଦୂତ ଈଶ୍ୱରଙ୍କୁ ସ୍ତୁତି କରି ସେଠାରେ ପହଞ୍ଚିଲେ ସେମାନେ କହୁଥାନ୍ତି ଈଶ୍ୱରଙ୍କର ଜୟ ହେଉ ଲୋକ ମାନଙ୍କର ଶାନ୍ତି ଓ ମଙ୍ଗଳ ହେଉ। ମେଷପାଳ ମାନେ ସେଠାରୁ ଦୌଡ଼ିଲେ। ବହୁ କଷ୍ଟରେ ଘୋଡ଼ାଶାଳଟିକୁ ପାଇଲେ। ସେଠାରେ ମେରୀ ଯୋଶେଫ ଓ କୁଣ୍ଡରେ ଶୋଇଥିବା ଶିଶୁକୁ ଦେଖିଲେ। ମେଷପାଳକ ମାନେ ଭକ୍ତିରେ ଆଣ୍ଠୁମାଡ଼ି ବସିଲେ ଓ ଦେବଦୂତ ମାନଙ୍କ କଥା ମେରୀ ଓ ଯୋଶେଫଙ୍କ ଆଗରେ ବଖାଣିଲେ। ଭଗବାନଙ୍କର ଦିବ୍ୟ ଲୀଳାରେ ଆଶ୍ଚର୍ଯ୍ୟ ହୋଇ ପ୍ରଶଂସା କରି ତାଙ୍କର ମହିମା ପ୍ରଶସ୍ତି ଗାନ କରି ଚାଲି ଆସିଲେ।

ବେଥଲହାମରେ ଯୀଶୁ ଯେଉଁ ଦିନ ଜନ୍ମ ଲାଭ କରିଥିଲେ ସେଠିକାର ରାଜା ହେରେଡଙ୍କ ପାଖରେ ଦଳେ ଜ୍ଞାନୀ (ଜ୍ୟୋତିଷ) ଲୋକ ଆସି ପହଞ୍ଚିଲେ। ସେମାନେ ଜେରୁଜରମର ପ୍ରଧାନ ସହରକୁ ଯାଉଥିଲେ। ଯେଉଁ ଆକାଶରେ ପୂର୍ବରୁ କିଛି ନଥିଲା ସେଠାରେ ସେମାନେ ଏକ ଉଜ୍ଜ୍ୱଳ ଆଲୋକ ସେମାନେ ଦେଖିଥିଲେ। ତେଣୁ ସେମାନେ ପଚାରି ପଚାରି ଆସିଲେ ଯିହୁଦୀ ମାନଙ୍କର ଯିଏ ରାଜା ସେ କେଉଁଠି ଜନ୍ମ ଗ୍ରହଣ କରିଛନ୍ତି। ଆମେ ତାଙ୍କର ଉଜ୍ଜ୍ୱଳ ଆଲୋକକୁ ପୂର୍ବ ଦିଗରେ ଦେଖିଲୁ ଓ ତାଙ୍କୁ ପୂଜା କରିବାକୁ ଆସିଛୁ। ରାଜା ହେରେଡ ବଡ଼ ଅଡୁଆରେ ପଡ଼ିଗଲେ ସେ ମୁଖ୍ୟ ପୁରୋହିତ ଓ ଅମାତ୍ୟ ମାନଙ୍କୁ ଡାକି ଯୀଶୁ କେଉଁଠାରେ ଜନ୍ମ ଗ୍ରହଣ କରିବେ ପଚାରିଲେ ସେମାନେ କହିଲେ ଜୁଡ଼ାର ବେଥେଲହାମ ଠାରେ। ରାଜା ହେରଡ଼ଙ୍କ ମନରେ ଶାନ୍ତି ରହିଲା ନାହିଁ। ପଦବୀ ହରାଇବା ଭୟରେ ମନେ ମନେ ଖୁବ ରାଗିଲେ ଓ ଭାବିଲେ ଏ ପିଲାଟି କିଏ ? ଯାହା ପାଇଁ ଏତେ ବିଜ୍ଞଲୋକ ପୂର୍ବ ଦିଗରୁ ଆସି ପହଞ୍ଚଛି ବିଜ୍ଞ ଲୋକଙ୍କୁ ଡାକି ସେ ଗୋପନରେ କହିଲେ ବେଥଲହାମ ଯାଅ, କଷ୍ଟହେଉ ପଛେ ଶିଶୁକୁ ଖୋଜ ଓ ତାକୁ ପାଇସାରି ମତେ ଖବର ଦିଅ ମୁଁ ତାକୁ ପୂଜା କରିବି।

ରାଜାଙ୍କ କଥାଶୁଣି ଓଟରେ ବସି ବିଜ୍ଞଲୋକମାନେ ଚାଲିଲେ ଓ ଆଲୋକକୁ ଅନୁସରଣ କରି ପହଞ୍ଚ ଦେଖିଲେ ଶିଶୁଟିକୁ ଉଜ୍ଜ୍ୱଳ ଆଲୋକ ଆଚ୍ଛାଦିତ କରିଛି। ଭିତରକୁ ଯାଇ ମେରୀ ଓ ଶିଶୁର ପାଦ ପାଖରେ ପୂଜା ପ୍ରାର୍ଥନା କଲେ। ଉପହାର ଅର୍ପଣ କଲେ ଗୋଟିଏ ଛୋଟ ପେଡ଼ିରେ ସୁନା ମୋହର ଓ ଗୋଟିଏ ଚିତ୍ର ଖୋଦେଇ ବାକ୍ସରେ କିଛି ସୁଗନ୍ଧିତ ଗୁଣ୍ଡ ଧୂପ ଓ ଦେହରେ ଲଗାଇବା ପାଇଁ ଗୁଗଳ ତେଲ ଏକ ଛୋଟପାତ୍ରରେ ଦେଲେ। ବିଜ୍ଞଲୋକମାନେ ଈଶ୍ୱରଙ୍କ ଠାରୁ ସତର୍କ ବାଣୀ ପାଇଲେ ଯେପରି ସେମାନେ ରାଜା ହେରେଡଙ୍କ ପାଖକୁ ନଯାଆନ୍ତି। ତେଣୁ ସେମାନେ ନିଜ ରାଜ୍ୟକୁ ଫେରିଗଲେ। ଜୋଶେଫ ସ୍ୱପ୍ନରେ ଦେଖିଲେ ଦେବଦୂତ ଉଭା ହୋଇ କହୁଛନ୍ତି ଉଠି ପଡ଼ ଏ ଛୋଟ ଶିଶୁ ଓ ମାକୁ ନେଇ ଇଜିପ୍ଟ ପଳାଇ ଯାଅ ମୁଁ ଖବର ନଦେବା ପର୍ଯ୍ୟନ୍ତ ସେଠାରେ ରହ କାରଣ ହେରଡ଼ ରାଜା ଶିଶୁକୁ ମାରଦେବ। ଯୋଶେଫ ନିଦରୁ ଉଠି ମେରିଙ୍କ ଆଗରେ ସ୍ୱପ୍ନ କଥା କହିଲେ ଓ ତତ୍‌କ୍ଷଣାତ ଜିନିଷପତ୍ର ଧରି ଯାତ୍ରା ପାଇଁ ପ୍ରସ୍ତୁତ ହେଲେ। ଶିଶୁ ଉଷୁମ କନାରେ ଗୁଡ଼ାଇ ଦେହରେ ଜାକି ଧରି ଗୋଟିଏ ଗଧପିଠିରେ ବସି ରାତି ଥାଉ ଥାଉ ନିର୍ଜନ ଜଙ୍ଗଲ ରାସ୍ତା ଦେଇ ଇଜିପ୍ଟରେ ପହଞ୍ଚିଲେ।

ହେରେଡ ଜାଣିଲେ ବିଜ୍ଞ ଲୋକମାନେ ଚାଲାକି କରିଛନ୍ତି ସେ ଗର୍ଜନ କରି କହିଲେ, ଶିଶୁକୁ ମୋ ସିଂହାସନ ଦଖଲ କରିବାକୁ ଦେବିନାହିଁ ଓ ବେଥଲହମ ଓ ତାର ଆଖପାଖ ଅଞ୍ଚଳରେ ଦୁଇ ବର୍ଷ ଓ ତା ତଳକୁ କମ ବର୍ଷର ପିଲାଙ୍କୁ ମାରିବାକୁ ଆଦେଶ ଦେଲେ। କିଛି ଦିନ ପରେ ରାଜା ହେରେଡ଼େ ମରିଯିବା ପରେ ଇଜିପ୍ଟରେ ଦେବଦୂତ ସ୍ୱପ୍ନରେ କହିଲେ ତୁମେ ବର୍ତ୍ତମାନ ଶିଶୁ ଓ ମା ସହ ଇସ୍ରାଏଲ ଚାଲିଯାଅ। ସେହି ଅନୁସାରେ ସେମାନେ ବଣ ଜଙ୍ଗଲ ମରୁଭୂମି ଦେଇ ଇସ୍ରାଏଲ ଗଲେ ଓ ଶିଶୁ ନିରାପଦ ଜାଣି ସେମାନେ ଖୁସି ହେଲେ। ସେମାନେ ପୁନଶ୍ଚ ନାଜାରେଖ ନଗରୀ ଗାଲିଲୀସ୍ଥିତ ନିଜ ଘରେ ବାସ କରିବାକୁ ଫେରି ଆସିଲେ। ପୁଷ୍ପାଞ୍ଜଳୀ କହିଲା ବାପା କୃଷ୍ଣଙ୍କ ଜନ୍ମ ପରି ରାଜା ହେରେଡ଼ କ'ଣ କଂସ ଥିଲା ? ହେଲେ ତାର ମରିବା ଓ କଂସର ମରିବା ଅଲଗା।


ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬


# ଯୋଗ୍ୟତାର ମାପକାଠି: କେତେ ସଠିକ୍

**॥ ଅଧ୍ୟାପକ ଗୋପବନ୍ଧୁ ॥**

ରାଷ୍ଟ୍ର ପରିଚାଳନାରେ ଯୋଗ୍ୟ ବ୍ୟକ୍ତିଙ୍କ ଆବଶ୍ୟକତା ଯଥେଷ୍ଟ ରହିଛି । ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ପାଇଁ ରାଷ୍ଟ୍ର ମାନଦଣ୍ଡ ତିଆରି କରିଥାଏ । ଆମ ଦେଶରେ ମଧ୍ୟ ବିଭିନ୍ନ ପଦପଦବୀଙ୍କ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏ। ଶିକ୍ଷା କ୍ଷେତ୍ରରେ ଏଡମିଶନ୍ ପାଇଁ ଯୋଗ୍ୟଙ୍କ ଚୟନ ହୁଏୟ ଯେଉଁମାନେ ଚୟନରେ ଅଗ୍ରଣୀ ହୁଅନ୍ତି ତାଙ୍କୁ ମେଧାବୀ କୁହାଯାଏ । ଚାକିରୀ କ୍ଷେତ୍ରରେ ମଧ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏୟ ଯେଉଁମାନେ ଦେଶର ପ୍ରଶାସନିକ ବୈଷୟିକ, କାରିଗରୀ, ଚିକିତ୍ସା, ନ୍ୟାୟପାଳିକା ପ୍ରଭୃତି ଦାୟିତ୍ୱ ତୁଲାନ୍ତି । ସେ ଚାକିରୀ ହେଉ କି ଶିକ୍ଷା ହେଉ, ଦେଶର ନାଗରିକ ଚାହାଁନ୍ତି ଯେ ଯେଉଁମାନେ ଯୋଗ୍ୟ ଓ ରାଷ୍ଟ୍ର ଗଠନରେ ପାରଦର୍ଶୀ ସେମାନେ ମନୋନୀତ ହୁଅନ୍ତୁ । ଏହି ପ୍ରକାର ବ୍ୟକ୍ତିମାନଙ୍କ ଚୟନ ପାଇଁ ଯେଉଁ ମାନଦଣ୍ଡ ତିଆରି ହୁଏ ତାହା ସଠିକ ହେବା ଆବଶ୍ୟକ । ଯେଉଁ ମାନଦଣ୍ଡ ଦ୍ୱାରା ପ୍ରକୃତ ଜ୍ଞାନୀ, ରାଷ୍ଟ୍ରବାଦୀ, ମାନବବାଦୀ, ସ୍ୱଚ୍ଛୋଟ, କର୍ମଠ, ପ୍ରଗତିବାଦୀ ଓ ସମାଜ ପ୍ରତି ସମର୍ପିତ ବ୍ୟକ୍ତିମାନେ ମନୋନୀତ ହୋଇପାରିବେ ।

କିନ୍ତୁ ବେଳେ ବେଳେ ମନେହୁଏ ଆମ ଦେଶରେ ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ସଠିକ ମାନଦଣ୍ଡ ନାହିଁ। ଯେଉଁ ସମସ୍ତ ବିଷୟକୁ ମାନଦଣ୍ଡ ରୂପେ ଗ୍ରହଣ କରାଯାଇଛି, ତାହା ଦ୍ୱାରା ସଠିକ ବ୍ୟକ୍ତିମାନେ ମନୋନୀତ ହୋଇପାରୁ ନାହାଁନ୍ତି ବୋଲି କେତେକେ ଅଭିଯୋଗ କରନ୍ତି। ସଠିକ ବ୍ୟକ୍ତିମାନେ ଯଦି ସମସ୍ତ କ୍ଷେତ୍ରରେ ମନୋନୀତ ହେଉଥାନ୍ତେ, ତେବେ ଦେଶର ଶାସନ ଓ ପ୍ରଶାସନରେ ଏତେ ଭ୍ରଷ୍ଟାଚାର ଓ ଅପାରଗତା ଦେଖାଦେଉ ନଥାନ୍ତା ।କୌଣସି କାମ ପାଇଁ ଉତ୍କୋଚ ଦେବା ପାଇଁ ପଡୁ ନଥାନ୍ତା । ଗୋଟିଏ ଟେବୁଲରୁ ଆଉ ଗୋଟିଏ ଟେବୁଲକୁ ଫାଇଲ ଯିବା ପାଇଁ ମାସମାସ ସମୟ ଲାଗୁ ନଥାନ୍ତା । ରାସ୍ତା ତିଆରି ହେବାର ୬ ମାସ ନପୂରୁଣୁ ତାହା ନଷ୍ଟ ହୋଇଯାଉ ନଥାନ୍ତା । ତିଆରି ନସରୁଣୁ ପୋଲ ଭୁଶୁଡ଼ି ପଡୁ ନଥାନ୍ତା। ଭୁଲ ଇଞ୍ଜେକସନ୍ ଓ ଭୁଲ ରକ୍ତ ପ୍ରଦାନ ଯୋଗୁଁ ରୋଗୀ ମରୁ ନଥାନ୍ତେ । ଶିକ୍ଷା କ୍ଷେତ୍ରରେ ଦେଶ ଏତେ ପଛରେ ପଡ଼ି ନଥାନ୍ତା । ଭୋକିଲା ସୂଚକାଙ୍କରେ ଭାରତ ୧୧୧ ତମ ସ୍ଥାନରେ ନଥାନ୍ତାୟ ଯୋଗ୍ୟତାର ମାପକାଠିରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀମାନେ ଉତ୍କୋଚ ନେଇ ଧରାପଡୁ ନଥାନ୍ତେ । ଏମାନେ ଦେଶର ଗୁପ୍ତ ତଥ୍ୟକୁ ବିକ୍ରୀକରୁ ନଥାନ୍ତେ । ନ୍ୟାୟପାଳିକାରେ କୋଟି କୋଟି କେଶ ଫୈସଲା ନହୋଇ ବର୍ଷ ବର୍ଷଧରି ପଡିରହୁ ନଥାନ୍ତା । ଦେଶରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହେଉ ନଥାନ୍ତା । ଏସମସ୍ତ ବିଷୟ ଦୈନିକ ଖବରକାଗଜରେ ଦେଖିଲା ପରେ ମନେହୁଏ ନାହିଁ ଯେ ଦେଶ ଯୋଗ୍ୟ ଲୋକଙ୍କ ହାତରେ ଅଛି ।

ଦେଶରେ ଯେଉଁ ଯୋଗ୍ୟତାର ମାନଦଣ୍ଡ ନିର୍ଣ୍ଣୟ ହୋଇଛି, ତାହା ପର୍ଯ୍ୟାପ୍ତ ପରି ମନେହୁଏ ନାହିଁ । ଶିକ୍ଷା କ୍ଷେତ୍ରରେ ସେହିମାନେ ଯୋଗ୍ୟ ଯେଉଁମାନେ ଅଧିକ ମନେରଖି ପାରନ୍ତି ଓ ଏହାକୁ ଠିକଭାବେ ଲେଖିପାରନ୍ତି । ଅର୍ଥାତ ଶିକ୍ଷାରେ ଘୋଷିବା ଓ ଲେଖିବା ଯୋଗ୍ୟତାର ମାନଦଣ୍ଡ । ଏଥିରେ ସୃଜନଶୀଳତା ଓ ଉତ୍କୃଷ୍ଟ ନୂତନତାର ଅନ୍ୱେଷଣ ମୁଖ୍ୟ ମାନଦଣ୍ଡ ଭାବେ ଗୃହିତ ହୁଏ ନାହିଁ । ପରୀକ୍ଷା ପରେ ଛାତ୍ରଛାତ୍ରୀ ମାନଙ୍କୁ ଯେଉଁ ଯୋଗ୍ୟତାର ପ୍ରମାଣପତ୍ର ମିଳେ ତାହା କେବଳ ତାର ସ୍ମୃତିର ମାନକ ହୋଇଥାଏ । ଏହା ତାର ମାନସିକତାର ଓ ପ୍ରୟୋଗାତ୍ମକ ଦକ୍ଷତାର ପ୍ରକୃତ ପରିମାପକ ନୁହେଁ । ସେହିପରି ବିଭିନ୍ନ ଚାକିରୀ ପାଇଁ ଯେଉଁ ପରୀକ୍ଷା ଓ ଏହାର ମାନଦଣ୍ଡ ଗ୍ରହଣ କରାଯାଏ ତାହା ମଧ ସମ୍ପୂର୍ଣ୍ଣ ମାନକ ରୁପେ ବିବେଚିତ ହୁଏ ନାହିଁ । ଏଥିରେ ମଧ ଘୋଷିବା ଓ ଲେଖିବା ଉପରେ ପ୍ରାଧାନ୍ୟ ଦିଆଯାଏ । ସାକ୍ଷାତକାର ପରୀକ୍ଷାରେ ମଧ ଜଣକର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣଭାବେ ପରିସ୍ଫୁଟ ହେଲାପରି ମନେହୁଏ ନହିଁ । ଚାକିରୀ ଚୟନ କ୍ଷେତ୍ରରେ ଜଣକର ସଚ୍ଚୋଟତା, ମାନବିକତା, ନୈତିକତା, ରାଷ୍ଟ୍ରୀୟ ଭାବନା, ବୈଜ୍ଞାନିକ ଚେତନା, ସୃଜନଶୀଳତା, ବିଭିନ୍ନ କ୍ଷେତ୍ରରେ ପ୍ରୟୋଗାତ୍ମକ ଜ୍ଞାନ ଇତ୍ୟାଦିକୁ ଗୁରୁତ୍ୱ ଦିଆଯାଏ ନାହିଁ । ଫଳରେ ଯେଉଁମାନେ ଚାକିରୀ କ୍ଷେତ୍ରକୁ ପଶି ଆସନ୍ତି ସେମାନେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରନ୍ତି ନାହିଁ ।

ଅନେକ ସମୟରେ ଯୋଗ୍ୟତାର ଆଲୋଚନା ସମୟରେ ସୁପାରିଶ ଓ ପୂର୍ବଧାରଣାକୁ ବିଚାରର ପରିସରଭୁକ୍ତ କରଯାଏ ନାହିଁ। ଏବେବି ଅନେକଙ୍କ ଧାରଣା ଯେ ଯୋଗ୍ୟତା ଜାତି ଆଧାରରେ ଆସେୟ । ସମାଜର ତଥାକଥିତ ଉଚ୍ଚ ଜାତିର ଲୋକମାନେ ଜନ୍ମଗତ ଭାବେ ଯୋଗ୍ୟ । ଅନ୍ୟମାନେ ଅଯୋଗ୍ୟ । ଏ ପ୍ରକାର ଅବଧାରଣା ହଜାର ହଜାର ବର୍ଷଧରି ରହିଆସିଛି । ସମାଜ ତଳ ସ୍ତରର ଲୋକମାନଙ୍କ ଯୋଗ୍ୟତାକୁ ଏଯାଏଁ ସ୍ୱୀକାର କରିପାରି ନାହିଁ । ଯେଉଁମାନେ ବି ଯୋଗ୍ୟ ବାହାରିଛନ୍ତି ତାଙ୍କ ଯୋଗ୍ୟତାକୁ ନଷ୍ଟ କରିଦେବାର ବ୍ୟବସ୍ଥା ମଧ ହୋଇଛି । ରାମାୟଣରେ ସମ୍ବୁକ ଓ ମହାଭାରତରେ ଏକଲବ୍ୟ ଏହାର ଉଦାହରଣ । ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ଏ ମାନସିକତା ଏବେବି ରହିଛି । ଯୋଗ୍ୟତା ଚୟନ କ୍ଷେତ୍ରରେ ସୁପାରୀଶ ଓ ଭାଇଭତିଜାବାଦ ପ୍ରବଳ ମାତ୍ରାରେ ରହିଛି । ଯେଉଁମାନେ ପ୍ରଶ୍ନପତ୍ର ତିଆରି କରିବେ, ଯେଉଁମାନେ ଖାତା ଦେଖିବେ, ଯେଉଁମାନେ ସାକ୍ଷାତକାର ପରୀକ୍ଷାରେ ପରୀକ୍ଷକ ଭାବେ ବସିବେ, ଯେଉଁମାନେ ମେରିଟ ତାଲିକା ପ୍ରସ୍ତୁତ କରିବେ ତାଙ୍କ ସମ୍ପର୍କୀୟ ମାନେ ଅନେକ ସମୟରେ ଅନୁକମ୍ପା ପାଇବାର ମଧ ଅଭିଯୋଗ ଆସେ ।

ଯୋଗ୍ୟତା ଚୟନ କ୍ଷେତ୍ରରେ ସଂରକ୍ଷଣ ମୁଖ୍ୟ ପ୍ରତିବନ୍ଧକ ବୋଲି ଅନେକେ ଅଭିଯୋଗ କରିଆସିଛନ୍ତି । ଏମାନେ ଅଳ୍ପ ନମ୍ବର ରଖି ଶିକ୍ଷାନୁଷ୍ଠାନରେ ଆଡମିଶନ ଓ ଚାକିରିରେ ନିଯୁକ୍ତି ପାଉଥିବା ଅଭିଯୋଗ ହୁଏ । କିନ୍ତୁ ବେସରକାରୀ ଅନୁଷ୍ଠାନରେ ଧନୀ ବର୍ଗର ପିଲାମାନେ ଆହୁରି କମ ନମ୍ବର ରଖି ଡୋନେସନ ଦେଇ ଆଡମିଶନ ହେଲେ କିମ୍ବା ସୁପାରିଶ ମାଧମରେ ନିଯୁକ୍ତି ପାଇଲେ ତାହା ଯୋଗ୍ୟତା ହାନି ଘଟାଏ ବୋଲି ଅଭିଯୋଗ ହୁଏ ନାହିଁ । ଯେଉଁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ ଅଯୋଗ୍ୟ ବୋଲି ଅଭିଯୋଗ କରାଯାଏ ସେମାନେ ମନେରଖିବା ଓ ଲେଖିବା କ୍ଷେତ୍ରରେ ଦୁର୍ବଳ ହୋଇଥାଇ ପାରନ୍ତିୟ କାରଣ ଜଣେ ସମସ୍ତ ସୁବିଧା ପାଇ ପ୍ରାରମ୍ଭରୁ ଇଂରାଜୀ ମାଧମ ସ୍କୁଲରୁ ଶିକ୍ଷାଲାଭ କରିଥିବା ପିଲା ଇଂରାଜୀରେ ଭଲ ଲେଖିବା ଓ କହିବା ସ୍ୱାଭାବିକ । କିନ୍ତୁ ଜଣେ ପିଲାଦିନୁ ଅଭାବ ଅନାଟନ ମଧରେ ଗାଁ ସ୍କୁଲରେ ଦୁଇ ତିନୋଟି ଭାଷା ଶିଖିବା ପରେ ଇଂରାଜୀ ଭାଷା ଶିଖିଥିଲେ ସେ ଏଥିରେ ଏତେ ପାରଙ୍ଗମ ହୋଇପାରିବ ନହିଁ । ଏପରି କ୍ଷେତ୍ରରେ ସେ ମାଧବୀ ବା ଯୋଗ୍ୟ ନୁହେଁ ବୋଲି କହିବା ଉଚିତ୍ ହେବ ନାହିଁ।

ତୁଳନାତ୍ମକଭାବେ ବିଚାର କଲେ ସଂରକ୍ଷିତ ବର୍ଗରୁ ଯେଉଁମାନେ ଆସନ୍ତି ସେମାନେ କର୍ମଠ, ସଚ୍ଚୋଟ, ମାନବବାଦୀ, ରାଷ୍ଟ୍ରବାଦୀ ଓ ନୈତିକତାବାଦୀ ମଧ୍ୟ । ଏମାନେ କୃଷି କାର୍ଯ୍ୟରେ ପାରଙ୍ଗମ, ନିଜ କୌଳିକ ବୃତ୍ତିରେ ପାରଙ୍ଗମ, ରାସ୍ତା ତିଆରି ଓ ଘର ତିଆରିରେ ପାରଙ୍ଗମ, ଲୁହାକାମ, କାଠକାମ, ମାଟିକାମ ଇତ୍ୟାଦିରେ ପାରଙ୍ଗମ। କିନ୍ତୁ ଏମାନଙ୍କ ଏ ଯୋଗ୍ୟତାକୁ ମେଧାବୀ ଚୟନର ମାନଦଣ୍ଡ ରୂପେ ଗ୍ରହଣ କରାଯାଏ ନାହିଁ । ମହା ନଗରୀରେ ବଢ଼ିଥିବା ଜଣେ ପରୀକ୍ଷାର୍ଥୀ ଯେକି ଧାନଗଛ କେବେ ଦେଖିନାହିଁ, ସେ ବହିପଢ଼ି ମନେ ରଖି ଏହାକୁ ସୁନ୍ଦରଭାବେ ଖାତାରେ ଲେଖିଦେଇ ପାରେ, କିନ୍ତୁ ଯେଉଁ ପିଲା ଜୀବନସାରା ବାପାଙ୍କୁ ଧାନ ଚାଷରେ ସାହାଯ୍ୟ କରି ଆସିଛି ସେ ଏହାକୁ ଠିକଭାବେ ଲେଖି ନପାରେ, କିନ୍ତୁ ଏଠାରେ ଚାଷୀଘର ପିଲାଟି ହିଁ ଅଧିକ ମେଧାବୀ ରୂପେ ପରିଗଣିତ ହେବା ଉଚିତ । ଯୋଗ୍ୟତା ସମ୍ବନ୍ଧରେ ବିଶିଷ୍ଟ ସମାଜବାଦୀ ନେତା ରାମମନୋହର ଲୋହିୟା ଦେଇଥିବା ଉକ୍ତିଟି ଯଥାର୍ଥ । ସେ କହିଥିଲେ ଜଣେ ପ୍ରାଚୁର୍ଯ୍ୟ ଓ ସମସ୍ତ ସୁବିଧା ମଧରେ ବଢ଼ିଥିବା ପିଲା ଶତକଡା ୮୦ ନମ୍ବର ରଖିବା ଯାହା, ଜଣେ ଅଭାବ ଅନାଟନ ଓ ଅସୁବିଧା ମଧରେ ବଢ଼ିଥିବା ଗାଉଁଲି ପିଲା ଶତକଡ଼ା ୪୦ ନମ୍ବର ରଖିବା ତାହା । ତେଣୁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ କଦାପି ଅଯୋଗ୍ୟ ବୋଲି କୁହାଯାଇ ପାରିବ ନାହିଁ।

# କମିବ ପିଲାଙ୍କ ମାନସିକ ଚାପ

**॥ ଅଲେଖ ଚନ୍ଦ୍ର ସାମଲ ॥**

ପରୀକ୍ଷା ସମୟରେ ପିଲାଙ୍କ ମନରେ ଭୟ ଏକ ସ୍ୱାଭାବିକ କଥା। ଭଲ ପାଠ ପଢୁଥିବା ପିଲା ହୁଅନ୍ତୁ ଅବା କମ ପାଠ ପଢୁଥିବା ପିଲା, ସମସ୍ତଙ୍କ ମନରେ ପରୀକ୍ଷା ପାଖେଇଲେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ। ଅନେକ ପିଲା ମଧ ମାନସିକ ସନ୍ତୁଳନ ହରାଇ ଦିଅନ୍ତି। ଏହାପଛର ଆଉ ଏକ ବଡ଼ କାରଣ ହେଉଛି ବାପା-ମାଆ, ପରିବାର କ'ଣ କହିବେ? କାରଣ ଆଜିକାଲି ପାଠ ପଢ଼ାକୁ ନେଇ ଛାତ୍ରଛାତ୍ରୀଙ୍କ ଅପେକ୍ଷା ଅଭିଭାବକମାନେ ଅଧିକ ଚିନ୍ତାରେ। ସେମାନେ ଘରେ ଏପରି ଏକ ମାହୋଲ ତିଆରି କରୁଛନ୍ତି ଯାହାର ପ୍ରଭାବ ସିଧାସଳଖ ପଡୁଛି ପିଲାଙ୍କ ମାନସିକ ସ୍ତରରେ। ଶିକ୍ଷା ବ୍ୟବସ୍ଥାରେ ମଧ ଏ ନେଇ ନିୟମିତ ପରିବର୍ତ୍ତନ ଅଣାଯାଉଛି। ପାଠ୍ୟକ୍ରମ ବୋଝ କମ ସହ ପ୍ରଶ୍ନପତ୍ରକୁ ମଧ ଆହୁରି ସହଜ ଓ ସରଳ କରାଯାଉଛି। ଏହା ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ଉପରେ ମନୋବିଜ୍ଞାନିକ ଚାପ ହ୍ରାସରେ ମିଳିପାରିନାହିଁ ସେଭଳି ସଫଳତା। ଯାହାକୁ ଦୃଷ୍ଟିରେ ରଖି ନୂଆ ଶିକ୍ଷାନୀତି ଅନ୍ତର୍ଗତ ଏହା ଘୋଷଣା କରାଯାଇଛି ଯେ, ବୋର୍ଡ଼ ପରୀକ୍ଷା ଏବେ ହେବ ଦୁଇଟି ପର୍ଯ୍ୟାୟରେ। ଅର୍ଥାତ୍ ବର୍ଷକୁ ଦୁଇଥର ଛାତ୍ରଛାତ୍ରୀ ଦେଇପାରିବେ ଏହି ପରୀକ୍ଷା।

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରୀକ୍ଷାକୁ ନେଇ ନୂଆ ରୂପରେଖ ସହ ପାଠ୍ୟକ୍ରମରେ ମଧ ପରିବର୍ତ୍ତନ ଆଣିବାର ଘୋଷଣା କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ ଚାପ କମ ହେବାର ଆଶା କରାଯାଉଛି। ବୋର୍ଡ଼ ପରୀକ୍ଷା ଦୁଇଥର ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ନିଜ ପ୍ରଦର୍ଶନରେ ସୁଧାର ଆଣିବାର ମୌକା ମିଳିବ। ଦୁଇ ପର୍ଯ୍ୟାୟ କାରଣରୁ ପିଲାଙ୍କ ଉପରେ ପରୀକ୍ଷା ପ୍ରସ୍ତୁତି ଚାପ କମିବ। ପ୍ରଥମ ପ୍ରର୍ଯ୍ୟାୟରେ ସେମାନେ ପାଠ୍ୟକ୍ରମର ଯେଉଁ ବିଷୟ ଉପରେ ପରୀକ୍ଷା ଦେଇଥିବେ ଦ୍ୱିତୀୟ ପର୍ଯ୍ୟାୟରେ ସେହି ବିଷୟର ପ୍ରଶ୍ନ ପଡ଼ିବ ନାହିଁ। ଯେଉଁ ପରୀକ୍ଷାରେ ଅଧିକ ମାର୍କ ଥିବ, ସେହି ମାର୍କ ମୋଟ ମୂଲ୍ୟାୟନରେ ସାମିଲ ହେବ। ପୂର୍ବରୁ ସ୍କୁଲ ପ୍ରଦର୍ଶନକୁ ନେଇ ମୂଲ୍ୟାଙ୍କନ ମଧ୍ୟ ସାମିଲ ହୋଇଥିଲା ମୋଟ ମାର୍କରେ। ତେଣୁ ପିଲାଙ୍କ ଭୟ ଦୂର ପାଇଁ ଚାଲିଛି ନିୟମିତ ଉଦ୍ୟମ। ସେହିଭଳି ପିଲାଙ୍କ କୌଶଳ ବିକାଶ ଉପରେ ମଧ ଜୋର ଦିଆଯାଉଛି। ସବୁ ପିଲା ଯେ ପାଠ ପ୍ରତି ରୁଚି ରଖନ୍ତି ତା ଭାବିବା ଭୁଲ। ନୂଆ ଶିକ୍ଷା ବ୍ୟବସ୍ଥାରେ ଏହାକୁ ଗୁରୁତ୍ୱ ଦିଆଯାଇଛି। ଏବେ ପିଲାଙ୍କ ନିକଟରେ ବିକଳ୍ପ ରହିଛି ସେମାନେ ନିଜ ପସନ୍ଦର ପାଠ୍ୟକ୍ରମ ଚୟନ କରିପାରିବେ।

ଶିକ୍ଷା ମନ୍ତ୍ରଣାଳୟ ଯେଉଁସବୁ ବ୍ୟବସ୍ଥା ଆପଣାଉଛି ତାହା ସ୍ୱାଗତଯୋଗ୍ୟ। ହେଲେ ଖାଲି ପାଠ୍ୟକ୍ରମ କିମ୍ବା ଦୁଇଟି ବୋର୍ଡ଼ ପରୀକ୍ଷା କରିଦେଲେ ଯେ ପିଲାଙ୍କ ମନରୁ ଭୟ ଦୂର ହୋଇଯିବ ତାହା ଭାବିବା ଭୁଲ। ଭୟ ସେତେବେଳେ ଦୂର ହେବ ଯେତେବେଳେ ବାପା ମା ଏବଂ ପରିବାରରୁ ସେମାନେ ପାଇବେ ସମର୍ଥନ। ଆଜିର ସମୟରେ ପିଲାଙ୍କ ଠାରୁ ଅଧିକ ଚିନ୍ତାରେ ବାପାମା। ପିଲା ଆଗରେ ସେମାନେ ସବୁବେଳେ ଏହି ଚର୍ଚ୍ଚା କରୁଛନ୍ତି ତା ପୁଅ ଏତେ ମାର୍କ ରଖିଲା, ତା ଝିଅ ଏତେ ମାର୍କ ରଖିଲା। ଏହା ପିଲାର ମୁଣ୍ଡରେ ଏକ ନକରାତ୍ମକ ପ୍ରଭାବ ମଧ ପକାଉଛି। ପରିବାରର ଆଶା, ଭୁଲ କଲେ କିମ୍ବା ଖରାପ କଲେ ବାପାମାଙ୍କ ଭୟ ତାଙ୍କୁ ଚିନ୍ତାରେ ପକାଉଛି। ଏହା ସତ ଯେ ପିଲାଙ୍କ ଉପରେ ବାପାମାଙ୍କର ବେଶ ଆଶା ରହିଥାଏ। ଏହା ରହିବା ମଧ ସ୍ୱାଭାବିକ। ତେବେ ପିଲାର ରୁଚି, ଆଗ୍ରହ ଏବଂ ସମସ୍ୟାକୁ ବୁଝିବା ଦରକାର। ତିନି/ଚାରିଟା ଟ୍ୟୁସନ ଛାଡ଼ିଦେଲେ ଯେ ଆମେ ଆମ ଦାୟିତ୍ୱ ପୂରଣ କଲୁ ତା ଭାବିବା ଭୁଲ। ତେଣୁ ପରିବାରରୁ ହିଁ ପ୍ରଥମେ ପିଲା ମନରେ ସୃଷ୍ଟି ହେଉଥିବା ଭୟକୁ ଦୂର କରିବା ଦରକାର। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଉଛି। ପରିବାରରୁ ବି ପିଲା ସମର୍ଥନ ଓ ସହଯୋଗ ପାଇଲେ ନିଶ୍ଚିତ ପରୀକ୍ଷାକୁ ନେଇ ରହୁଥିବା ଭୟ ଦୂର ହୋଇପାରିବ ଛାତ୍ରଛାତ୍ରୀଙ୍କର।


ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## କଳିଙ୍ଗ ବାଲିଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଉଦଯାପିତ, ଯୋଗଦେଲେ ମହାମହିମ ରାଜ୍ୟପାଳ : ବଲିଉଡ ସିଙ୍ଗର ଅଙ୍କିତଙ୍କ ସଙ୍ଗୀତରେ ମନ୍ତ୍ରମୁଗ୍ଧ ହେଲେ ଦର୍ଶକ




ପାରାଦୀପ, (ମହାଭାରତ) : ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ୩୩ତମ କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୫ ସୋମବାର ସନ୍ଧ୍ୟାରେ ଶାନ୍ତିପୂର୍ଣ୍ଣ ଭାବେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ମହତ୍ୱ ବୃଦ୍ଧି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ପୋଲିସ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଅଧକ୍ଷ ଜେ.ସୋନାଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଉତ୍ସବ ନଭେମ୍ବର ୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ଲଗାତାର ଦ୍ୱିତୀୟ ଥର ଯୋଗଦାନ କଳିଙ୍ଗ ବାଲିଯାତ୍ରା ମହୋତ୍ସବର ଗାରିମା ବେସ ବୃଦ୍ଧି କରିଥିଲା । ସାତଦିନ ବ୍ୟାପି ଏହି ଉତ୍ସବର ପ୍ରତ୍ୟକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଖ୍ୟାତନାମା କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ସାଧାରଣରେ ବେସ ଆକର୍ଷଣୀୟ ହୋଇପାରିଥିଲା । ତେବେ ଅନ୍ତିମ ସନ୍ଧ୍ୟାରେ ବଲିଉଡ ଜଗତର ଖ୍ୟାତନାମା ଗାୟକ ଅଙ୍କିତ ତିୱାରୀ ଙ୍କ ସଙ୍ଗୀତ ପରିବେଷଣ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବାର ଦେଖିବାକୁ ମିଳିଥିଲା । ଜିଲ୍ଲାପାଳ ତଥା ବାଲିଯାତ୍ରା କମିଟିର ଅଧକ୍ଷ ଜେ.ସୋନାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସପ୍ତାହ ବ୍ୟାପି ମହୋତ୍ସବରେ କଳିଙ୍ଗ ବାଲିଯାତ୍ରା କମିଟିର ଉପାଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ସମ୍ପାଦକ ତଥା ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଓ ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ । ତେବେ ଚଳିତ ମହୋତ୍ସବରେ ନୌକା ପ୍ରତିଯୋଗିତା ଓ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ବେସ ଆକର୍ଷଣୀୟ ହୋଇଥିବା ବେଳେ ପଲ୍ଲିଶ୍ରୀ ମେଳାରେ ଭଲ ବ୍ୟବସାୟ ହୋଇଥିଲା । ପ୍ରଚାରପ୍ରସାର ଅଭାବରୁ ମହୋତ୍ସବର ପ୍ରାରମ୍ଭରେ ସେଭଳି ଜନସମାଗମ ଦେଖିବାକୁ ମିଳିନଥିବା ବେଳେ ଶେଷ ପର୍ଯ୍ୟାୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ମଣ୍ଡୁଆରୁ ନରଣପୁର ରାସ୍ତା ଅବସ୍ଥା ଶୋଚନୀୟ



କେନ୍ଦୁଝର, (ମହାଭାରତ) : କେନ୍ଦୁଝରର ମୁଖଶାଳା ମଣ୍ଡୁଆରୁ ନରଣପୁର ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଖୋଦ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ସ୍ଥିତ ବାସଭବନ ଠାରୁ ନରଣପୁର ଛକ ପର୍ଯ୍ୟନ୍ତ ରାସ୍ତାରେ ବିଭିନ୍ନ ସ୍ଥାନରେ ଗାଡ଼ ସୃଷ୍ଟି ହୋଇ ସାରିବା ପରେ ମଧ୍ୟ ପୂର୍ତ୍ତ ବିଭାଗର ଦୃଷ୍ଟି ପଡୁନାହିଁ । ପ୍ରତିଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ମାନ ଘଟି ଚାଲିଥିବା ବେଳେ ଅନେକ ଜୀବନ ହାନି ଘଟି ସାରିଲାଣି । ତଥାପି ଏହି ରାସ୍ତା ମରାମତି ପାଇଁ କାହାର ଦୃଷ୍ଟି ପଡୁନାହିଁ । ଏହି ରାସ୍ତାର ନିମ୍ନ ମାନର କାର୍ଯ୍ୟ ପାଇଁ ବଜରି ଓ ଚିପିସ ଉଠି ରାସ୍ତା ପାର୍ଶ୍ୱରେ ଜମା ହୋଇ ରହିବା ଫଳରେ ଅନେକ ସମୟରେ ବାଇକ ଚାଳକ ଓ କାର ଚାଳକ ମାନେ ଚକା ଖସରିବା ଯୋଗୁ ଦୁର୍ଘଟଣା ଭୋଗୁଛନ୍ତି । ଏହି ସବୁକୁ ଉଠାଇବା ଦିଗରେ କୌଣସି ପଦକ୍ଷେପ ନିଆ ଯାଉନାହିଁ । ଏହି ଖାଲ ଭିତରେ ପଡି ଲୋକେ ଖଣ୍ଡିଆଖାବରା ହେଉଛନ୍ତି । ଅନେକ ସମୟରେ ରାସ୍ତା ପାର୍ଶ୍ୱରେ ଅଟକି ରହୁଥିବା ଗାଡ଼ି ଦୁର୍ଘଟଣାର କାରଣ ପାଲଟୁଛି । ଏପରିକି ଚାରି ବର୍ଷ ପୂର୍ବରୁ ରାସ୍ତା ପାର୍ଶ୍ୱ ଅଲୋକୀକରଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲେ ମଧ୍ୟ ତାହା ନାଳିଫିତା ଭିତରେ ବନ୍ଧା ହୋଇ ରହିଛି । ପୂର୍ତ୍ତବିଭାଗର ଅବହେଳା ପାଇଁ ଅନେକ ଜୀବନ ଯାଉଥିବା ବେଳେ ଏହି ରାସ୍ତା କିପରି ତୁରନ୍ତ ମରାମତି ହେବ ସେ ବିଷୟରେ ପୂର୍ତ୍ତ ପ୍ରଶାସନ ନିଦାବିଷ୍ଟ ସାଜି ଚୁପ ବସିଛି । ତୁରନ୍ତ ଏହି ରାସ୍ତା ନିର୍ମାଣ କରାଯିବା ସହ ଲୋକଙ୍କ ସୁରକ୍ଷିତ ଯାତାୟାତ ପାଇଁ ପୂର୍ତ୍ତବିଭାଗ ଦୃଷ୍ଟି ଦେବାପାଇଁ ସ୍ଥାନୀୟ ବୁଦ୍ଧିଜୀବୁ ଦାବି କରିଛନ୍ତି ।

## ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

କରଞ୍ଜିଆ, (ମହାଭାରତ): ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଦିଗଧର ଗ୍ରାମପଞ୍ଚାୟତର ସୁନିନ୍ଦା ଶିବ ମନ୍ଦିର ସମ୍ମୁଖ ପଡିଆରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଦ୍ୱାରା ଗ୍ରାମାଞ୍ଚଳର ଚାଷୀ ମାନଙ୍କୁ ବିଭିନ୍ନ ପ୍ରକାର ଯୋଜନା ର ସୁବିଧା ଓ ଚାଷ କରିବାର ବୈଗାନିକ ପଦ୍ଧତି ସବୁକୁ ମେଳାରେ ଷ୍ଟଲ ମାଧ୍ୟମ ରେ ପଦର୍ଶିତ କରାଯାଇଥିଲା । ମେଳାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ଯୋଗଦେଇ ମେଳାକୁ ଫିତା କାଟି ଶୁଭାରମ୍ଭ କରିଥିଲେ । ପରେ ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀ ପାଖରେ ସରକାରୀ ଯୋଜନା କିପରି ପହଞ୍ଚିବ ଓ ଚାଷୀ ସରକାରୀ ସହାୟତା ନେଇ ନିଜ ନିଜର ରୋଜଗାର ବଢେଇଲେ ରାଜ୍ୟ ଓ ଦେଶକୁ ମଜବୁତ କରିବ ବୋଲି କହିଥିଲେ ।

## ଇଫକୋ, ପାରାଦ୍ୱୀପ ଡିଏଭି ସ୍କୁଲରେ ବିଷୟ ଭିତ୍ତିକ ମେଳା 'ଇନୋଭିଷ୍ଟା' ଅନୁଷ୍ଠିତ



ପାରାଦୀପ, (ମହାଭାରତ) : ପାରାଦୀପ ଉପକଣ୍ଠ ଇଫକୋ ପରିସର ସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ବିଷୟ ଭିତ୍ତିକ ମେଳା 'ଇନୋଭିଷ୍ଟା' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଫକୋ ପାରାଦ୍ୱୀପର ମୁଖ୍ୟ ପି.କେ.ମହାପାତ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଇଫକୋ, ପାରାଦ୍ୱୀପ ର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ କ୍ଷ ଏଥିରେ ଡିଏଭି ପବ୍ଲିକ ସ୍କୁଲ, ଇଫକୋର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା ସ୍ୱାଗତ ସମ୍ଭାଷଣ ପୂର୍ବକ ସମସ୍ତ ମାନ୍ୟଗଣ୍ୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଡିଏଭି ଇଫକୋର ଛାତ୍ରଛାତ୍ରୀମାନେ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ଇଂରାଜୀ, ଓଡିଆ, ହିନ୍ଦୀ,ସଂସ୍କୃତ, ଚିତ୍ରକଳା ଓ କମ୍ପ୍ୟୁଟର ଇତ୍ୟାଦି ବିଷୟରେ ୧୬୫ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏଥିରେ ବିଦ୍ୟାଳୟର ପ୍ରାୟ ୨୮୭ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗର ବିଚାରପତି ମଣ୍ଡଳୀ ଭାବରେ ପାରାଦ୍ୱୀପ ଆଞ୍ଚଳିକ ବିଦ୍ୟାଳୟ ମାନଙ୍କର ପ୍ରାୟ ୨୦ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ତାଙ୍କର ବହୁମୂଲ୍ୟ ଆଶୀର୍ବଚନ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ପ୍ରତିଭାର ଅନେକ ପ୍ରଶଂସା କରିଥିଲେ ଏବଂ ବିଦ୍ୟାଳୟରେ ଏହିପରି ମେଳା ଛାତ୍ରଛାତ୍ରୀଙ୍କୁ ଶିଖିବାର ଅନେକ ସୁଯୋଗ ପ୍ରଦାନ କରିବା ସହିତ ତାଙ୍କର ଆନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏହା ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ ଓ ଦେଶ ଗଠନରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶୈକ୍ଷିକ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଏହି ସଫଳତା ପାଇଁ ଇଫକୋ ମୁଖ୍ୟ ପି.କେ.ମହାପାତ୍ର, ଓଡିଶା ଜୋନ୍ ଡି.ଏ.ଭି ସମୂହର ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ ଏବଂ ନିର୍ବାହିକା ଡ. ସୁଜାତା ସାହୁ ଡି.ଏ.ଭି ଇଫକୋ ପରିବାର ଓ ଛାତ୍ରଛାତ୍ରୀ ମାନଙ୍କୁ ଭୂୟସୀ ପ୍ରଶଂସା ଓ ଶୁଭେଚ୍ଛା ଜଣାଇଥିଲେ ।

## ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ଓଭର ବ୍ରୀଜ ତଳ ଉଠା ପରିବା ଦୋକାନ

କେନ୍ଦୁଝର, (ମହାଭାରତ) : ଦୁର୍ଘଟଣାକୁ ପ୍ରତିହତ କରିବାପାଇଁ ସରକାରଙ୍କ ଦ୍ୱାରା ପ୍ରଚାର ପ୍ରଶାର ମାଧ୍ୟମ ରେ ଜନ ସଚେତନତା କରାଯାଉଥିବା ବେଳେ କିଛି ଅମାନିଆ ଉଠା ଦୋକାନୀଙ୍କ ପାଇଁ ଦିନକୁ ଦିନ ବଢୁଛି ଦୁର୍ଘଟଣା । ଉଦାହରଣ ସ୍ୱରୂପ ରାଇସୁଆଁ ଓଭର ବ୍ରିଜ ତଳେ ବସୁଥିବା ଉଠା ଦୋକାନ । ପ୍ରତିଦିନ ସକାଳୁ ମୁକୁନା, ବାଉରୀପଦା, ଟିକରପଡା, ସିଲିସୁଆଁ, ଆଦିଅଞ୍ଚଳ ପାଇଁ ରାଇସୁଆଁ ଛକ କୁ ପରିବା ବେପାର କରିବାପାଇଁ ପାରିବାବେପାରି ଙ୍କ ଭିଡ ଜାମୁଥିବା ବେଳେ ବିଭିନ୍ନ ଅଞ୍ଚଳରୁ ତାଜା ପରିବା କିଣିବା ପାଇଁ ଏଠାକୁ ଆସିଥାନ୍ତି । ବେପାରି ମାନଙ୍କ ଠାରୁ କିଛି ସ୍ଥାନୀୟ ଲୋକ ଉଠାଦୋକାନ କରି ପରିବା ବିକୁଥିବାରୁ ବଜାର ଭିଡ ରହିଥାଏ ।

## ବ୍ଲକସ୍ତରୀୟ ମତ୍ସ୍ୟ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ



ରାଇଘର, (ମହାଭାରତ) : ସ୍ଥାନୀୟ ମିନି ଷ୍ଟାଡିଅମ ଠାରେ ଅନୁଷ୍ଠିତ ହୋଇଯାଇଛି ବ୍ଲକ ସ୍ତରୀୟ ମତ୍ସ୍ୟ ପ୍ରାଣୀ ସମ୍ପଦ ମେଳା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରୀତି ସ୍ନିଗ୍ଧା ମହାପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ ,ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ବ୍ଲକ ଉପାଧ୍ୟକ୍ଷା ଦିନେଶ୍ୱରୀ ଗଣ୍ଡ ଙ୍କ ସମେତ ଚାରିଟି ଜୋନ ର ଜିଲ୍ଲା ପରିଷଦ ସଭ୍ୟ ,୨୬ଟି ପଞ୍ଚାୟତ ର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ରହିବା ସହ ସଂଯୋଜକ ଏ ଭି ଓ ଆଶିଷ ରଞ୍ଜନ ପଣ୍ଡା ଏବଂ ଅଶ୍ୱିନୀ କୁମାର ଜେନା, ମଞ୍ଚ ପରିଚାଳନା ନବରଙ୍ଗପୁର ଭି ଏସ ପ୍ରଜ୍ଞା ପରିମିତା ପଣ୍ଡା କରିଥିଲେ । ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ଆଗରୁ ଏହି କାର୍ଯ୍ୟକ୍ରମ ଜିଲ୍ଲା ସ୍ତରରେ କରାଯାଉଥିଲା ଯାହାଫଳରେ ଗ୍ରାମାଞ୍ଚଳ ଲୋକେ ସରକାରୀ ଯୋଜନା ଏବଂ ତାଲିମ ଠିକ ରୂପେ ପପାଇ ପାରୁନଥିଲେ । ବର୍ତ୍ତମାନ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ହେବା ଦ୍ୱାରା ସାଧାରଣ ଲୋକେ ଏହାର ସୁଯୋଗ ନେବା ସହ ସ୍ୱାବଲମ୍ବୀ ହୋଇ ପାରିବେ ଏବଂ ବର୍ତମାନ ସରକାରଙ୍କ ତରଫରୁ ସୁଭଦ୍ରା ଯୋଜନା ରେ ଦିଆ ଯାଉଥିବା ୫୦ହଜାର ଟଙ୍କା ଏହିପରି ଚାଷ କରି କିପରି ସ୍ୱାବଲମ୍ବୀ ହୋଇ ଲକ୍ଷପତି ଦିଦି ହୋଇପାରିବେ ବୋଲି ନିଜ ଅଭିଭାଷଣରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ୮ଜଣ ଚାଷୀଙ୍କୁ ଏକ ହଜାର ଟଙ୍କା ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରିଥିଲେ ମନ୍ତ୍ରୀ ଶ୍ରୀ ଗଣ୍ଡ । ତତ ସହିତ ଯେଉଁ ଚାଷୀ ମାନେ ନିଜର ଦୃଢ଼ ଶକ୍ତି ,ଉଦ୍ୟମ ଓ ଅକ୍ଳାନ୍ତ ପରିଶ୍ରମ ମାଧ୍ୟମରେ ମାଛ ଚାଷ ଓ ପ୍ରାଣୀ ପାଳନ କରି ନିଜେ ଆତ୍ମନିର୍ଭର ହେବାସହ ନିଜ ଅଂଚଳ ବାସୀ ଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ସେମାନେ ହେଲେ କୁମୁଲି ଗ୍ରାମରେ ଡ଼ାଇରୀ ଫାର୍ମ କରିଥିବା ଚାଷୀ ପ୍ରଦୀପ କୁମାର ନାଥ ,ଡୋଗ୍ଲାପାରା ଗ୍ରାମରେ ଛେଳି ଚାଷ କରି ସ୍ୱାବଲମ୍ବୀ ହୋଇଥିବା ଭାଗିରଥି ଗଣ୍ଡ ,ମାରିଗାଁ ଗ୍ରାମର ୨ହଜାର ବ୍ରୋଏଲର ଫାର୍ମ କରିଥିବା ଜୟ ମା ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ,ରାଇଘର ଗ୍ରାମର ନମିତା ରାୟ ,ମାଛ ଚାଷ କରି ସ୍ୱାବଲମ୍ବୀ ହୋଇଥିବା ଭିମାଭାଟା ଗ୍ରାମର ମହୀରାମ ଗଣ୍ଡ ,ପାୱାରବେଲ ଗ୍ରାମର ନରେଶ ବୈରାଗୀ ,ପରଚିପାରା ଗ୍ରାମର ମାନସ ମିସ୍ତ୍ରୀ ,କୁନ୍ଦେଇ ଗ୍ରାମର ଜୟ ମାତାଦି ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ । ଚାଷୀ ମାନଙ୍କ ପାଇଁ କୃଷି ବିଭାଗ ,ମହିଳା ଓ ଶିଶୁ ବିଭାଗ ,ଓମ୍ଫେଡ ,ପ୍ରାଣୀ ଧନ ବିଭାଗ ,କୃଷି ଯାନ୍ତ୍ରିକୀ କରଣ ବିଭାଗ ,ମିଲ୍କାନା କମ୍ପାନୀ ଦ୍ୱାରା ୧୨ଟି ଷ୍ଟଲ ଲଗାଯାଇଥିଲା । ୫୫୦ଜଣ ଚାଷୀଙ୍କୁ ପଞ୍ଜି କରଣ କରାଯାଇଥିଲା । ଆସିଥିବା ଅତିଥି ଏବଂ ଚାଷୀ ଭାଇ ମାନଙ୍କ ମନୋରଞ୍ଜନ ପାଇଁ ବି କେ ଏସ ଏସ ଗ୍ରୁପ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଲାଞ୍ଜିଗଡ କେକେଡିଏ ସଂସ୍ଥାର ମହାଦୁର୍ନୀତି ଅଭିଯୋଗ



ଲାଞ୍ଜିଗଡ, (ମହାଭାରତ): ଲାଞ୍ଜିଗଡ ବ୍ଲକ ଦୁର୍ଗମ ଆଞ୍ଚଳର ଆଦିବାସୀଙ୍କ ଭାଗ୍ୟ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ସହିତ ସ୍ଥାପନ ହେଲା ସ୍ୱତନ୍ତ୍ର କୁଟିଆ କନ୍ଧଉନ୍ନୟନ ସଂସ୍ଥା । ନିରୀହ ଆଦିବାସୀଙ୍କ ମଧ୍ୟରେ ଫୁଙ୍କି ଦିଆଗଲା ବିକାଶର ମନ୍ତ୍ର । ହେଲେ ବିକାଶ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କେବଳ କାଗଜ କଲମରେ ସୀମିତ ରହିଥିବା ଅଭିଯୋଗ ହୋଇଛି । କୁଟିଆ କନ୍ଧ ଉନ୍ନୟନ ସଂସ୍ଥା (କେକେଡିଏ)କେବଳ କୁଟିଆ କନ୍ଧଙ୍କ ବିକାଶ ପାଇଁ ସ୍ଥାପନ ହୋଇଥିବା ବେଳେ ତଳରୁ ଉପର ଯାଏଁ ଦୁର୍ନୀତିରେ ଉବୁଟୁବୁ ହୋଇ ଆଦିବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଅଣ ଆଦିବାସୀଙ୍କୁ ସଂସ୍ଥା ପ୍ରାଧାନ୍ୟ ଦେଉଛି ବୋଲି ଅଭିଯୋଗ ହୋଉଛି । ଏହିଭଳି ସାଙ୍ଘାତିକ ଅଭିଯୋଗ ଆଣିଛି ଲାଞ୍ଜିଗଡ଼ ଆଦିବାସୀ ସଂଘ କ୍ଷ କିଛି ଦୁର୍ନୀତି ଖୋର ଅଫିସର ଅଣ ଆଦିବାସୀଙ୍କ ଠାରୁ କିଛି ହାତ ଗୁଞ୍ଜା ନେଇଁ ସେମାନଙ୍କୁ କାମ ଯୋଗାଇ ଦେଉଥିବା ବେଳେ ଆଦିବାସୀ ଙ୍କ ସଂସ୍ଥା ଆଦିବାସୀ ଙ୍କୁ ଅଣଦେଖା କରିବା ସହିତ ଠିକ ଭାବରେ କାମ ଯୋଗାଇ ଦେଉନଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ ଆଦିବାସୀଙ୍କ ବିକାଶ ପାଇଁ ଲାଞ୍ଜିଗଡ ବ୍ଲକର ମନରେଗା, ପାନୀୟଜଳ, କାଜୁ ପ୍ଲାଣ୍ଟେସନ ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଥିବା ବେଳେ ବର୍ତମାନ ଏବେ କାଜୁ ପ୍ଲାଣ୍ଟେସନ କାର୍ଯ୍ୟ ଚାଲିଛି । ବ୍ଲକର ଅନେକ ଗୁଡ଼ାଏ ଗାଁରେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ହଜାର ହଜାର କାଜୁଗଛ ଲଗାଯାଇଛି ହେଲେ ସେହି ପ୍ରକଳ୍ପର ସ୍ଥିତି ଦେଖିଲେ ସବୁ ଅଭିଯୋଗ ସ୍ପଷ୍ଟ ହୋଇଯାଉଛି । କିନ୍ତୁ ସଂସ୍ଥା ବିକାଶ ବଦଳରେ ଦୁର୍ନୀତିରେ ବୁଡି ରହିବା ଯୋଗୁଁ ଯୋଜନା ଲକ୍ଷଚ୍ୟୁତ ହୋଇପଡ଼ିଛି ବୋଲି ଖୁଦ ଆଦିବାସୀମାନେ ଅଭିଯୋଗ ଆଣିଛନ୍ତି । ବ୍ଲକର ଅନେକ ଚାଷୀ ହଜାର ହଜାର କାଜୁଗଛ ଲଗାଇବା ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଥିଲା ଓ ଗଛ ମଧ୍ୟ ଲଗାଯାଇଛି କିନ୍ତୁ ଗଛର ଯତ୍ନ ଓ ପାଣିର ଅଭାବ ଯୋଗୁଁ ଗଛ ସମ୍ପୂର୍ଣ୍ଣ ମରିଯାଇଥିବା ବେଳେ ଗଛ ଲଗା ଯାଇଥିବା ବିଲରେ କେବଳ ତାରବାଡ଼ ଦେଖାଯାଉଛି । ଦୋଷ ଦୁର୍ବଳ ଲୁଚାଇବା ପାଇଁ ପୁଣି ଥରେ ସେହି ସ୍ଥାନ ମାନଙ୍କରେ ଗଛ ଲଗାଯାଇଥିଲା ହେଲେ ତାହା ପୁଣି ଗଛ ମରିଯାଇଥିବା ଅଭିଯୋଗ ହେଉଛି । ସେତିକି ନୁହେଁ କୁଟିଆ କନ୍ଧଙ୍କ ବିକାଶ ପାଇଁ କୋଟିକୋଟି ଟଙ୍କା ଆସୁଛି ହେଲେ ଦୁର୍ନୀତି ଖୋର ଅଫିସରଙ୍କ ପାଇଁ ସବୁ ଯୋଜନା ବାଟମାରଣା ହେଉଥିବା ବେଳେ ଏପଟେ କାଗଜ କଲମରେ ଗୋଲାପୀ ଚିତ୍ର ଦେଖାଇ ଆଦିବାସୀଙ୍କ କୋଟିକୋଟି ଟଙ୍କା ହରିଲୁଟ କରାଯାଇଛି ବୋଲି ଲାଞ୍ଜିଗଡ ଆଦିବାସୀ ସଂଘ ଘାସିରାମ ମାଝୀ,ପୁରାଣା ମାଝୀ,ପାଳସୀ ମାଝୀ, ରାଣୁ ମାଝୀ, ରାଜେନ୍ଦ୍ର ମାଝୀ,ସାନ ମାଝୀ, ସୁଶାନ୍ତ ମାଝୀ,ସୁଦନ ମାଝୀ ସମେତ ସଂଘର ସଦସ୍ୟ ମାନେ ଅଭିଯୋଗ ଆଣିଛି । ତେବେ ଉକ୍ତ ସଂସ୍ଥା ସ୍ଥାପନ ହୋଇ ଦୀର୍ଘ ବର୍ଷ ବିତିଗଲାଣି ହେଲେ କେଉଁ ଆଦିବାସୀଙ୍କ ଗାଁର ଆଦିବାସୀ ବିକାଶ ହୋଇଛି ତାହା ପ୍ରମାଣ କରନ୍ତୁ ନଚେତ ଆଗାମୀ ଦିନରେ ଭୟାଭୟ ଆନ୍ଦୋଳନ ହେବ ବୋଲି ଲାଞ୍ଜିଗଡ ଆଦିବାସୀ ସଂଘ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି ।

## ଚୋରା ଲୁହାପଥର ବୋଝେଇ ଟ୍ରକ, ବାଇକ୍ ଓ ଜେସିବି ମେସିନ ଜବତ, ଦୁଇ ଅଟକ

ଯୋଡା, (ମହାଭାରତ): କେନ୍ଦୁଝର ଜିଲ୍ଲା ବାମେବାରି ଥାନା ପୋଲିସ ପିଢ଼ ପୋଖରୀ ବନାଞ୍ଚଳରେ ଚଢାଉ କରି ଚୋରା ଲୁହାପଥର ବୋଝେଇ ଦୁଇଟି ଟ୍ରକ, ଗୋଟିଏ ବାଇକ୍ ଓ ଜେସିବି ମେସିନ ଜବତ କରିବା ସହିତ ଏଥିରେ ସଂପୃକ୍ତ ଦୁଇ ଅଭିଯୁକ୍ତ ଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ,ରବିବାର ବିଳମ୍ବିତ ରାତିରେ କେନ୍ଦୁଝର - ସୁନ୍ଦରଗଡ ଜିଲ୍ଲା ସୀମାନ୍ତ ପିଢ଼ପୋଖରୀ ବନାଞ୍ଚଳ ରେ ଜେସିବି ମେସିନ ଯୋଗେ ଖୋଳି ଲୁହାପଥର ବୋଝେଇ କରୁଥିବା ଖବର ପାଇ ଥାନା ଆଇ ଆଇ ସି ଯୋସ୍ କେତନ ଭୋଇ ସଦଳବଳେ ଚଢାଉ କରିଥିଲେ । ରାତ୍ରି ସମୟ ହୋଇଥିବାରୁ କିଛି ଖଣିଜ ଚୋର ଖସି ପଳାଇ ଯାଇଥିବା ବେଳେ ଦୁଇ ଜଣ ଡ୍ରାଇଭର କୁ ପୋଲିସ କାବୁ କରି ନେଇଥିଲା । ଦୁଇଟି ଟ୍ରକ୍ ରେ ଉନ୍ନତ ମାନର ଲୁହାପଥର ବୋଝେଇ ହୋଇ ଥିବା ବେଳେ ଜେସିବୀ ମେସିନ ଓ ଏହି କାର୍ଯ୍ୟରେ ଖଣିଜ ଚୋର ମାନେ ବ୍ୟବହାର କରୁଥିବା ଗୋଟିଏ ବାଇକ୍‌କୁ ମଧ୍ୟ ପାଇ ଅଧିକ ତଦନ୍ତ କରୁଥିବାରୁ ଏଥିରେ ବାଧା ଉପୁଜିବା ଆଶଙ୍କା କରି ଅଧିକ ତଥ୍ୟ ଦେଇ ନ ଥିଲା ।

## ବିପର୍ଯ୍ୟୟ ମୁକାବିଲା ପାଇଁ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପକ୍ଷରୁ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା ରୋଡ, (ମହାଭାରତ) : ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ରେଳ ସମ୍ବନ୍ଧୀୟ ଜରୁରୀକାଳୀନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ସହଭାଗୀମାନଙ୍କ ମଧ୍ୟରେ ପ୍ରସ୍ତୁତି ଏବଂ ସମନ୍ୱୟ ସମୀକ୍ଷା କରିବା ପାଇଁ ଏକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା । ଏହି ବୈଠକର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ଶ୍ରୀ ପି. କେ. ବେହେରା ଅଧକ୍ଷତା କରିଥିଲେ । ରାଜ୍ୟ ପୋଲିସ, ଏନଡିଆରଏଫ (ମୁଣ୍ଡଳି ୟୁନିଟ୍), ଓଡିଆରଏଏଫ୍, ଆରପିଏଫ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ଡାକ୍ତରୀ ଦଳ ଏବଂ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା ସହିତ ଜଡିତ ପ୍ରମୁଖ ରେଳ ବିଭାଗର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକର ଉଦ୍ଦେଶ୍ୟ ଥିଲା ଆନ୍ତଃ-ସହଭାଗୀ ସମନ୍ୱୟକୁ ମଜବୁତ କରିବା, ଶୀଘ୍ର ପ୍ରତିକ୍ରିୟା ସୁନିଶ୍ଚିତ କରିବା ଏବଂ ରେଳ ପରିଚାଳନାରେ ଯେକୌଣସି ଅପ୍ରୀତିକର ଘଟଣାର ପ୍ରଭାବଶାଳୀ ପରିଚାଳନା ପାଇଁ ପ୍ରକ୍ରିୟାଗୁଡ଼ିକୁ ସୁଗମ କରିବା । ପ୍ରସ୍ତୁତି ପଦକ୍ଷେପର ଏକ ଅଂଶ ଭାବରେ, ନିକଟ ଭବିଷ୍ୟତରେ ଏକ ସମ୍ପୂର୍ଣ୍ଣ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ କରାଯିବାର ଯୋଜନା କରାଯାଇଛି । ପ୍ରସ୍ତାବିତ ମକ୍ ଡ୍ରିଲ୍ ଲକ୍ଷ୍ୟ ରଖିଛି ଉଦ୍ଧାର ଏବଂ ପ୍ରତିକ୍ରିୟା ସଂସ୍ଥା ମଧ୍ୟରେ ସମନ୍ୱୟ,ବିପର୍ଯ୍ୟୟ ପରିଚାଳନା ଉପକରଣ ଏବଂ ଯୋଗାଯୋଗ ପ୍ରଣାଳୀର କାର୍ଯ୍ୟକାରିତା ମୂଲ୍ୟାଙ୍କନ, ବାସ୍ତବ ଜୀବନର ଜରୁରୀକାଳୀନ ପରିସ୍ଥିତି ସମୟରେ ଶୀଘ୍ର, ଦକ୍ଷ ଏବଂ ସମନ୍ୱିତ ପ୍ରତିକ୍ରିୟା ପାଇଁ କର୍ମଚାରୀମାନଙ୍କୁ ତାଲିମ ଏବଂ ପରିଚାଳିତ କରିବା । ମକ୍ ଡ୍ରିଲ ଅଭ୍ୟାସରେ ଅଂଶଗ୍ରହଣକାରୀ ଦଳଗୁଡ଼ିକ ମଧ୍ୟରେ ରେଳବାଇ, ଏନଡିଆରଏଫ, ଓଡ୍ରାଫ, ରାଜ୍ୟ ପୋଲିସ, ସରକାରୀ ରେଳବାଇ ପୋଲିସ, ଅଗ୍ନିଶମ ସେବା, ଚିକିତ୍ସା ବିଭାଗ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ, ସିଭିଲ ଡିଫେନ୍ସ, ବେସରକାରୀ ସଂସ୍ଥା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କର୍ମଚାରୀମାନେ ସାମିଲ ହେବେ ଓଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ / ପରିଚାଳନା ଙ୍କ ନେତୃତ୍ୱରେ ଦ୍ରୁତ ପ୍ରତିକ୍ରିୟା ଦଳ (ଛଜଞ୍ଚ) ଜରୁରୀକାଳୀନ ପରିସ୍ଥିତି ସମୟରେ ତଳ ସ୍ତରରୁ ସମନ୍ୱୟ ତଦାରଖ କରିବେ । ବୈଠକରେ ବିଭାଗୀୟ ବିପର୍ଯ୍ୟୟ ପରିଚାଳନା ଯୋଜନାର ମଧ୍ୟ ସମୀକ୍ଷା କରାଯାଇଥିଲା, ଯାହା ଉପରେ ଧ୍ୟାନ ଦିଆଯାଇଥିଲା । ଏହି ସମୀକ୍ଷା ଗୁଡିକ ମଧ୍ୟରେ ଦ୍ରୁତ ପ୍ରତିକ୍ରିୟା, ଉଦ୍ଧାର ଏବଂ ରିଲିଫ୍ ପଦକ୍ଷେପ, ରାଜ୍ୟ ଏବଂ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ, ଆକ୍ସିଡେଣ୍ଟ ରିଲିଫ ଟ୍ରେନ, ଆକ୍ସିଡେଣ୍ଟ ରିଲିଫ ମେଡିକାଲ ସାମଗ୍ରୀ ଟ୍ରେନ ଏବଂ ମୋବାଇଲ୍ ଉଦ୍ଧାର ୟୁନିଟ୍ ?ର ରକ୍ଷଣାବେକ୍ଷଣ ସହ ସଠିକ ସମୟରେ ପ୍ରଭାବଶାଳୀ ଯୋଗାଯୋଗ, ଭିଡ଼ ନିୟନ୍ତ୍ରଣ ଏବଂ ଡାକ୍ତରୀ ସହାୟତା ଅନ୍ତର୍ଭୁକ୍ତ । ଏହି ବୈଠକରେ ସମନ୍ୱୟକୁ ଉନ୍ନତ କରିବା, ବୈଷୟିକ ପ୍ରସ୍ତୁତିକୁ ଉନ୍ନତ କରିବା ଏବଂ ମିଳିତ ପ୍ରତିକ୍ରିୟା ଦକ୍ଷତା ବୃଦ୍ଧି କରିବା ପାଇଁ ସାମ୍ପ୍ରତିକ ରେଳ ଦୁର୍ଘଟଣା ଅଭିଜ୍ଞତା ବିଶ୍ଳେଷଣ କରାଯାଇଥିଲା । ପୂର୍ବତଟ ରେଳପଥ ନିରନ୍ତର ପ୍ରସ୍ତୁତି, ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ରାଜ୍ୟ ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସହିତ ସହଯୋଗ ମାଧ୍ୟମରେ ଯାତ୍ରୀ ସୁରକ୍ଷା ଏବଂ ବିପର୍ଯ୍ୟୟ ପ୍ରତିରୋଧକତା ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ଶ୍ରୀ ନମୋନାରାୟଣ ମୀନା ଏହି ବୈଠକର ସଂଯୋଜନା କରିଥିଲେ ।

## ପାଟଣା ବନରକ୍ଷୀ ଙ୍କ ଅପରାଧୀ କୁ ଗିରଫ ଦାବି ନେଇ କୁଡୁମୀ ସେନା ପକ୍ଷ ରୁ ଦାବିପତ୍ର

ପାଟଣା,(ମହାଭାରତ)କେନ୍ଦୁଝର ଜିଲ୍ଲା ଡୁମୁରିଆ ପଂଚାୟତ ଅନ୍ତର୍ଗତ ତଣ୍ଡ ବିଟ୍ ରେ କାର୍ଯ୍ୟରତ ବନରକ୍ଷୀ ଦେବଯାନୀ ମହାନ୍ତ ଙ୍କୁ ୩୧ତାରିଖ ବାଲି ମାଫିଆ ମାନେ ଦୁର୍ବ୍ୟବହାର ଓ ଜୀବନରେ ମାରିଦେବା ଧମକ ସହିତ ଧକ୍କା ମାରି ଟ୍ରାକ୍ଟର ରୁ ବାଲି ଢାଳି ଦେଇ ଅପରାଧୀ କାର୍ଯ୍ୟକରି ଟ୍ରାକ୍ଟର ନେଇଯିବା ଏବଂ ବାଲି ମାଫିଆ କେନ୍ଦୁଝର ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ ଓ ଅନ୍ୟ ସାଥୀ ମାନେ ଖୋଲାମ ଖୋଲା ବୁଲୁଥିବା ବେଳେ ତାଙ୍କୁ କାହା ଚପ ରେ ଚପି ହୋଇ ପୋଲିସ ପ୍ରଶାସନ ହାତ ରେ ହାତ ବାନ୍ଧି ବସିଛି। କାହିଁକି ଗିରଫ କରୁନାହି ସାଧାରଣ ରେ ବଡ ପ୍ରଶ୍ନବାଚି ସୃଷ୍ଟି କରିଥିବା ବେଳେ ଏନେଇ ସୋମବାର ଦିନ ଜିଲ୍ଲାପାଳ ଙ୍କ ଅଭିଯୋଗ ଜନଶୁଣାଣି ରେ ଓଡିଶା କୁଡୁମୀ ସେନାର କର୍ମକର୍ତ୍ତା ମାନେ ବନରକ୍ଷୀ ଦେବଜାନୀ ମହାନ୍ତ ଙ୍କ ସପକ୍ଷରେ ଆସି ମୁଖ୍ୟ ଅପରାଧୀ ସହ ଅନ୍ୟ ମାନଙ୍କ ଗିରଫ ନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଜିଲ୍ଲା ପ୍ରଶାସନ ପୁନର୍ବାର କେନ୍ଦୁଝର ଜିଲ୍ଲା ଆରକ୍ଷକ ଅଧିକାର ମହୋଦୟ ଙ୍କୁ ମଧ ଓଡିଶା କୁଡୁମୀ ସେନା ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ ଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତ,ରାଜ୍ୟ ସମ୍ପାଦକ ଗୋପାଳ ଚନ୍ଦ୍ର ମହାନ୍ତ,ଉପଦେଷ୍ଟା ଅଭିମନ୍ୟୁ ମହାନ୍ତ.,ହରିଚନ୍ଦନପୁର ବ୍ଲକ ସଭାପତି ପଦ୍ମଲୋଚନ ମହାନ୍ତ ଦେଖାକରି ଦାବୀ କରିଛନ୍ତି । ଏହା ପରେ ଯଦି ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ନ ନିଏ ଓଡିଶା କୁଡୁମୀ ସେନା ରାଜରାସ୍ତା କୁ ଓହ୍ଲାଇବ ବୋଲି ଚେତାବନୀ ଦେଇ ଛି।

## ଜାତୀୟ ରାଜପଥ ଟୋଲ ଗେଟରେ ଅବ୍ୟବସ୍ଥା ଫଳରେ ୫ଘଣ୍ଟାଧରି ଟ୍ରାଫିକ ଜାମ



ଯୋଡା,(ମହାଭାରତ): କେନ୍ଦୁଝର ଜିଲ୍ଲା ରିମୁଳି - ରାଜାମୁଣ୍ଡା ବ୍ୟସ୍ତ ବହୁଳ ଜାତୀୟ ରାଜପଥ ଟୋଲ ଗେଟ୍ ର ଅବ୍ୟବସ୍ଥା ଫଳରେ ୫ ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଏପରି ହୋଇଥିଲା ଯେ,ଯାତାୟାତ ରୀମୁଳୀ ରୁ ଯୋଡା ବଡ଼ବିଲ କୁ ଠପ୍ ହୋଇ ଯାଇଥିଲା । କଣ୍ଡରୟ ଠାରେ ଥିବା ଟୋଲ ଗେଟ୍ ରେ ବହୁ ଏକାଧିକ ଟୋଲ ବୁମ୍ ଅକାମୀ ହୋଇ ଯିବା ଫଳରେ ଗୋଟିଏ ମାତ୍ର ଗେଟ୍ ଦେଇ ଗାଡ଼ି ଚଳାଚଳ କରୁଥିବା ବେଳେ ଆସିବା ପଟ ର ଟୋଲ ଗେଟ୍ ମଧ ଅକାମି ହୋଇ ଥିବାରୁ ମାତ୍ର ଗୋଟିଏ ଗେଟ୍ ରେ ଗାଡ଼ି ଯାଉଛି ।ରାସ୍ତାରେ ଅଟକି ଥିବା ଟ୍ରକ୍ ଡ୍ରାଇଭର ଯୋଦୁ ମଣି ଖିଲାର,ମନୋଜ ଯାଦବ,ବିପ୍ଳବ ସିନା, ଶେଖ୍ ସାଇଫୁଦିନ ପ୍ରମୁଖ କହିଛନ୍ତି ଯେ,ବିଗତ ୬ ରୁ ୭ ଦିନ ହୋଇ ଗଲା ଏହିପରି ଟୋଲ ଗେଟ୍ ର ଅଚଳାବସ୍ଥା ଯୋଗୁଁ ଟ୍ରାଫିକ ଜାମ ହେଉଛି ।ସେମାନେ ଆହୁରି ମଧ କହିଛନ୍ତି ଯେ,ଗେଟ୍ ର ଏହିପରି ଅଚଳାବସ୍ଥା ହେତୁ ଟ୍ରାଫିକ ଜାମ ର ବିପର୍ଯ୍ୟସ୍ତ ଅବସ୍ଥା ଭଦ୍ରାସାହି ଠାରୁ ଆରମ୍ଭ ହୋଇ କଣ୍ଡରା ପର୍ଯ୍ୟନ୍ତ ଲମ୍ବିଛି ।ତେଣେ ଲହଣ୍ଡା ଠାରେ ଥିବା ରେଳ ପୋଲ ଓ ସୁନା ନଦୀ ଅବବାହିକା ରେ ଥିବା ସଂକୀର୍ଣ୍ଣ ରାଜପଥ ଟ୍ରାଫିକ ଜାମ କୁ ଦ୍ୱିଗୁଣିତ କରୁଛି ।କଳାପାହାଡ଼ ରୁ ଲହଣ୍ଡା ଜାତୀୟ ରାଜପଥ ପ୍ରାଧିକରଣ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିର୍ମାଣ କରି ୪ ଲେନ ବିଶିଷ୍ଟ କରି ନାହିଁ ।ବ୍ୟସ୍ତ ବହୁଳ ଏହି ରାଜପଥ ରେ କୋଇଡା ଓ ଯୋଡା ଖଣି ମଣ୍ଡଳ ର ପ୍ରାୟ ୫୦ ହଜାର ଟ୍ରକ୍ ଯାତାୟାତ କରୁଥିବା ର ରିପୋର୍ଟ ଜାତୀୟ ରାଜପଥ ପ୍ରାଧିକରଣ ନିକଟରେ ଥିଲେ ମଧ ଏ ପର୍ଯ୍ୟନ୍ତ ରାସ୍ତା କୁ ସମ୍ପୂର୍ଣ୍ଣ ନ କରି ପ୍ରାଧିକରଣ କେବଳ ଟୋଲ ଆଦାୟ କରିବାର ବେଉସା କରୁଛି। ଜାତୀୟ ରାଜପଥ ର ପ୍ରାଧିକରଣ ବିଭାଗ ର କେନ୍ଦୁଝର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଗାମୀ ଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏ ବାବଦରେ ସେ ଅବଗତ ନାହିଁ ।ପରବର୍ତ୍ତ□ୀ ସମୟରେ ସେ ଫୋନ କରି ଅବଗତ କରିଥିଲେ ଯେ,ଯୋଡା ପୋଲିସ ରାସ୍ତା ଟି କୁ ବନ୍ଦ କରିଛି ।ଏବଂ ଟୋଲ ଗେଟ୍ ର ମରାମତି କାର୍ଯ୍ୟ ଚାଲୁ ଥିବାରୁ ଗେଟ୍ ରେ ଯାତାୟାତ ରେ ସାମୟିକ ବ୍ୟାଘାତ ହେଉଛି ।ତେବେ ଏ ନେଇ ଯୋଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଙ୍କୁ ପଚାରିବାରୁ ସେ ଆଶ୍ଚର୍ଯ୍ୟ ଚକିତ ହୋଇ କହିଥିଲେ ଯେ,ପୋଲିସ କାହିଁକି ଏନ୍ ଏଚ ବନ୍ଦ କରିବ । ଏନ୍ ଏଚ ର କଣ୍ଡରୟ ଟୋଲ ଗେଟ୍ ରେ କୌଣସି ସମସ୍ୟା ଥିବାରୁ ଏବଂ ଜାତୀୟ ରାଜପଥ ର ମରାମତି କାର୍ଯ୍ୟ ଚାଲିଥିବାରୁ ଟ୍ରାଫିକ ଉପୁଜିଛି ଯପୋଲିସ ଟ୍ରାଫିକ ନିୟନ୍ତ୍ରଣ କରୁଛି ।ହେଲେ ପୋଲିସ ରାଜପଥ କୁ ବନ୍ଦ କରି ନାହିଁ ।ଟୋଲ ଗେଟ୍ ର ଅବ୍ୟବସ୍ଥା ,ଟ୍ରାଫିକ ଜାମ ଫଳରେ ଯାତ୍ରୀବାହୀ ବସ,ଆମ୍ବୁଲାନ୍ସ,ଛୋଟ୍ ବଡ ଯାନବାହାନ, ପଥ ପରିବର୍ତ୍ତନ କରି ରଙ୍ଗରୁଟ ରେ ଯାତାୟାତ କରୁଥିବାରୁ ଭୟଙ୍କର ଦୁର୍ଘଟଣା ହେବାର ସମ୍ଭାବନା ରହିଛି ।ଗୋଟିଏ ପଟେ ଅତ୍ୟାଧୁନିକ ଜାତୀୟ ରାଜପଥ ସମ୍ପର୍କରେ ଭୁବନେଶ୍ୱର ରେ ଇଣ୍ଡିଆନ୍ ରୋଡ କଂଗ୍ରେସ ର ବୈଠକ ଚାଲୁଥିବା ବେଳେ ସର୍ବାଧିକ ଖଣି ରାଜସ୍ୱ ଦେଉଥିବା କେନ୍ଦୁଝର ଜିଲ୍ଲା ର ଜାତୀୟ ରାଜପଥ, ପ୍ରାଧିକରଣ ର ଅଢୁଆଳ ରେ ରହି ଯାଉଛି ।

## ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ



ହିନ୍ଦୋଳ(ମହାଭାରତ) ହିନ୍ଦୋଳ ବ୍ଲକ ଖଜୁରିଆକଟା ପ୍ରାଣୀ ଚିକିତ୍ସାଳୟ ପରିସର ରେ ଆଜି ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସିମାରାଣି ନାୟକ ଯୋଗ ଦେଇ ମେଳା ର ଶୁଭ ଉଦ୍ଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦ ଙ୍କ ପ୍ରତିନିଧି ସୁଶାନ୍ତ ପତି,ହିନ୍ଦୋଳ ଉପ ଜିଲ୍ଲାପାଳ ପ୍ରଭାସ କୁମାର ବେଉରା,ଜିଲ୍ଲା ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ମିଶ୍ର,ତହସିଲଦାର ଦିଲ୍ଲିପ ସେଠୀ,ବିଡ଼ିଓ ଡ. କଲ୍ୟାଣ ସୌରଭ ଦାସ,ବ୍ଲକ୍ ଉପାଧକ୍ଷ ବରୁଣ ସର, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭ ବିକାଶ ମଲ୍ଲିକ , ଅବସର ପ୍ରାପ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ କନ୍ଧମାଳ ତପନ କୁମାର ବେଉ ରା, ଅବସର ପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ । ହିନ୍ଦୋଳ ବ୍ଲକ ର ୩୫ ଗୋଟି ପଞ୍ଚାୟତ ଶତାଧିକ ଚାଷୀ ଏହି ମେଳା ରେ ଅଂଶ ଗ୍ରହଣ କରିଥିଲେ । ମେଳା ରେ ମୋଟ ୧୨ ଗୋଟି ଷ୍ଟଲ୍ ରେ ଚାଷୀ ମାନଙ୍କୁ ସରକାର ଙ୍କ ପଶୁ ସମ୍ପଦ ଓ ମତ୍ସ୍ୟ ସମ୍ପଦ ଉପରେ ଆତ୍ମ ନିର୍ଭର ଶିଳ ହେବା ପାଇଁ ବିଭିନ୍ନ ଯୋଜନା ସମ୍ପର୍କ ରେ ଅବଗତ କରାଯାଇଥିଲା । ଗୋ ପାଳନ ରେ ଅଞ୍ଚଳ ର ରଶ୍ମିତା ନାଥ ହାତୁରା,ଛେଳି ପାଳନ ରେ ଦମୟନ୍ତୀ ମହାଳିକ କୁମୁରି ସୀଙ୍ଗା,କୁକୁଡ଼ା ପାଳନ ରେ ଶୁଭେନ୍ଦୁ ବେହେରା, ମା ସନ୍ତୋଷି ସ୍ୱୟଂ ସହାୟକ ଗୋଷ୍ଠୀ ଦୁଦୁ ର କୋଟ, ମତ୍ସ୍ୟ ପୋଖରୀ ଯୋଜନା ରେ ପ୍ରଭାକର ସ୍ୱାଇଁ ପଟାଲୁ,ମାଛ ଜାଆଁଳ ରେ ନନ୍ଦିତା ସାହୁ ବେଡକ୍ଷ ପଡ଼ା , ବାଇଓ ଫ୍ଲକ୍ ଫିସ ରେ ଶୁଭଶ୍ରୀ ପଟ୍ଟନାୟକ ଦୁଦୂର୍ କୋଟ,ମାଛ ଚାଷ ପାଇଁ ଜେନାମଣି ସ୍ୱୟଂ ସହାୟକ ଗୋଷ୍ଠୀ ନନ୍ଦପୁର, ବ୍ରଏଲର କୁକୁଡ଼ା ଚାଷ ପାଇଁ ରେବତୀ ବେହେରା ବକ୍ଷଙ୍କିଡି,ମାଛ ଜାଲ ପାଇଁ ମାଧବ ଚନ୍ଦ୍ର ପାଲ ପ୍ରମୁଖ ଙ୍କୁ ସଫଳ ଚାଷୀ ଭାବେ ପୁରସ୍କୃତ କରା ଯାଇଥିଲା । ହିନ୍ଦୋଳ ବ୍ଲକ କଳା ସଂସ୍କୃତି ପରିଷଦ ଉପ ସଭାପତି ବିମଳ ବିଶ୍ୱାଳ ଙ୍କ ଆବାହକ୍ ରେ ପାଲା ଗାୟକ ଧ୍ରୁବ ଚରଣ ବିଶ୍ୱାଳ ଓ ସାଥୀ,ପାଇକ ସମର କଳା ରେ ବିମଳା ସାମଲ ଓ ସାଥୀ ଦୁଦୂରକୋଟ,କକ୍ଷରନ୍ଦକ୍ଷ ଗ୍ରାମ ର ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ସରକାର ଙ୍କ ବିଭିନ୍ନ ଉତ୍ତୟନ ମୂଳକ ଯୋଜନା କୁ ନିଜ କଳା ମାଧମ ରେ ପ୍ରଦର୍ଶନ କରିଥିଲେ। ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବାଶିଷ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିମଳ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ।ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭ ବିକାଶ ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଖଜୁରିଆକଟା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଜ୍ଞାସ୍ମିତା ସାହୁ ଙ୍କ ସମେତ ଉପଖଣ୍ଡ ର ସମସ୍ତ ପ୍ରାଣୀ ଚିକିତ୍ସାଳୟ ର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

## ଭୂତକୋଠି ପାଲଟିଲାଣି ୧ କୋଟି ଟଙ୍କାର କ୍ୱାଟର୍ସ

### କାମରେ ଲାଗୁନି ସରକାରୀ କ୍ୱାଟର୍ସ



କେନ୍ଦୁଝର,(ମହାଭାରତ): ଗ୍ରାମ୍ୟ ନିର୍ମାଣ ବିଭାଗ(୧) ପକ୍ଷରୁ କର୍ମଚାରୀଙ୍କ କେନ୍ଦୁଝର ସହର ସନ୍ନିକଟ ଧୂର୍ପଦା ନିକଟରେ ୧କୋଟିରୁ ଊର୍ଦ୍ଧ ଟଙ୍କା ବ୍ୟୟରେ ସରକାରୀ କ୍ୱାଟର୍ସ ନିର୍ମାଣ କରାଯାଇଥିଲା । ବିଭାଗୀୟ ଅବହେଳା ଯୋଗୁଁ ନିର୍ମାଣର ୯ ବର୍ଷ ପରେ ବି କ୍ୱାଟର୍ସ ପାଣି ସଂଯୋଗ ହୋଇପାରୁ ନଥିବାରୁ ଏହା କାମରେ ଲାଗୁନାହିଁ । ସରକାରୀ କ୍ୱାର୍ଟର୍ସ ଏବେ ଭାଙ୍ଗିରୁଜି ଭୂତକୋଠିରେ ପରିଣତ ହେବାକୁ ବସିଲାଣି । ଗ୍ରାମ୍ୟ ନିର୍ମାଣ ବିଭାଗ(୧) ପକ୍ଷରୁ ଦୁଇଟି ବହୁତଳ କ୍ୱାର୍ଟର୍ସ ନିର୍ମାଣ ହୋଇଥିଲା । ସରକାରୀ କ୍ୱାର୍ଟର୍ସ ପାଇଁ ପାଚେରି ନିର୍ମାଣ ହୋଇଥିବାବେଳେ ଘରେ ବିଦ୍ୟୁତ ୱାରିଂ କରାଯାଇ ବିଭିନ୍ନ ସରଞ୍ଜାମ ଲଗାଯାଇଛି । ୨୦୧୬ ରେ କ୍ୱାର୍ଟର୍ସ ନିର୍ମାଣ ଶେଷ ହେବା ପରେ ଏହାକୁ ହସ୍ତାନ୍ତର କରାଯାଇଥିଲା । ଏହାପରେ ପାଣି ସଂଯୋଗ କରାଯାଇ ଗ୍ରାମ୍ୟ ନିର୍ମାଣ ବିଭାଗ(୧) କର୍ମଚାରୀଙ୍କୁ କ୍ୱାର୍ଟର୍ସ ବଂଟନ କରାଯିବା କଥା । ମାତ୍ର ଇତିମଧ୍ୟରେ ୯ ବର୍ଷ ହେବ ବିଭାଗୀୟ ଅବହେଳାରୁ ପାଣି ସଂଯୋଗ ହୋଇନଥିବାରୁ କ୍ୱାର୍ଟର୍ସ ଗୁଡିକ ବ୍ୟବହାର ହେଉନଥିବାରୁ ଏହା ଭାଙ୍ଗିରୁଜି ଗଲାଣି । ଅବ୍ୟବହୃତ ସରକାରୀ କ୍ୱାଟର୍ସ ତୃଣ,ଗୁଳ୍ମ ଏବଂ ଅନାବନା ବୃକ୍ଷ ଦ୍ୱାରା ଆଚ୍ଛାଦିତ ହୋଇଯାଇଛି। ଭୂତକୋଠୀରେ ପରିଣତ ହୋଇଥିବା ଏହି ଘର ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟିଛି । ଇତିମଧ୍ୟରେ ୭ଜଣ ଅଧିକାରୀଙ୍କ ବଦଳି ପରେ ମଧ ଏଥିପ୍ରତି କାହାର ନଜର ପଡୁନି । ଏପଟେ କ୍ୱାର୍ଟର୍ସ ନପାଇ କର୍ମଚାରୀମାନେ ବାହାରେ ଘର ଭଡା ନେଇ ରହୁଛନ୍ତି । ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେଉଛି । ଅନେକ ଦୂରଦୂରାନ୍ତରୁ ଯାତାୟତ କରୁଥିବାରୁ କାର୍ଯ୍ୟାଳୟରେ ଠିକ୍ ସମୟରେ ପହଁଚି ପାରୁନାହାନ୍ତି । କ୍ୱାର୍ଟର୍ସ ନିର୍ମାଣ ହୋଇ ବି ଏହା କାମରେ ଲାଗୁ ନଥିବାରୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା କର୍ମଚାରୀଙ୍କ ଘରଭଡା ବାବଦକୁ ସରକାରୀ ତହବିଲରୁ ପ୍ରଦାନ କରାଯାଉଛି । ପାଣି ସଂଯୋଗ ହୋଇନଥିବାରୁ ସରକାରୀ ବାସଭବନଗୁଡିକ କର୍ମଚାରୀମାନଙ୍କୁ ଯୋଗାଇ ଦିଆଯାଇପାରୁନାହିଁ ବୋଲି ବହୁ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି । ସରକାରୀ କର୍ମଚାରୀ ମୂଳ ଦରମାର ୧୨ ଶତକଡା ଘର ଭଡା ଦିଆଯାଏ । ଯାହାଫଳରେ ସେମାନେ ୧୨ ଶତକଡା ହାରରେ ସରକାରଙ୍କ ଠାରୁ ଘରଭଡା ନେଉଛନ୍ତି । ଏଣୁ ସରକାରଙ୍କ ରାଜକୋଷରୁ ଅନେକ ବ୍ୟୟ ହେଉଛି। ସରକାରୀ ବାସଭବନରେ ପାଣି ସଂଯୋଗ ଏବଂ ମରାମତି କରି ସରକାରୀ କର୍ମଚାରୀଙ୍କୁ ଯୋଗାଇ ଦେଲେ ଘରଭଡା ବାବଦରେ ସରକାରଙ୍କ ଅଜସ୍ର ଅର୍ଥ ରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଇଛି । ଏ ନେଇ ଗ୍ରାମ୍ୟ ନିର୍ମାଣ ବିଭାଗ(୧) ଅଧିକ୍ଷଣ ଯନ୍ତ୍ରୀ କପିଳେଶ୍ୱର ସିଂ ଙ୍କୁ ପଚାରିବାରୁ କ୍ୱାଟର୍ସ ରେ ପାଣି ସଂଯୋଗ ହୋଇନଥିବାରୁ ଦୀର୍ଘ ବର୍ଷ ହେବ ବ୍ୟବହାର ହୋଇ ପାରୁନାହିଁ । ଖୁବଶୀଘ୍ର ପାଣି ସଂଯୋଗ କରାଯାଇ କ୍ୱାଟର୍ସ କୁ କର୍ମଚାରୀଙ୍କୁ ଆବଣ୍ଟନ କରାଯିବ।

## ଭଣ୍ଡାରି ପାଙ୍ଗାମ୍ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି, (ମହାଭାରତ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସ୍ଥିତ ଭଣ୍ଡାରି ପାଙ୍ଗାମ୍ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ମାଲକାନଗିରି ଜିଲ୍ଲା ପରିଷଦ ସିଡିଓ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମି ରଞ୍ଜନ ସେନାପତି ଓ ଉପ ଜିଲ୍ଲାପାଳ ଅଶ୍ୱି ଏ ଏଲ ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗ ଗୁଡିକୁ ଶୁଣିଥିଲେ।ଏହି ଶିବିରରେ ମୋଟ ୮୪ ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ୧୩ ଗୋଟି ବ୍ୟକ୍ତିଗତ ଓ ୭୧ ଟି ସାମୁହିକ ଅଭିଯୋଗ ରହିଥିଲା। ସେଥିରେ ୧୨ ଟି ପ୍ରଧାନମନ୍ତ୍ରୀ ଆବାସ ଗୃହ , ଗୋଟିଏ ପେନସନ, ୫ ଟି ନୂତନ ମଣ୍ଡି ସ୍ଥାପନ, ୬ଟି ଅଙ୍ଗନୱାଡି ଗୃହ, ୩ ଟି ମୋ ପୋଖରୀ ଯୋଜନା, ଗୋଟିଏ ନଳକୂପ, ୬ଟି ନୂତନ ଟେଲିଫୋନ ଟାୱାର, ୩ ଟି ବିଜୁଳି ସଂଯୋଗିକରଣ ଓ ୭ ଟି ଅନ୍ୟାନ୍ୟ ଅଭିଯୋଗ ରହିଥିଲା ।ସେହିପରି ୪୦ ଗୋଟି ରାସ୍ତା, ସେତୁ ଓ ଅନ୍ୟାନ୍ୟ ଅଭିଯୋଗର ଶୁଣାଣି ହୋଇଥିଲା । ବିଭିନ୍ନ ଯୋଜନାର ହାତ ପାହାନ୍ତା ରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଅଭିଯୋଗ ପରେ ଜିଲ୍ଲାପାଳ ଭଣ୍ଡାରି ପାଙ୍ଗାମ୍ ସ୍ଥିତ ସ୍କୁଲ୍ ପରିଦର୍ଶନରେ ଯାଇ ମଧାହ୍ନ ଭୋଜନର ମାନ ପରଖିଛନ୍ତି। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ।

## ମାଁ ମାଉଳି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଗୋଲାମୁଣ୍ଡା (ମହାଭାରତ)କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଚପରିଆ ବିଶିବର୍ଣ୍ଣ ଖେଳ ପଡିଆ ଠାରେ ସୋମବାର ଦିନ ମାଁ ମାଉଳି ଫୁଟବଲ କ୍ଲବ୍ ପକ୍ଷରୁ ଏକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଯାଇଛି ।ଉକ୍ତ ଫୁଟବଲ୍ ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଘାସିରାମ ସୁନାନୀ, ବିଶିଷ୍ଟ ଅତିଥି ସମାଜସେବୀ ଶ୍ରୀ ଦୟାନିଧି ବାଗ,ନୀଳାମ୍ବର ହରପାଳ,ଆଇ.ଆର.ବି ଯବାନ ନୃପରାଜ ଭୋଇ,ବିଶିଷ୍ଟ କଳାକାର ଜିତେନ୍ଦ୍ର ମହାନନ୍ଦ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ୮ଗୋଟି ଦଳ ଅଂଶ ଗ୍ରହଣ କରିବାର ନିୟମ ଥିବାବେଳେ ପ୍ରଥମ ଦିନରେ କଣ୍ଟାମାଲ ଓ ବରଗାଁ ମଧ୍ୟରେ ଖେଳ ପ୍ରତିଯୋଗିତା ହୋଇଥିଲା । ଦୁଇ ଦଳ ମଧ୍ୟରେ ଘମା ଘୋଟ ଖେଳ ପ୍ରଦର୍ଶନ ହୋଇଥିବା ବେଳେ ଖେଳ ଦେଖିବା ପାଇଁ ଦର୍ଶକ ମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। କଣ୍ଟାମାଲ ଦଳ ବରଗାଁ ଦଳ ମଧ୍ୟରେ ଶେଷ ପର୍ଯ୍ୟାୟରେ ୧-୧ ଗୋଲରେ ସମାନ୍ତର ଥିବାବେଳେ ପ୍ଲାଣ୍ଟିକରେ କଣ୍ଟାମାଲ ଦଳ ବିଜୟୀ ହୋଇ ସେମିଫାଇନାଲ ରେ ପଦାର୍ପଣ କରିଥିଲା ।ମନ୍ମଥ ସିଂ, ଭିକାରି ଭୋଇ ଓ ରୋମାଞ୍ଚଳ ଭୋଇ ଖେଳ ପରିଚାଳନା କରିଥିଲେ । ଫୁଟବଲ୍ ଟୁର୍ଣ୍ଣାମେଣ୍ଟର କମିଟିର ସଭାପତି ଲବଣୀ ଚନ୍ଦନ,ଉପସଭାପତି ବେଦାନ୍ତ ମାଝୀ,ସମ୍ପାଦକ ଟୁନା ଦାସ, ସହ ସମ୍ପାଦକ ବୃନ୍ଦା ଭୋଇ,ମାନସ ଦାସ,କୋଷାଧ୍ୟକ୍ଷ ବେଦବର ମାଝୀ ମୁଖ୍ୟ ଭୂମିକା ଲିଭାଇଥିବା ବେଳେ କ୍ରିନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ତରଭଟା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା

ବୋରିଗୁମ୍ମା:(ମହାଭାରତ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତରାଭଟ୍ଟା ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ,ଗଣିତ ଓ ପରିବେଶ ବିଜ୍ଞାନ ମେଳା- ୨୦୨୫-୨୬ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ରତନ ପ୍ରସାଦ ହାସଂଦା ଅଧକ୍ଷତା ଓ ବିଜ୍ଞାନ ଶିକ୍ଷକ ଶ୍ରୀ ଜିତରାୟ ସୋରେନଙ୍କ ମାର୍ଗଦର୍ଶନ ରେ ସଫଳତା ଭାବେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନିକଟସ୍ଥ କୁମୁଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଲମ୍ବୋଦର ଷଡ଼ଙ୍ଗୀ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ । ଇତ୍ୟବସରରେ ମେଳାରେ ଗଣିତ ବିଭାଗରେ ୫୨ ଓ ବିଜ୍ଞାନ ବିଭାଗରେ ୧୫୨ ପ୍ରାୟ ୨୫୦ରୁ ତଦୁର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲାୟ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ମେଳା ଦେଖିବାକୁ ଆସି ଆନନ୍ଦ ଉପଭୋଗ କରିଥିଲେୟ ନିକଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଜୟନ୍ତୀଗିରିର ଜୀବବିଜ୍ଞାନ ଶିକ୍ଷକ ହିରାଧର ମାଝୀ, କୋଟପାଡ଼ର ଗଣିତ ଶିକ୍ଷକ ମାନସ ରଂଜନ ନାୟକ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାପଡାହାଣ୍ଡି ଜୀବବିଜ୍ଞାନ ଶିକ୍ଷକ ହିମାଂଶୁ ଶେଖର ଭତରା ବିଚାରକ ଭାବରେ ଯୋଗଦାନ କରି ପ୍ରକଳ୍ପଗୁଡିକର ଫଳାଫଳ ଘୋଷଣା କରିଥିଲେ । ବିଭିନ୍ନ ବିଭାଗରେ ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ମିଳିତ ସହଯୋଗିତା ଓ ସହଭାଗିତାରେ କାର୍ଯ୍ୟକ୍ରମ ସଫଳତା ହାସଲ କରିଛି ୟ ସର୍ବ ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଶିକ୍ଷୟିତ୍ରୀ ତପସ୍ୱିନୀ ଆଚାର୍ଯ୍ୟଙ୍କ ଦ୍ୱାରା ଅତିଥି ମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## ଦେବଭୂମି ପଂଚାୟତରେ ଜନ ଶୁଣାଣି କାର୍ଯ୍ୟକ୍ରମ



ଆସିକା(ମହାଭାରତ): ରାଜ୍ୟ ସରକାର ପଞ୍ଚାୟତ ସ୍ତରରେ ଜନସାଧାରଣ ଙ୍କ ଅସୁବିଧାକୁ ଯଥା ଶୀଘ୍ର ସମାଧାନ କରିବା ଦିଗରେ ପଞ୍ଚାୟତ ସ୍ତରୀୟ ଜନଶୁଣାଣୀ କାର୍ଯ୍ୟକ୍ରମ ଗତ କିଛି ମାସ ହେଲା ଆରମ୍ଭ କରିଛନ୍ତି। ଏହି ପରିପେକ୍ଷୀରେ ଆସିକା ପଞ୍ଚାୟତ ସମିତି ଅନ୍ତର୍ଗତ ଦେବଭୂମି ଗ୍ରାମ ପଞ୍ଚାୟତ ସଭାଗୃହ ଠାରେ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମ ରେ ଆସିକା ବିଡ଼ିଓ ଲିପିନା ଦାସ, ଆସିକା ତହସିଲଦାର ସଙ୍ଗୀତା ସେଣ,ସରପ□ ଅଶାନ୍ତି ବେହେରା, ଏବିଡ଼ିଓ ସୁଶାନ୍ତ କୁମାର ବେହେରା, ପୂର୍ବତନ ସମିତି ସଭ୍ୟ ସନ୍ତୋଷ ନାହାକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୌରହରି ବେହେରା ,ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ,,ଜିପିଡିଓ ରାଜଶ୍ରୀ ସାହୁ, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା, ଓ ଏଲ ଏମ ବିପିଏମ ଅନିତା ମହାରଣା, ଆବାସ ର ଟିକିନା ବିଶ୍ୱାଳ, ବନ ଅଧିକାରୀ ଶରତ ଚନ୍ଦ୍ର ବେହେରା, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ର ଯନ୍ତ୍ରୀ,ସିଆରପି, ଏମ ବି କେ, ଅଙ୍ଗନବାଡି, ଆଶା କର୍ମୀ ସମେତ ଅନେକ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ଆଜି ପଞ୍ଚାୟତର ମୋଟ ୪୧ ଗୋଟି ଅଭିଯୋଗ କୁ ଗ୍ରହଣ କରାଯାଇଛି ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଜନ ଅଭିଯୋଗ ଶୁଣାଣି ରେ ସ୍ୱଚ୍ଛ ଭାରତ ଉପରେ ପଂଚାୟତ ର ଭିତ୍ତି ଭୂମି ସମ୍ବନ୍ଧୀୟ ଆବାସ ଗୃହ , ମଧୁବାବୁ ପେନସନ ପାଇଁ , ସୁଭଦ୍ରା ସକାଶେ ବିଶ୍ୱକର୍ମା ଯୋଜନା,ସମନ୍ୱିତ ଶିଶୁ ବିକାଶ ଯୋଜନା, ବନ୍ୟା ଜନ୍ତୁ ଙ୍କ ଫସଲ ନଷ୍ଟ, ଅନ୍ୟାନ ବିଷୟରେ ଆବେଦନ କରିଛନ୍ତି ।

## କୋରାପୁଟ ପରବ ୨୦୨୫ ପାଇଁ କୁଟୁଣିପଦରରେ ଚଳଚଞ୍ଚଳ

### ଉତ୍ସାହରେ ଭରିଲା ଗ୍ରାମ



ଲକ୍ଷ୍ମୀପୁର, (ମହାଭାରତ): ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ପ୍ରସିଦ୍ଧ 'କୋରାପୁଟ ଲୋକ ମହୋତ୍ସବ'। ଯାହାକୁ ସମସ୍ତେ ପ୍ରେମରେ କୋରାପୁଟ ପରବ ବୋଲି ଜାଣନ୍ତି, ଏବେ ସାରା ଜିଲ୍ଲାରେ ଉତ୍ସବୀୟ ମାହୋଲ ସୃଷ୍ଟି କରିଛି। ଜିଲ୍ଲାର ଏକୋଟି ଗ୍ରାମ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତେ ଏହି ଲୋକପରବ ପାଇଁ ଅପେକ୍ଷାରେ ଅଛନ୍ତି ।ଏହି ବର୍ଷର ପରବ ଆରମ୍ଭ ହେବ ଲକ୍ଷ୍ମୀପୁର ବ୍ଲକର କୁଟୁନିପଦର ଶିବ ମନ୍ଦିର ପରିସରରୁ ଏକ ଭବ୍ୟ ମଶାଲ ଯାତ୍ରା ସହିତ, ଯେଉଁଥିରେ ଜିଲ୍ଲାପାଳ, ସଂସ୍କୃତି ବ ି ଭ । ଗ ର ଅଧିକାରୀ,ସାଂସଦ,ବିଧାୟକ ଓ ବିଭିନ୍ନ ଦଳ ର ପ୍ରତିନିଧି ଉପସ୍ଥିତ ରହିବେ। ଏହା ସହିତ ଅନୁଷ୍ଠିତ ହେବ ଶିଳ୍ପ ଓ ହସ୍ତଶିଳ୍ପ ପ୍ରଦର୍ଶନୀ, ଲୋକନୃତ୍ୟ ପ୍ରତିଯୋଗିତା ଓ ଆଦିବାସୀ ଖାଦ୍ୟ ମହୋତ୍ସବ।ପରବର ଉଦଘାଟନ ଉତ୍ସବକୁ ସଫଳ କରିବା ପାଇଁ ଜିଲ୍ଲାପାଳଙ୍କ ନିରୀକ୍ଷଣରେ ଚାଲିଛି ଜୋରଦାର ପ୍ରସ୍ତୁତ। ସମସ୍ତ ବିଭାଗ – ବିଦ୍ୟୁତ, ପାଣି, ପରିମଳ ଓ ଯାତାୟାତ ବ୍ୟବସ୍ଥା – ନିୟମିତ ଯା□ ହେଉଛି। ଗ୍ରାମବାସୀ ମାନେ ପରସ୍ପର ମିଶି ପାରମ୍ପରିକ ବେଶ ଭୁସାରେ ନିଜକୁ ସଜାଇବାରେ ଓ ପାରମ୍ପରିକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପଲବ୍ଧ ହେଲା ଭଳି ଛୋଟ ଛୋଟ ଦୁକାନ ପ୍ରସ୍ତୁତିରେ ବ୍ୟସ୍ତ। ଯୁବକ, ମହିଳା ସ୍ଥାନୀୟ ଅଞ୍ଚଳର ସମସ୍ତେ ଉତ୍ସାହର ସହ ଯୋଗ ଦେଉଛନ୍ତି ।ପରବ ମାଧ୍ୟମରେ କୋରାପୁଟର ସାଂସ୍କୃତିକ ଐତିହ୍ୟ, ଲୋକନୃତ୍ୟ, ଲୋକକଳା ଓ ଆଦିବାସୀ ଜୀବନ ଧାରା ଦେଶ ଓ ବିଦେଶର ମଞ୍ଚରେ ପ୍ରଚାର ପାଉଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଲୋକନୃତ୍ୟ ଦଳ – ପରଜା, କନ୍ଧ,ଗାଦବା, ବୋଣ୍ଡା ଓ ଦେଶିଆ ଜାତିର ନୃତ୍ୟ ଅଭିନୟ କରି ମ□କୁ ରଙ୍ଗିତ କରିବେ।କୁଟୁନିପଦର ଗ୍ରାମ ଏବେ ଏକ ଚଳଚଞ୍ଚଳ ଉତ୍ସବ ଗାଁର ରୂପ ନେଇଛି। ସନ୍ଧ୍ୟା ହେଲେ ମନ୍ଦିର ପରିପାର୍ଶ୍ୱ ଆଲୋକ ଝଲସୁଛି। ଛୋଟ ଠାରୁ ବଡ଼ ସମସ୍ତଙ୍କ ମୁହଁରେ ଅଛି ଖୁସିର ହସ। ପାରମ୍ପାରିକ ବାଦ୍ୟ ଢାପୁ, ଟାମକ, ବିଚଳ ମହୁରୀ ଶବ୍ଦରେ ଗୁଞ୍ଜରିତ ହେଉଛି ଅଞ୍ଚଳ।କୋରାପୁଟ ପରବ କେବଳ ଏକ ଆନନ୍ଦ ଉତ୍ସବ ନୁହେଁ, ଏହା ହେଉଛି ଏକ ସାଂସ୍କୃତିକ ଅଭିବ୍ୟକ୍ତି ଓ ଏକତାର ପ୍ରତୀକ। ପରବ ମାଧ୍ୟମରେ ଜିଲ୍ଲାର ଲୋକ ମାନେ ନିଜ ଅସ୍ତିତ୍ୱ ଓ ଐତିହ୍ୟ ପ୍ରତି ଗର୍ବ ଅନୁଭବ କରୁଛନ୍ତି ।ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଏହି ବର୍ଷ ପରବକୁ ଅଧିକ ସୁସଂଗଠିତ ଓ ସଜାଗ ଭାବରେ ପାଳନ କରାଯିବ। ପରବ ସମୟରେ ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ନିମନ୍ତ୍ରିତ ଅତିଥିମାନଙ୍କ ସୁବିଧା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ହୋଇ କାର୍ଯ୍ୟରତ ଅଛନ୍ତି ।କୋରାପୁଟ ପରବ ୨୦୨୫ କୁ ଲୋକ ଆଗରୁ ହିଁ ଉତ୍ସାହ ସହ ଅପେକ୍ଷା କରିଛିନ୍ତି। ଏହି ପରବ ମାଧ୍ୟମରେ ଜିଲ୍ଲାର ସାଂସ୍କୃତିକ ପରମ୍ପରା ବଞ୍ଚି ରହିବ।

## ବିହାର ବିଧାନସଭା ନିର୍ବାଚନ: ୨୦ ଜିଲ୍ଲାର ୧୨୨ ବିଧାନସଭା ଆସନ ପାଇଁ ମତଦାନ ଆରମ୍ଭ

ପାଟନା: ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟରେ ୨୦ ଜିଲ୍ଲାର ୧୨୨ ବିଧାନସଭା ଆସନ ପାଇଁ ମଙ୍ଗଳବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଛି। ୧୨୨ ଆସନ ମଧ୍ୟରୁ ୧୦୧ଟି ସାଧାରଣ ବର୍ଗ ପାଇଁ, ୧୯ଟି ଅନୁସୂଚିତ ଜାତି ପାଇଁ ଏବଂ ୨ଟି ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି। ଏହି ପର୍ଯ୍ୟାୟରେ ମୋଟ ୧,୩୦୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ୧,୧୬୫ ପୁରୁଷ, ୧୩୬ ମହିଳା ଏବଂ ଜଣେ ତୃତୀୟ-ଲିଙ୍ଗୀ ପ୍ରାର୍ଥୀ ରହିଛନ୍ତି। ମୋଟ ୩୭,୦୧୩,୫୫୬ ଭୋଟର ଏହି ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରୁଛନ୍ତି। ଭୋଟରମାନଙ୍କ ମଧ୍ୟରେ ୧୯,୫୪୪,୦୪୧ ପୁରୁଷ, ୧୭,୪୬୮,୫୭୨ ମହିଳା ଏବଂ ୯୪୩ ତୃତୀୟ-ଲିଙ୍ଗୀ ଭୋଟର ଅଛନ୍ତି। ଏହି ପର୍ଯ୍ୟାୟରେ, ପ୍ରତ୍ୟେକ ବୁଥରେ ହାରାହାରି ୮୧୫ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପର୍ଯ୍ୟାୟରେ ସମସ୍ତ ୧୨୨ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦୁଇ ଲକ୍ଷରୁ ଅଧିକ ଭୋଟର ଅଛନ୍ତି। ଭୋଟଦାତାଙ୍କ ମତଦାନ ଦୃଷ୍ଟିରୁ, ସବୁଠାରୁ ଛୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ହେଉଛି ମଖଦୁମପୁର। ଏହାର ଭୋଟଦାତାଙ୍କ ସଂଖ୍ୟା ୨୪୭,୫୭୪। ସେହିପରି ସବୁଠାରୁ ବଡ ହେଉଛି ହିସୁଆ। ଯାହାର ଭୋଟର ସଂଖ୍ୟା ସର୍ବାଧିକ ୩୬୭,୬୬୭।

ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟରେ, କିଛି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କ ସଂଖ୍ୟା ନେଇ ଗୁରୁତ୍ୱପୂର୍ଣ୍ଣ ଲଢ଼େଇ ହେଉଛି। ତିନୋଟି ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ସଂଖ୍ୟକ ୨୨ ଜଣ ଲେଖାଏଁ ପ୍ରାର୍ଥୀ ଅଛନ୍ତି।ସେସବୁ ହେଉଛି କୈମୁରର ଚୈନପୁର, ରୋହତାସର ସାସାରାମ ଏବଂ ଗୟାର ଗୟା ସିଟି। ଏହା ସହିତ ଛଅଟି ବିଧାନସଭା ନିର୍ବାଚନମଣ୍ଡଳୀ ଅଛି ଯେଉଁଥିରେ ସବୁଠାରୁ କମ ପ୍ରାର୍ଥୀ ୫ ଜଣ ଲେଖାଏଁ ଅଛନ୍ତି। ଏହି ଛଅଟି ନିର୍ବାଚନମଣ୍ଡଳୀ ମଧ୍ୟରେ ପଶ୍ଚିମ ଚମ୍ପାରଣର ଲୌରିଆ ଏବଂ ଚାନପାଟିଆ, ପୂର୍ବ ଚମ୍ପାରଣର ରକ୍ସୌଲ ଏବଂ ସୁଗୌଲି, ସୁପୌଲର ତ୍ରିବେଣୀଗଞ୍ଜ; ଏବଂ ପୂର୍ଣ୍ଣିଆର ବନମାନଖି ରହିଛି।

ଦ୍ୱିତୀୟ ପର୍ଯ୍ୟାୟରେ, ବିହାରର ୨୦ଟି ଜିଲ୍ଲାର ମୋଟ ୪୫,୩୯୯ ବୁଥ୍ ?ରେ ମତଦାନ ହେବ। ସେଥିମଧ୍ୟରୁ ସହରାଞ୍ଚଳରେ ୫,୩୨୬ ଏବଂ ଗ୍ରାମାଞ୍ଚଳରେ ୪୦,୦୭୩ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ମୋଟ ୪୫,୩୯୯ ବୁଥ ମଧ୍ୟରେ ୪୫,୩୮୮ ସାଧାରଣ ବୁଥ୍ ଏବଂ ୧୧ଟି ସହାୟକ ବୁଥ୍ ରହିଛି।

ମତଦାନ ପ୍ରକ୍ରିୟାକୁ ସହଜ କରିବା ପାଇଁ ସ୍ୱତନ୍ତ୍ର କେନ୍ଦ୍ର, ମହିଳାମାନଙ୍କ ଦ୍ୱାରା ପରିଚାଳିତ ୫୯୫ ବୁଥ୍। ଦିବ୍ୟାଙ୍ଗମାନଙ୍କ ଦ୍ୱାରା ପରିଚାଳିତ ୯୧ ବୁଥ୍।

୩୧୬ଟି ମଡେଲ ମତଦାନ କେନ୍ଦ୍ର। ସମସ୍ତ ବୁଥ୍‌ରେ ୱେବ୍ କାଷ୍ଟିଂ କରାଯାଉଛି।

ସୂଚନାଯୋଗ୍ୟ,ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ, ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ନିର୍ବାଚନମଣ୍ଡଳୀର ୪୫,୩୪୧ଟି ମତଦାନ କେନ୍ଦ୍ରରେ ମତଦାନ ହୋଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୬୫.୦୮ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ମହିଳାମାନେ ଉତ୍ସାହର ସହିତ ମତଦାନରେ ଅଂଶଗ୍ରହଣ କରିଛନ୍ତି।

ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଏଥର ପ୍ରଥମ ପର୍ଯ୍ୟାୟରେ ମତଦାନ ୨୦୨୦ ବିହାର ବିଧାନସଭା ନିର୍ବାଚନ (୫୭.୨୯ ପ୍ରତିଶତ) ତୁଳନାରେ ୭.୭୯ ପ୍ରତିଶତ ଅଧିକ। ଏବଂ ଏହା ୨୦୨୪ ଲୋକସଭା ନିର୍ବାଚନ (୫୬.୨୮ ପ୍ରତିଶତ) ତୁଳନାରେ ୮.୮ ପ୍ରତିଶତ ଅଧିକ।

## ୟୁପିର ସମସ୍ତ ସ୍କୁଲରେ 'ବନ୍ଦେ ମାତରମ୍' କରାଯିବ ବାଧ୍ୟତାମୂଳକ: ମୁଖ୍ୟମନ୍ତ୍ରୀ



ଉତ୍ତର ପ୍ରଦେଶ : ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବଡ଼ ଘୋଷଣା । ରାଜ୍ୟର ସ୍କୁଲଗୁଡ଼ିକରେ "ବନ୍ଦେ ମାତରମ୍" ବାଧ୍ୟତାମୂଳକ କରାଯିବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଗୋରଖପୁରରେ ଏକ କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ ସ୍କୁଲରେ "ବନ୍ଦେ ମାତରମ୍" ବାଧ୍ୟତାମୂଳକ କରାଯିବ । ରାଜ୍ୟର ପ୍ରତ୍ୟେକ ସ୍କୁଲରେ "ବନ୍ଦେ ମାତରମ୍"କୁ ଜାତୀୟ ସଙ୍ଗୀତ ଭାବରେ ବାଧ୍ୟତାମୂଳକ କରାଯିବ । ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଆଜିଠାରୁ ଏକତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଅକ୍ଟୋବର ୩୧ ତାରିଖକୁ ଜାତୀୟ ସ୍ତରରେ ପାଳନ କରାଯାଇପାରିବ । ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି ଯେ, ସମଗ୍ର ଦେଶ ଭାରତ ମାତାର ମହାନ ପୁତ୍ର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକୀ ପାଳନ କରୁଛି । ସ୍ୱାଧୀନତା ପରେ ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନିତ କରିବା ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ସମ୍ଭବ ହୋଇଥିଲା । ଏହି ଘଟଣାଗୁଡ଼ିକ ଜାତୀୟ ଏକତାର ଏକ କାରକ ପାଲଟିଥିଲା । ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ଭାବରେ ପାଳନ କରିବା ଆରମ୍ଭ ହୋଇଥିଲା । ସେ ଆହୁରି କହିଛନ୍ତି, ଏହାଛଡା ସର୍ବବୃହତ ସର୍ଦ୍ଦାର ସରୋବର ଡ୍ୟାମ୍ ଗୁଜରାଟରେ ନିର୍ମିତ ହୋଇଥିଲା । ଆଜି ଏହା ଦେଶ ଏବଂ ବିଶ୍ୱ ପାଇଁ ଏକ ପର୍ଯ୍ୟଟନ ସ୍ଥଳ ପାଲଟିଛି । ଗୁଜରାଟର ସର୍ଦ୍ଦାର ସରୋବର କୂଳରେ ବିଶ୍ୱର ସର୍ବବୃହତ ପ୍ରତିମା ସ୍ଥାପନ କରାଯାଇଛି, ଯାହା ସମଗ୍ର ଦେଶକୁ ଗର୍ବର ଅନୁଭବ କରାଉଛି । ଏଥିପାଇଁ ସେ ଲୁହା ଏବଂ ମାଟି ଦାନ କରିଥିଲେ। ବିଶ୍ୱର ସର୍ବବୃହତ ପ୍ରତିମା, ଷ୍ଟାଚ୍ୟୁ ଅଫ୍ ୟୁନିଟି, କେଭାଡିଆରେ ନିର୍ମିତ ହୋଇଥିଲା ।

## ରାସ୍ତାକଡ଼ରେ ଠିଆ ହୋଇଥିବା ଲୋକଙ୍କୁ ଧକ୍କା ଦେଲା ସ୍କର୍ପିଓ, ୪ ମୃତ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶ ରିୱା ଜିଲ୍ଲାର ଗଢ ଥାନା ସ୍ଥିତ ହାଇୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣା ଯୋଗୁଁ ଏକ ସ୍କର୍ପିଓ କାର୍ ରାସ୍ତାକଡ଼ରେ ଛିଡା ହୋଇଥିବା ଅନେକ ଲୋକଙ୍କୁ ଧକ୍କା ଦେବା ପରେ ବିଜୁଳି ଖୁଣ୍ଟରେ ଧକ୍କା ହୋଇଥିଲା । ଘଟଣା ପରେ ସ୍କର୍ପିଓରେ ଥିବା ଡ୍ରାଇଭର ସହିତ ଅନ୍ୟ ଜଣେ ବ୍ୟକ୍ତି ଫେରାର ହୋଇଯାଇଥିବା ଜଣାପଡିଛି । ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଚାଲିଯାଇଛି । ଏମାନଙ୍କ ମଧ୍ୟରୁ ୩ ଜଣ ଗୋଟିଏ ପରିବାରର ରହିଥିଲେ । ଘଟଣାରେ ୩ ଜଣ ଲୋକ ଗୁରୁତର ଆହ ହୋଇଛନ୍ତି ।

ତେବେ ଦୁର୍ଘଟଣା ତେନ୍ଦୁଆ କୋଠାର ଗାଁ ନିକଟରେ ହୋଇଥିଲା । ସନ୍ଧ୍ୟା ୬ଟାରେ ଏକ କାର୍ ଛତିଶଗଡରୁ ପ୍ରୟାଗରାଜ ଯାଉଥିଲା । ଦ୍ରୁତ ଗତିରେ ଯାଉଥିବା କାର୍ ସାଇକେଲ ଧରି ରାସ୍ତା ପାର ହେଉଥିବା ବ୍ୟକ୍ତିଙ୍କୁ ବଞ୍ଚାଇବା ଚକ୍କରରେ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ । ଏହି ସମୟରେ ଦୁର୍ଘଟଣା ଘଟିଥିଲା ।

ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଉତ୍ତେଜିତ ହୋଇ ରାସ୍ତାରୋକ କରିଥିଲେ । ସୂଚନା ମିଳିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କଠିନ ପରିଶ୍ରମ କରି ଉତ୍ତେଜିତ ଲୋକଙ୍କୁ ଶାନ୍ତ କରିଥିଲେ ।

## ହରିଆନାର ଫରିଦାବାଦରୁ ୩୦୦ କେଜି ଆରଡିଏକ୍ସ ଜବତ, ମାମଲାରେ ୨ ଡାକ୍ତର ଗିରଫ

ନୂଆଦିଲ୍ଲୀ: ହରିଆନାର ଫରିଦାବାଦରୁ ୩୦୦ କେଜି ଜଉଢ ଜବତ। ଜାମ୍ମୁକାଶ୍ମୀର ପୋଲିସ ଓ ହରିଆନା ପୋଲିସ ମିଳିତ ଭାବେ ଏଠାରେ ଚଢ଼ଉ କରି ୩୦୦ କେଜି ଜଉଢ ସାଙ୍ଗକୁ ୨ଟି ଏକେ-୪୭ ବନ୍ଧୁକ ଓ ବିପୁଳ ଗୁଳିଗୋଳା ଜବତ କରିଛନ୍ତି। ମାମଲାରେ ଜଣେ କାଶ୍ମୀର ଡାକ୍ତରଙ୍କୁ ଗିରଫ କରାଯାଇଛି। ଗିରଫ ଡାକ୍ତର ଜଣକ ଡାକ୍ତର ଆଦିଲ ଅହମ୍ମଦ ରାଥର ବୋଲି ଜଣାପଡ଼ିଛି। ଆଦିଲଙ୍କ ସୂଚନା ଆଧାରରେ ଫରିଦାବାଦରେ ଚଢ଼ଉ କରାଯାଇଥିଲା । ତେବେ ପୂର୍ବରୁ, ପୋଲିସ କାଶ୍ମୀର ଭ୍ୟାଲିରେ ଡାକ୍ତରଙ୍କ ଏକ ଲକରରୁ ଏକ ଇକ-୪୭ ରାଇଫଲ ଓ ଗୁଳି ଜବତ କରିଥିଲା। ଆତଙ୍କୀ ଲିଙ୍କ୍ ଅଭିଯୋଗରେ ଡାକ୍ତର ଆଦିଲକୁ ଗିରଫ କରାଯାଇଛି। ତେବେ ଏ ମାମଲାରେ ପୁଲୱାମା ଜିଲ୍ଲାର ମୁଜାମିଲ ସକିଲ ନାମକ ଡାକ୍ତରଙ୍କୁ ମଧ୍ୟ ଗିରଫ କରାଯାଇଛି। ଫରିଦାବାଦରୁ ଜବତ ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ମହଜୁଦ ରଖିବାରେ ଡାକ୍ତର ମୁଜାମିଲ ସାହାଯ୍ୟ କରିଥିବା ସନ୍ଦେହ କରାଯାଉଛି । ଉଭୟ ଡାକ୍ତର ଏବେ ଜମ୍ମୁ ଓ କାଶ୍ମୀର ପୋଲିସ ହେପାଜତରେ ଅଛନ୍ତି।

## ମୁମ୍ବାଇରୁ କୋଲକତା ଯାଉଥିବା ସ୍ପାଇସଜେଟ୍ ବିମାନର ଇଂଜିନ ଫେଲ୍, କଲା ଜରୁରୀ ଅବତରଣ

କୋଲକତା : ପୁଣି ମଝି ଆକାଶରେ ଟଳିଲା ବଡ଼ ବିପଦ । ଅଘଟଣରୁ ବର୍ତ୍ତିଲା ସ୍ପାଇସ୍ ଜେଟ୍ ବିମାନ । ରବିବାର ରାତିରେ ମୁମ୍ବାଇରୁ କୋଲକାତା ଆସୁଥିବା ଏକ ବିମାନ ବଡ଼ ଅଘଟଣରୁ ବର୍ତ୍ତି ଯାଇଛି । ମଝି ଆକାଶରେ ବିମାନର ଇଞ୍ଜିନ୍ ଖରାପ ହୋଇଯାଇଥିଲା । ଏନେଇ ବିମାନର ପାଇଲଟ୍ କୋଲକାତା ଏଟିସିକୁ ସୂଚନା ଦେଇଥିଲେ । ଏହାପରେ ବିମାନକୁ କୋଲକତାରେ ଜରୁରୀ ଅବତରଣ କରାଯାଇଥିଲା । ଖବର ମୁତାବକ, ମୁମ୍ବାଇ ଛତ୍ରପତି ଶିବାଜୀ ମହାରାଜ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରୁ ବିମାନଟି ବାହାରିଥିଲା । ସ୍ପାଇସ ଜେଟ ବିମାନ କୋଲକତାରେ ପହଞ୍ଚିବା ପୂର୍ବରୁ ମଝି ଆକାଶରେ ଏହାର ଗୋଟିଏ ଇଞ୍ଜିନ୍ କାମ କରିନଥିଲା । ତେଣୁ ପାଇଲଟ୍ ଜରୁରୀକାଳୀନ ଲ୍ୟାଣ୍ଡିଂ ପାଇଁ କୋଲକତା ଏଟିସିକୁ




ଅନୁମତି ମାଗିଥିଲେ । ତୁରନ୍ତ ତାଙ୍କୁ ଏନେଇ ଅନୁମତି ମିଳିଥିଲା । ଅନୁମତି ମିଳିବା ପରେ ବିମାନଟି ଅବତରଣ କରିଥିଲା । ବିମାନକୁ ସୁରକ୍ଷିତ ଅବତରଣ କରାଇ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ବାହାର କରାଯାଇଥିଲା । ତେବେ ଅଘଟଣ ବିଷୟରେ ଜାଣିବା ପରେ କୋଲକାତା ବିମାନ ବନ୍ଦରରେ ଦମକଳ ବାହିନୀ, ଆମ୍ବୁଲାନ୍ସ ଏବଂ ଅନ୍ୟ ଉଦ୍ଧାରକାରୀ ଟିମ୍ ପହଁଚି ଯାଇଥିଲେ । ସୂଚନାଯୋଗ୍ୟ, ୨୦୨୫ ଜୁନ ମାସରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନର ଇଂଜିନ ଫେଲ୍ ହେବାରୁ ବିମାନଟି ନିଆଁ ପିଣ୍ଡୁଳା ହୋଇଯାଇଥିଲା । ଫଳରେ ଶତାଧିକ ଯାତ୍ରୀ ଏବଂ କ୍ରୁ ମେମ୍ବର ପ୍ରାଣ ହରାଇଥିଲେ ।

## ତାଣ୍ଡବ ରଚିଲା ସାମୁଦ୍ରିକ ଝଡ଼ 'ଫୁଙ୍ଗ-ୱଙ୍ଗ୍'

ନୂଆଦିଲ୍ଲୀ: ଲ୍ୟାଣ୍ଡଫଲ୍ ପରେ ତାଣ୍ଡବ ରଚିଲା ସାମୁଦ୍ରିକ ଝଡ଼ 'ଫୁଙ୍ଗ-ୱଙ୍ଗ୍' । ଫିଲିପାଇନ୍ସର ଆରୋରା ପ୍ରଦେଶରେ ଲ୍ୟାଣ୍ଡଫଲ କରିଛି ଟାଇଫୁନ । ଗତକାଲି ରାତି ୯ଟା ୧୦ରେ ଲୁଜୋନର ଆରୋରା ନିକଟରେ ଲ୍ୟାଣ୍ଡଫଲ କରିଛି । ଲ୍ୟାଣ୍ଡଫଲ ବେଳେ ପ୍ରବଳ ବର୍ଷା ସହ ୨୩୦ କିମି ବେଗରେ ପବନ ବହିଥିଲା । ପ୍ରଭାବରେ ସମୁଦ୍ରରେ ୫ ମିଟର ଉଚ୍ଚର ଜୁଆର ବି ଆସିଥିଲା । ୧୬ ଶହ କିଲୋମିଟର ଯାଏ ମହାବାତ୍ୟାର ପ୍ରଭାବ ଦେଖିବାକୁ ମିଳିଛି । ଫିଲିପାଇନ୍ସର ପ୍ରାୟ ଦୁଇ-ତୃତୀୟାଂଶ ଅଞ୍ଚଳକୁ ଆଚ୍ଛାଦିତ କରିଛି 'ଫୁଙ୍ଗ-ୱଙ୍ଗ୍' । ଲ୍ୟାଣ୍ଡଫଲ ପରେ ଏହା ଧୀରେ ଧୀରେ ଦୁର୍ବଳ ହୋଇ ୧୩ ତାରିଖରେ ତାଇୱାନର ପଶ୍ଚିମ ଉପକୂଳରେ ପ୍ରଭାବ ପକାଇବ । ମହାବାତ୍ୟାରେ ଏ ଯାଏ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି । ପୂର୍ବରୁ ଦୋର ବିଭିନ୍ନ ଅଞ୍ଚଳର



୧୦ ଲକ୍ଷରୁ ଅଧିକ ଲୋକଙ୍କୁ ପୂର୍ବରୁ ସ୍ଥାନାନ୍ତର କରାଯାଇଛି। ୩୦୦ରୁ ଅଧିକ ଘରୋଇ ଓ ଅନ୍ତଜାତୀୟ ବିମାନ ଉଡ଼ାଣ ବାତିଲ ହୋଇଛି । ଆଜି ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରାଯାଇଛି । ଫୁଙ୍ଗ୍ ୱାଙ୍ଗ୍ ପ୍ରଭାବରେ ପୂର୍ବାଞ୍ଚଳରେ ଅନେକ ସହର ଓ ଗାଁରେ ବିଦ୍ୟୁତ ସେବା ଠପ ହୋଇଛି । ପ୍ରଥମେ କାଲମେଗୀ ଝଡ଼ ତୋଫାନ କୋପରେ ଛାରଖାର ହୋଇଛି ଫିଲିପାଇନ୍ସ । ୨୦୪ ଜଣଙ୍କର ମୃତ୍ୟୁ ହୋଇଥିଲା । ୫ ଲକ୍ଷରୁ ଅଧିକ ଲୋକ ସ୍ଥାନାନ୍ତରିତ ହୋଇଥିଲେ। ଫଙ୍ଗ-ୱଙ୍ଗ ହେଉଛି ଚଳିତ ବର୍ଷ ଫିଲିପାଇନ୍ସରେ ଆସିଥିବା ୨୧ତମ ଝଡ଼।

## ଥାଇଲାଣ୍ଡର ଟାରୁଟାଓ ଦ୍ୱୀପରେ ବୁଡ଼ିଲା ବୋଟ୍, ୭ ମୃତ, ଶତାଧିକ ନିଖୋଜ

ଥାଇଲାଣ୍ଡ : ଥାଇଲାଣ୍ଡର ଟାରୁଟାଓ ଦ୍ୱୀପରେ ବୋଟ୍ ବୁଡି ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ନିଖୋଜ ରହିଛନ୍ତି । ବୋଟ୍ ରେ ୩୦୦ରୁ ଅଧିକ ଯାତ୍ରୀ ଥିଲେ । ବୋଟ୍ ଟି ମିଆଁମାରରୁ ଇଣ୍ଡୋନେସିଆ ଯାଉଥିବା ବେଳେ ଅଘଟଣ ଘଟିଛି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

ମାଲେସିଆନ୍ ସାମୁଦ୍ରିକ ପ୍ରବର୍ତ୍ତନ ସଂସ୍ଥାର ଅଧିକାରୀ କହିଛନ୍ତି ଯେ, ଡଙ୍ଗାଟି ପ୍ରଥମେ ମିଆଁମାରର ରାଖାଇନ୍ ରାଜ୍ୟର ବୁଥିଡାଉଙ୍ଗ୍ ସହରରୁ ପ୍ରାୟ ୩୦୦ ଜଣଙ୍କୁ ନେଇ ଯାତ୍ରା କରିଥିଲା । ଯେତେବେଳେ ବୋଟ୍ ଟି ମାଲେସିଆ ନିକଟକୁ ଆସିଥିଲା, ଯାତ୍ରୀମାନଙ୍କୁ ତିନୋଟି ଛୋଟ ଡଙ୍ଗାରେ ବିଭକ୍ତ କରାଯାଇଥିଲା । ଗୁରୁବାର ଦକ୍ଷିଣ ଥାଇଲାଣ୍ଡର ଟାରୁଟାଓ ଦ୍ୱୀପ ନିକଟରେ ଗୋଟିଏ ଡଙ୍ଗା ବୁଡ଼ି ଯାଇଥିଲା । କିଛି ମୃତଦେହ ଏବଂ ବଞ୍ଚିଥିବା ଲୋକ ଉତ୍ତର ମାଲେସିଆର ଲାଙ୍ଗକାୱି ଦ୍ୱୀପକୁ ଭାସି ଯାଇଥିବା ଜଣାପଡିଛି । ଘଟଣାର ସଠିକ୍ ସମୟ ଏବଂ ସ୍ଥାନ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

## ମାଲିରେ ୫ ଭାରତୀୟଙ୍କୁ ଅପହରଣ, ସୁରକ୍ଷିତ ଉଦ୍ଧାର ପାଇଁ ଭାରତର କୂଟନୀତିସ୍ତରରେ କଥାବାର୍ତ୍ତା ଆରମ୍ଭ

ମାଲିରେ ୫ ଭାରତୀୟଙ୍କୁ ଅପହରଣ । ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ଭାରତୀୟଙ୍କୁ ଅପହରଣ କରିଛନ୍ତି ଅଲକାଏଦା ଓ ଇସଲାମିକ୍ ଷ୍ଟେଟ୍ ଆତଙ୍କୀ । ଗତ ନଭେମ୍ବର ୬ରୁ ଭାରତୀୟଙ୍କୁ ଅପହରଣ କରାଯାଇଥିବା ସ୍ପଷ୍ଟ କରିଛି ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ । ଏମାନଙ୍କ ମୁକ୍ତି ପାଇଁ ମାଲିର ବାମାକୋରେ ଥିବା ଭାରତୀୟ ଦୂତାବାସ ମାଲି ସରକାରଙ୍କ ସହ କଥାବାର୍ତ୍ତା କରିଛନ୍ତି । ଅପହର୍ତ୍ତାଙ୍କୁ ଯଥାସମ୍ଭବ ସୁରକ୍ଷିତ ଉଦ୍ଧାର ପାଇଁ ଭାରତ କୂଟନୀତିସ୍ତରରେ କଥାବାର୍ତ୍ତା ଆରମ୍ଭ କରିଥିବା ସ୍ପଷ୍ଟ କରିଛି ଦୂତାବାସ । ତେବେ ଗତ କିଛିବର୍ଷ ହେଲାଣି ମାଲିରେ ଅଲକାଏଦା ଓ ଇସଲାମିକ୍ ଷ୍ଟେଟ୍ ଆତଙ୍କୀମାନେ ଉତ୍ପାତ ଆରମ୍ଭ କରିଛନ୍ତି ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି । ଅପହରଣକାରୀଙ୍କୁ ଉଦ୍ଧାର ପାଇଁ ସବୁପ୍ରକାରର ଚେଷ୍ଟା ଜାରି ରହିଥିବା ଦୂତାବାସ କହିଛି । ଏ ସମ୍ପର୍କରେ ଭାରତୀୟ ଦୂତାବାସ ପକ୍ଷରୁ ସୋସିଆଲ ମିଡିଆରେ ମଧ୍ୟ ପୋଷ୍ଟ କରାଯାଇଛି ।

## ରାତିରେ ଶୋଇଥିବା ବେଳେ ଭୁଶୁଡ଼ିଲା ଘର ଛାତ, ପରିବାରର ୫ ମୃତ

ପାଟନା : ବିହାର ରାଜଧାନୀ ପାଟନାରେ ବଡ଼ ଅଘଟଣ । ପାଟନାରେ ଏକ ବିଲିଡିଂର ଛାତ ଭୁଶୁଡିବା ଯୋଗୁଁ ୫ ଜଣଙ୍କ ମୃତ୍ୟୁ ହୋଇଛି । ରାତିରେ ଶୋଇଥିବା ବେଳେ ଛାତ ଗଳିପଡିଥିଲା । ସମସ୍ତ ମୃତକ ଗୋଟିଏ ପରିବାରର ରହିଥିଲେ । ମୃତକଙ୍କ ମଧ୍ୟରେ ୩ ଜଣ ନାବାଳକ ରହିଛନ୍ତି । ଖବର ମୁତାବକ, ରବିବାର ରାତିରେ ମାଲା ପାଟନାର ଦାନାପୁର ଅଞ୍ଚଳରେ ମାନସ ଗାଁରେ ହୋଇଛି । ଗତ ରାତିରେ ଏକ ଘରେ ପରିବାରର ଲୋକ ଶୋଇଥିବା ବେଳେ ଛାତ ଭୁଶୁଡି ପଡିଥିଲା । ଘର ଭୁଶୁଡିବା ଖବର ଶୁଣି ଆଖପାଖର ଲୋକ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ କରିଥିଲେ । ଘର ଛାତର ବଡ ଅଂଶ ଭାଙ୍ଗିପଡିଥିଲା । ଏଠାରେ ମହମ୍ମଦ ବବଲୁ ସହିତ ତାଙ୍କ ପତ୍ନୀ ଏବଂ ୩ ଜଣ ପିଲା ଶୋଇଥିଲେ । ମୃତକଙ୍କ ମଧ୍ୟରେ ମହମ୍ମଦ ଏବଂ ତାଙ୍କ ପତ୍ନୀ ୩ ପିଲା ସାମିଲ ରହିଛନ୍ତି । ଘଟଣା ବିଷୟରେ ସୂଚନା ମିଳିବା ପରେ ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହିତ ମିଶି ସହାୟତା କରିଥିଲେ । ପରିବାରର ସମସ୍ତଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୫ ଜଣଙ୍କ ମୃତ୍ୟୁ ହୋଇସାରିଥିଲା । ଘଟଣା ବିଷୟରେ ଜଣାପଡିବା ପରେ ପୁରା ଗାଁରେ ଶୋକର ମାହୋଲ ଖେଳିଯାଇଥିଲା । ମୃତକ ପରିବାର ଲୋକ ଭାଙ୍ଗିପଡିଥିଲେ । ପୋଲିସ ସମସ୍ତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ହସପିଟାଲକୁ ପଠାଇଛି । ତେବେ ଦୁର୍ଘଟଣାର କାରଣ ଏଯାଏଁ ଜଣାପଡିନାହିଁ । ଏହାର ଯାଞ୍ଚ ଚାଲିଛି ।

## ସ୍ତ୍ରୀକୁ ମାରିବା ପାଇଁ ସ୍ୱାମୀ ରଚିଥିଲା ଷଡ଼ଯନ୍ତ୍ର, ଶେଷରେ ପୋଲିସ ଆଗରେ ମାନିଲା ସବୁ ସତ

ପୁଣେ : ସତରେ ଅତି ଅଦଭୁତ ଏ ମଣିଷର ମନ । ସ୍ତ୍ରୀକୁ ଖୁବ ଭଲ ପାଉଥିଲା ସ୍ୱାମୀ । କିନ୍ତୁ ସ୍ତ୍ରୀ ଉପରେ ସନ୍ଦେହ ହେଲା... ତାର ଚରିତ୍ରକୁ ନେଇ ସନ୍ଦେହ କଲା ଆଉ ଶେଷରେ ଏଇ ସନ୍ଦେହ କ୍ରୋଧରେ ପରିଣତ ହେଲା । ତେଣୁ ସ୍ତ୍ରୀକୁ ମାରିବା ପାଇଁ ପ୍ଲାନ କଲା । ବୁଲାଇବାକୁ କହି ବାହାରେ ନେଇ ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ । ଆଉ ଖସିବାର ପ୍ଲାନ୍ କଲା । ହତ୍ୟା କରିବା ପରେ ଥାନାରେ ଯାଇ ସ୍ତ୍ରୀ ନିଖୋଜ ଥିବା ନେଇ ମିଛି ଅଭିଯୋଗ ଦେଲା । ପୋଲିସକୁ ଭୁଆଁ ବୁଲାଇ ଭାବିଥିଲା ଅପରାଧ କରି ଖସିଯିବ । କିନ୍ତୁ ଥାନାରେ ଯାଇ ଏମିତି ହାବଭାବ ଦେଖାଇଲା ଯେ ସେଥିରେ ପୋଲିସର ସନ୍ଦେହ ବଢ଼ିଲା । ଆଉ ଖୋଳତାଡ଼ କରୁ କରୁ ସବୁ ଧରାପଡ଼ିଗଲା । ଆସନ୍ତୁ ଜାଣିବା ସ୍ତ୍ରୀକୁ ମାରିବା ପାଇଁ କେମିତି ପ୍ଲାନ କରିଥିଲା ସ୍ୱାମୀ ।...

ମହାରାଷ୍ଟ୍ରର ପୁଣେର ୱାର୍ଜେ ଅଞ୍ଚଳରେ ଘଟିଛି ଏମିତି ଏକ ଅପରାଧିକ ଘଟଣା । ଜଣେ ସ୍ୱାମୀ ନିଜ ସ୍ତ୍ରୀକୁ ସନ୍ଦେହ କରି ତାଙ୍କୁ ନିଜ ହାତରେ ହତ୍ୟା କରିଛି । କିନ୍ତୁ ସ୍ୱାମୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ




କରିଛି ପୋଲିସ । ମୃତକଙ୍କ ନାଁ ଅଞ୍ଜଳି ସମୀର ଯାଦବ । ପୋଲିସ ଅଞ୍ଜଳିଙ୍କ ହତ୍ୟା ଘଟଣାରେ ତାଙ୍କ ୪୨ ବର୍ଷୀୟ ସ୍ୱାମୀ ସମୀର ପଞ୍ଜାବରାଓ ଯାଦବକୁ ଗିରଫ କରିଛି । ଅକ୍ଟୋବର ୨୮ ତାରିଖରେ ସମୀର ୱାର୍ଜେ ପୋଲିସ ଷ୍ଟେସନକୁ ଯାଇ ନିଜ ସ୍ତ୍ରୀ ନିଖୋଜ ହେବା ନେଇ ଏକ ରିପୋର୍ଟ ଦାଖଲ କରିଥିଲେ । ପୋଲିସ ସବ-ଇନ୍ସପେକ୍ଟର ନୀତିନ ଗାୟକୱାଡଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ଅଞ୍ଜଳିଙ୍କୁ ଶେଷ ଥର ପାଇଁ ସିନ୍ଦେୱାଡିର ଗୋଗଲୱାଡି ଫାଟା ନିକଟସ୍ଥ ଶ୍ରୀରାମ ମିସାଲ ହାଉସ ନିକଟରେ ଦେଖିଥିଲେ ସମୀର । ଅଭିଯୋଗ ପରେ ସମୀର ବାରମ୍ବାର ପୋଲିସ ଷ୍ଟେସନକୁ ଯାଇ ପଚାରୁଥିଲା, ମୋ ସ୍ତ୍ରୀକୁ ପାଇଲ କି ? ପୋଲିସ ବି ଏଭଳି ପ୍ରଶ୍ନ ପରେ ଛାନଭିନ୍ ପ୍ରକ୍ରିୟା ବଢ଼ାଇଥିଲା । ସବୁ ଜାଗାରେ ସିସିଟିଭି ଫୁଟେଜ୍ ଯାଞ୍ଚ କଲା, କିନ୍ତୁ କୌଣସି ବି ସ୍ଥାନରେ ଅଞ୍ଜଳିଙ୍କର ଖୋଜ ଖବର ପାଇନଥିଲା ପୋଲିସ ।

ଏହାରି ଭିତରେ ସମୀରଙ୍କ ଆଚରଣ ପୋଲିସକୁ ସନ୍ଦେହଜନକ ଲାଗିଲା । ସମୀରଙ୍କ ବୟାନ ବାରମ୍ବାର ବଦଳୁ ଥିଲା । ତେଣୁ ପୋଲିସ ଅଧିକାରୀ ସମୀରକୁ ପଚରା ଉଚରା ଆରମ୍ଭ କରି ଦେଇଥିଲେ । ପୋଲିସ୍ ଚାପରେ ବେଶି ସମୟ ମିଛ କଥାରେ ଟିକ୍ଷି ପାରି ନଥିଲା ସମୀର, ଭାଙ୍ଗି ପଡ଼ିଥିଲା । ଶେଷରେ ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ବିଷୟରେ ପୋଲିସ ଆଗରେ ସବୁ ଖୋଲି କହି ଦେଇଥିଲା । ସମୀର ସ୍ୱୀକାର କରିଥିଲା ଯେ ତା ସ୍ତ୍ରୀ'ର ସତେଜ ପାଟିଲ ନାମକ ଜଣେ ଯୁବକଙ୍କ ସହିତ ସମ୍ପର୍କ ଥିବା ସେ ସନ୍ଦେହ କରୁଥିଲା । ସ୍ତ୍ରୀର ମୋବାଇଲ୍ ଚାଟ୍ ଦେଖିବା ପରେ ସେମାନଙ୍କ ଭିତରେ ପ୍ରତିଦିନ ଝଗଡ଼ା ହେଉଥିଲା । ଆଉ ସ୍ତ୍ରୀକୁ ସନ୍ଦେହ କରି ପ୍ରାୟ ମାସେ ପୂର୍ବରୁ ହତ୍ୟା ପ୍ଲାନ୍ ରଚିଥିଲା ସ୍ୱାମୀ ସମୀର । ଅଭିଯୁକ୍ତ ସମୀର ଫେବ୍ରିକେସନ୍ କାମ କରୁଥିଲା । ତେଣୁ ଗୋଗଲୱାଡି ଅଞ୍ଚଳରେ ଭଡାରେ ନେଇଥିଲା ଏକ ଗୋଦାମ । ସେ ପୂର୍ବରୁ ସେଠାରେ ଏକ ଲୁହା ଚୁଲି ତିଆରି କରି କାଠ ଏବଂ ପେଟ୍ରୋଲ ସାଇତି ରଖିଥିଲା । ଅକ୍ଟୋବର ୨୬ ତାରିଖରେ ଅଞ୍ଜଳିଙ୍କୁ ବୁଲାଇ ନେବ କହି ଗୋଦାମକୁ ନେଇ ଯାଇଥିଲା ସମୀର । ସ୍ତ୍ରୀ ଗୋଦାମରେ ବସିଥିବା ବେଳେ ହଠାତ୍ ଅଞ୍ଜଳିଙ୍କ ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲା । ଶ୍ୱାସରୁଦ୍ଧ ହୋଇ ପ୍ରାୟ ଦଶ ମିନିଟ୍ ମଧ୍ୟରେ ଅଞ୍ଜଳିଙ୍କର ମୃତ୍ୟୁ ହେଲା । ପରେ ସମୀର ମୃତଦେହକୁ ଲୁହା ଚୁଲିରେ ଭର୍ତ୍ତି କରି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା । ପ୍ରମାଣ ନଷ୍ଟ ପାଇଁ ସେହି ପାଉଁଶକୁ ନଦୀରେ ଫିଙ୍ଗି ଦେବା ପରେ ଲୁହା ଚୁଲିକୁ ବିକି ଦେଇଥିଲା । ନିଜ ଅପରାଧ ସ୍ୱୀକାର କରିବା ପରେ ୱାର୍ଜେ ପୋଲିସ ସମୀର ବିରୁଦ୍ଧରେ ହତ୍ୟା ଅଭିଯୋଗରେ ଧାରା ୩୦୨, ପ୍ରମାଣ ନଷ୍ଟ ପାଇଁ ଧାରା ୨୦୧ ଏବଂ ଭାରତୀୟ ଦଣ୍ଡ ସଂହିତାର ଅନ୍ୟ କେତେକ ଧାରା ଅନୁଯାୟୀ ମାମଲା ରୁଜୁ କରିଛି । ଅଧିକ ତଦନ୍ତ ପାଇଁ ରାଜଗଡ଼ ପୋଲିସ ଷ୍ଟେସନକୁ ହସ୍ତାନ୍ତର କରାଯାଇଛି ମାମଲା । ପୋଲିସର ସଠିକ ତଦନ୍ତ ହିଁ ସମୀର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛି । ... ତେବେ ଦର୍ଶକ ବନ୍ଧୁ ସନ୍ଦେହ କିପରି ଭୟଙ୍କର ରୂପ ନିଏ ତାର ଏହା ଏକ ବଡ଼ ଉଦାହରଣ । ଘଟଣାକୁ ଭଲ ଭାବେ ଯାଞ୍ଚ ନକରି କେବଳ ସନ୍ଦେହରେ ଭଲ ପାଉଥିବା ପତ୍ନୀର ଜୀବନ ନେଇଗଲା ଏହି ଯୁବକ । ଏବେ ଜେଲରେ ଷଢ଼ିବ ସମୀର ।

# ଭଙ୍ଗାଯିବ ଦିଲ୍ଲୀ ଜବାହରଲାଲ ନେହେରୁ ଷ୍ଟାଡିୟମ

## 'ସ୍ପୋର୍ଟସ ସିଟି' ନିର୍ମାଣ କରାଯିବ



ନୂଆଦିଲ୍ଲୀ, ୧୦।୧୧ (ଏଜେନସି):: ସରକାର ରାଜଧାନୀ ଦିଲ୍ଲୀରେ ଏକ ବଡ଼ କ୍ରୀଡା ପ୍ରକଳ୍ପ ଯୋଜନା କରୁଛନ୍ତି। କ୍ରୀଡା ମନ୍ତ୍ରଣାଳୟ ସୋମବାର (ନଭେମ୍ବର ୧୦) ପ୍ରକାଶ କରିଛି ଯେ ଜାତୀୟ ରାଜଧାନୀର ପ୍ରତୀକାତ୍ମକ ଜବାହରଲାଲ ନେହେରୁ ଷ୍ଟାଡିୟମକୁ ଏକ 'କ୍ରୀଡା ସହର' ସୃଷ୍ଟି କରିବା ପାଇଁ ଭାଙ୍ଗି ଦିଆଯିବ। ଏଥିରେ ସମସ୍ତ ପ୍ରମୁଖ କ୍ରୀଡା ପାଇଁ ସୁବିଧା ସହିତ ଖେଳାଳିମାନଙ୍କ ପାଇଁ ରହିବା ବ୍ୟବସ୍ଥା କରାଯିବ। ଷ୍ଟାଡିୟମର ୧୦୨ ଏକର ଜମିକୁ ସମ୍ପୂର୍ଣ୍ଣ ନବୀକରଣ କରାଯିବ। ଏହି ଯୋଜନା କେବେ ଠାରୁ ଆରମ୍ଭ ହେବ ସେନେଇ କରି ସମୟସୀମା ନିର୍ଦ୍ଧାରଣ କରାଯାଇ ନାହିଁ।

ମନ୍ତ୍ରଣାଳୟ ସୂତ୍ରରୁ ଜଣା ପଡିଛି ଯେ ଷ୍ଟାଡିୟମକୁ ଭାଙ୍ଗି ଦିଆଯିବ। ଜାତୀୟ ଡୋପିଂ ନିରୋଧୀ ଏଜେନ୍ସି ଏବଂ ଜାତୀୟ ଡୋପ୍ ପରୀକ୍ଷା ପ୍ରୟୋଗଶାଳା ସମେତ ଷ୍ଟାଡିୟମ ଭିତରେ ଥିବା ସମସ୍ତ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରାଯିବ।

ଏକ କ୍ରୀଡା ସହର ମୁଖ୍ୟତଃ ଏକ ବହୁ-କ୍ରୀଡା ସୁବିଧା ଭାବରେ ତାଲିମ ଏବଂ ପ୍ରମୁଖ ଇଭେଣ୍ଟ ଆୟୋଜନ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରଦାନ କରେ। ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏକ ଉଦାହରଣ, ଯାହା କ୍ରିକେଟ୍, ସନ୍ତରଣ, ଟେନିସ୍ ଏବଂ ଆଥଲେଟିକ୍ସ ପାଇଁ ସୁବିଧା ପ୍ରଦାନ କରେ। କ୍ରୀଡା ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସମଗ୍ର ୧୦୨ ଏକର ଷ୍ଟାଡିୟମ ସ୍ଥାନକୁ ପୁନଃବିକଶିତ କରାଯିବ ବ⎕ମାନ, ଏହି ଯୋଜନାକୁ ଏକ ପ୍ରସ୍ତାବ ଭାବରେ ବିକଶିତ କରାଯାଉଛି ପ୍ରକଳ୍ପ ପାଇଁ ସମୟସୀମା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ ଷ୍ଟାଡିୟମର ପ୍ରତ୍ୟେକ ଅଂଶକୁ ପ୍ରଥମେ ଭଙ୍ଗାଯିବ ସେସବୁ ଅଞ୍ଚଳରେ ଷ୍ଟାଡିୟମ ମଧ୍ୟରେ ଥିବା ସମସ୍ତ କାର୍ଯ୍ୟାଳୟ, ଜାତୀୟ ଡୋପିଂ ନିରୋଧୀ ସଂସ୍ଥା ଏବଂ ଜାତୀୟ ଡୋପ୍ ପରୀକ୍ଷଣ ପ୍ରୟୋଗଶାଳା ରହିଛି ଉଭୟ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରାଯିବ।

ମନ୍ତ୍ରଣାଳୟ ଅନୁଯାୟୀ, ଏହି ସ୍ପୋର୍ଟ୍ସ ସିଟି ବିଶ୍ୱସ୍ତରୀୟ ଭି⎕ଭୂମି ସହିତ ନିର୍ମିତ ହେବ, ଯାହା କେବଳ ତାଲିମ ନୁହେଁ ବରଂ ପ୍ରମୁଖ ଇଭେଣ୍ଟଗୁଡ଼ିକୁ ମଧ୍ୟ ସକ୍ଷମ କରିବ ଏହା ସହିତ, କ୍ରିକେଟ୍, ଜଳଜୀବୀ, ଟେନିସ୍ ଏବଂ ଆଥଲେଟିକ୍ସ ଭଳି କ୍ରୀଡା ପାଇଁ ସୁବିଧା ଉନ୍ନତ କରାଯିବ ସ୍ପୋର୍ଟ୍ସ ସିଟି ଅନ୍ୟ ଷ୍ଟାଡିୟମଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ ଖେଳାଳିଙ୍କ ରହିବା ପାଇଁ ଏକ ସମାଜ ମଧ୍ୟ ପ୍ରତିଷ୍ଠା କରାଯିବ, ଯାହା ଦ୍ୱାରା ବିଦେଶରୁ ଆସୁଥିବା ଖେଳାଳିମାନଙ୍କୁ ହୋଟେଲ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସ୍ପୋର୍ଟ୍ସ ସିଟିରେ ଏକ ପଞ୍ଚତାରକା ହୋଟେଲ, ମଲ୍, ସୁଇମିଂ ପୁଲ୍, କ୍ରୀଡା ତାଲିମ କେନ୍ଦ୍ର, ଘର ଭିତର ଏବଂ ବାହାର ଖେଳ ପାଇଁ ସୁବିଧା, ଟେନିସ୍ ଲନ୍, ଭଲିବଲ୍ କୋର୍ଟ, ଏକ ଫିଟ୍ ଇଣ୍ଡିଆ ଜୋନ୍, ଏକ ପିଲାମାନଙ୍କ ପାଇଁ ଜୋନ୍ ଏବଂ ଖେଳ କ୍ଷେତ୍ର, ହଷ୍ଟେଲ୍ ଏବଂ ଖେଳାଳିମାନଙ୍କ ପାଇଁ ଅନ୍ୟାନ୍ୟ କ୍ରୀଡା ସୁବିଧା ଅନ୍ତର୍ଭୁକ୍ତ ହେବ ରିପୋର୍ଟ ଅନୁଯାୟୀ, ସ୍ପୋର୍ଟ୍ସ ସିଟି ସମ୍ପୂର୍ଣ୍ଣ ହେବାକୁ ପାଞ୍ଚ ବର୍ଷରୁ ଅଧିକ ସମୟ ଲାଗିପାରେ।

# ଖୋର୍ଦ୍ଧା ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ ଗ୍ରୀନ ଏକାଦଶ ବିଜୟୀ



ଖୋର୍ଦ୍ଧା : ଓଡିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ ଖୋର୍ଦ୍ଧା ଦ୍ୱାରା ପରିଚାଳିତ ଖୋର୍ଦ୍ଧା ଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚରେ ଖୋର୍ଦ୍ଧା ସ୍କୁଲ ସମୂହ ଗ୍ରୀନ ଦଳ ବ୍ଲୁ ଦଳକୁ କ୍ରିକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ଇନ୍ଦୁରୁ ବର୍ଦ୍ଧନଙ୍କ ୫୮ ରନ ଏବଂ କୈଶିକ ମହାନ୍ତି ଙ୍କ ୨୨ ରନ ସହାୟତାରେ ୪୦ ଓଭରରେ ସମସ୍ତ ୱିକେଟ ହରାଇ ୧୭୬ ରନ କରିଥିଲେ ଗ୍ରୀନ ପକ୍ଷରୁ ଜଗନ୍ନାଥ ବେହେରା ହ୍ୟାଟ୍ରିକ ୱିକେଟ ସହିତ ୩୪ ରନର୍ ବିଜୟରେ ସର୍ବାଧିକ ୪ଟି ଏବଂ ଓମ୍ ପ୍ରକାଶ ସାହୁ ୧୪ ରନରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁ⎕ରରେ ଦେବାଶୁ ଜେନାଙ୍କ ୬୨ ରନ ସାଇ ସ୍ମୃତି ଙ୍କ ୨୯ ରନ ୩୩.୧ ଓଭରରେ ୪ ଟି ୱିକେଟ ହରାଇ ସଂଗ୍ରହ କରି ନେଇଥିଲେ। ପ୍ରାରମ୍ଭରେ ଆସୋସିଏସନର ଯୁଗ୍ମ ସମ୍ପାଦକ ସମୀର ବଳିୟାରସିଂହ ଏବଂ କୋଷାଧ୍ୟକ୍ଷ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦଘାଟନ କରିଥିଲେ। ଖେଳ ଟିକୁ ପରିଚାଳନା କରୁଥିଲେ। ଚନ୍ଦ୍ର ମୋହନ ବରାଳ ଏବଂ ଅବଦୁଲ ରହିମ୍ ଖାଁ ସ୍କୋରର ଦାୟିତ୍ୱରେ ସୁଶିଲ ସୁନ୍ଦରାୟ ଏବଂ ମ୍ୟାଚ ରେଫରୀ ଦାୟି ସରୋଜ ପାତ୍ର ତୁଲାଇଥିଲେ।

# ଓଡ଼ିଶା ପାଇଁ ଟାର୍ଗେଟ ୩୪୫, ଦଳ ୪୪/୦

ନାଗପୁର : ଧ୍ରୁବ ସୋରେଙ୍କ (୧୦୧) ଓ ଅମନଙ୍କ (୧୦୧) ଶତକ ବଳରେ ଓଡ଼ିଶା ବିପକ୍ଷରେ ରଣଜୀ ମ୍ୟାଚରେ ବିଦର୍ଭ ଭଲ ସ୍ଥିତିରେ ରହିଛି। ଦଳ ୨୧୮/୨ରେ ପାଳି ଘୋଷଣା କରିବା ପରେ ଦଳ ଓଡ଼ିଶା ପାଇଁ ୩୪୫ ରନର ଟାର୍ଗେଟ୍ ଦେଇଥିବାବେଳେ ଦଳ ୪୪ ରନ୍ କରି କୌଣସି ୱିକେଟ ହରାଇନାହିଁ। ଆସନ୍ତାକାଲି ଅନ୍ତିମ ଦିନରେ ଓଡ଼ିଶାକୁ ୩୦୧ ରନ୍ ଆବଶ୍ୟକ। ପ୍ରଥମ ଇଂନିସରେ ଓଡ଼ିଶା ମାତ୍ର ୧୭୦ ରନ୍ କରିଥିବାବେଳେ ଦ୍ୱିତୀୟ ଇନିଂସରେ ବିଦର୍ଭ ୨ ୱିକେଟ ହରାଇ ୨୧୮ ରନ୍ କରିଥିଲା।

# କ୍ରିକେଟରଙ୍କ ଘର ଉପରକୁ ଗୁଳିମାଡ଼

ନୂଆଦିଲ୍ଲୀ, ୧୦।୧୧: ପାକିସ୍ତାନୀ ଦ୍ରୁତ ବୋଲର ନସୀମ ଶାହାଙ୍କ ଘରେ ଗୁଳିମାଡ଼ ହୋଇଥିବା ଘଟଣା ଘଟିଛି। ଏହି ଘଟଣାରେ ପାଞ୍ଚ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି। ରବିବାର ଏହି ଘଟଣା ଘଟିଥିଲା। ମୁଖ୍ୟ ଫାଟକ, ଝରକା ଏବଂ ଏକ ପାର୍କିଂ ହୋଇଥିବା କାର୍ ଉପରେ ଫାୟାରିଂ ହୋଇଛି। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି।

ରିପୋର୍ଟ ଅନୁଯାୟୀ, ପୋଲିସ କହିଛି, ଅଜ୍ଞାତ ଆକ୍ରମଣକାରୀମାନେ ପାକିସ୍ତାନ କ୍ରିକେଟ ଦଳର ଦ୍ରୁତ ବୋଲର ନସୀମ ଶାହାଙ୍କ ଘର ଉପରେ ଗୁଳି ଚଳାଇଥିଲେ। ଗୁଳିଗୁଡ଼ିକ ମୁଖ୍ୟ ଫାଟକ, ଝରକା ଏବଂ ସେଠାରେ ପାର୍କିଂ ହୋଇଥିବା କାର୍‌ରେ ମଧ୍ୟ ବାଜିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାଞ୍ଚ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଛି। ମୟାର ପୋଲିସ ଏକ ମାମଲା ପଞ୍ଜିକୃତ କରିଛି, ଯାହାର ତଦନ୍ତ ଚାଲିଛି। ଭିଡିଓଗୁଡ଼ିକ ଦର୍ଶାଉଛି ଯେ ଗୁଳିର ପ୍ରଭାବରେ ଲୁହା ମୁଖ୍ୟ ଫାଟକରେ ଅନେକ ଗାତ ହୋଇଛି ଏବଂ ପାଖରେ ପାର୍କିଂ ହୋଇଥିବା ଏକ କଳା କାର୍‌ର ଉପର କ୍ଷତିଗ୍ରସ୍ତ ହୋଇଛି। ସୋସିଆଲ ମିଡିଆରେ ଦାବି ଅନୁଯାୟୀ, ପୋଲିସ ପହଞ୍ଚିବା ବେଳକୁ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ।

# ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ

ଭୁବନେଶ୍ୱର: ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ୍ ସର୍କିଟ୍‌କୁ ପାଖାପାଖି ୧୮ ମାସ ପରେ ଫେରିଥିବା ଓଡ଼ିଆ। ତାରକା ପ୍ରମୋଦ ଭଗତଙ୍କ ପଦକ ଅମଳ ଜାରି ରହିଛି ଅଷ୍ଟ୍ରେଲିଆ। ପରେ ଜାପାନରେ ଖେଳାଯାଇଥିବା ହୁଲିକ ଦେହାତସୁ ଜାପାନ ପାରା ବ୍ୟାଡ଼ମିଣ୍ଟନ୍ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଏକକାଳୀନ ତିନିଟି ସ୍ୱର୍ଣ୍ଣ ପଦକ ଜିତି ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି ସେ ନଭେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ପ୍ରମୋଦ ପୁଣି ଥରେ ନିଜ ଆଧିପତ୍ୟ ଜାରି ରଖି ଏସଏଲ୍-୩ର ଏକକ, ଏସ୍‌ଏଲ୍୩-ଏସ୍‌ୟୁ୫ର ମିଶ୍ରିତ ଏବଂ ଏସ୍‌ଏଲ୍୩-ଏସ୍‌ଏଲ୍୪ର ଯୁଗଳରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗର୍ବ ଓ ଗେରବ ଆଣିଛନ୍ତି।

ଏକକ ଫାଇନାଲ୍‌ରେ ନିଜ ଅସାଧାରଣ ରାକେଟ୍ ଚାଳନା, ଉନ୍ନତ ବୈଷୟିକ ଦକ୍ଷତା ତଥା ଅପୂର୍ବ ଆତ୍ମବିଶ୍ୱାସର ପରିଚୟ ଦେଇ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୧୭-୨୧, ୨୧-୧୯, ୨୧-୧୦ରେ ହରାଇ ଦେଇଥିଲେ। ସେହିଭଳି ମିଶ୍ରିତ ଯୁଗଳରେ ମନୀଷା ରାମଦାସଙ୍କୁ ସାଥୀକରି ମିଶ୍ରିତ ଯୁଗଳ ଫାଇନାଲ୍‌ରେ ନିଜ ଦେଶର ନୀତୀଶ କୁମାର ଓ ତୁଳସୀମାଥୀ ମୁରୁଗାନଙ୍କୁ ୨୧-୧୯, ୨୧-୧୯ରେ ଏବଂ ସୁକାନ୍ତ କଦମଙ୍କୁ ସାଥୀ କରି ପୁରୁଷ ଯୁଗଳ ଫାଇନାଲ୍‌ରେ ଜଗଦୀଶ ଡେଲି ଓ ନବୀନ ଶିବକୁମାରଙ୍କୁ ୨୧-୧୭, ୧୮-୨୧, ୨୧-୧୬ରେ ହରାଇ ଦେଇଥିଲେ। ଏହି ସଫଳତା ଲାଗି ପାରା ସ୍ପୋର୍ଟସ ଆସୋସିଏସନ୍ ଅଫ୍ ଓଡ଼ିଶା ତରଫରୁ ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ଅଶେଷ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଟି-୨୦ ବିଶ୍ୱକପ୍ ପାଇଁ ଭେନ୍ୟୁ ଚୂଡ଼ାନ୍ତ

## ଅହମ୍ମଦାବାଦ-କୋଲକାତାରେ ଖେଳାଯିବ ସେମି ଫାଇନାଲ୍





ନୂଆଦିଲ୍ଲୀ, ୧୦।୧୧: ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚରେ ହେବାକୁ ଯାଉଛି ଟି-୨୦ ବିଶ୍ୱକପ୍ ୨୦୨୬। ଏହାକୁ ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ୍ ପାଇଁ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ ଓ କୋଲକାତାର ଇଡେନ ଗାର୍ଡେନ ଷ୍ଟାଡିୟମକୁ ଚୟନ କରାଯାଇଛି। ବିସିସିଆଇ ଓ ଶ୍ରୀଲଙ୍କା କ୍ରିକେଟ୍ ଦ୍ୱାରା ମିଳିତ ଭାବେ ଆୟୋଜିତ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ପାଇଁ ଆଇସିସି ଆଠଟି ସ୍ଥଳ ଉପରେ ମୋହର ମାରିଛି।

ଭାରତର ୫ ସହର ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ, ଅହମ୍ମଦାବାଦ ଓ କୋଲକାତା। ଶ୍ରୀଲଙ୍କାର ତିନୋଟି ଆୟୋଜନ ସ୍ଥଳ ହେଉଛି କଲୋମ୍ବୋରେ ଦୁଇଟି ଷ୍ଟାଡିୟମ ଏବଂ କାଣ୍ଡିରେ ଗୋଟିଏ। କିନ୍ତୁ ଫାଇନାଲ୍ ପାଇଁ ଏ ପର୍ଯ୍ୟନ୍ତ ସ୍ଥାନ ଚୂଡ଼ାନ୍ତ ହୋଇ ପାରିନି। ଏହା ଫାଇନାଲରେ ପହଞ୍ଚିବାକୁ ଥିବା ଦଳ ଉପରେ ନିର୍ଭର କରେ। ସେଥିରୁ ମହତ୍ୱପୂର୍ଣ୍ଣ ବିଷୟ ହେଉଛି ପାକିସ୍ତାନ। ସେମି ଉପରେ ନଜର ପକାଇଲେ, ଯଦି ଶ୍ରୀଲଙ୍କା କିମ୍ବା ପାକିସ୍ତାନ ସେମିରେ ପହଞ୍ଚନ୍ତି ତେବେ ଏହି ମ୍ୟାଚ୍ କଲୋମ୍ବୋରେ ଖେଳାଯିବ। ଯଦି ଦୁଇ ଦଳ ସେମି ଫାଇନାଲରେ ପ୍ରବେଶ ନ କରନ୍ତି ତେବେ ଦୁଇ ସେମି ଫାଇନାଲ୍ ଭାରତରେ ଖେଳାଯିବ। ଯଦି ପାକିସ୍ତାନ ଫାଇନାଲରେ ପହଞ୍ଚେ ତେବେ ଉକ୍ତ ମୁକାବିଲା କଲୋମ୍ବୋରେ ଖେଳାଯିବ। ୱାର୍ମ-ଅପ୍ ମ୍ୟାଚ୍ ପାଇଁ ସ୍ଥାନ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟତା ନାହିଁ। ବେଙ୍ଗାଲୁରୁ କିଛି ୱାର୍ମ-ଅପ୍ ମ୍ୟାଚ୍ ଆୟୋଜନ କରିବାର ସମ୍ଭାବନା ଅଛି। ଭାରତୀୟ ଦଳର ମ୍ୟାଚ୍ ଦିଲ୍ଲୀ, କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ସହରରେ ଅନୁଷ୍ଠିତ ହୋଇପାରେ। ଆଗାମୀ କିଛି ଦିନ ମଧ୍ୟରେ ଆଇସିସି ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷଣା କରିବ ବୋଲି ଆଶା କରାଯାଉଛି।

ସମସ୍ତ ରିପୋର୍ଟ ଅନୁଯାୟୀ, କିଛି ବରିଷ୍ଠ ବିସିସିଆଇ ଅଧିକାରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୨୦୨୩ ଦିନିକିଆ ବିଶ୍ୱକପ୍ ତୁଳନାରେ ଏଥର କମ୍ ସହରରେ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ସ୍ଥାନରେ ଟି୨୦ ବିଶ୍ୱକପରେ ଛଅଟି ମ୍ୟାଚ୍ ଆୟୋଜନ ହେବାର ଆଶା କରାଯାଉଛି।

# ରାଜ୍ୟସ୍ତରୀୟ ଟେନିସ୍ ପ୍ରତିଯୋଗୀତାରେ କେନ୍ଦ୍ରାପଡା ଉପଜିଲ୍ଲାପାଳ ଦ୍ୱିତୀୟ




କେନ୍ଦ୍ରାପଡା, ୧୦।୧୧: ଭୁବନେଶ୍ୱର କ୍ଲବଠାରେ ଆୟୋଜିତ ମେଜର ସଂଜୀବ ମହାପାତ୍ର ମେମୋରିଆଲ୍ ଓଡିଶା ଓପନ୍ -୨୦୨୫ ଟେନିସ୍ ପ୍ରତିଯୋଗୀତାରେ କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉପଜିଲ୍ଲାପାଳ ଶ୍ରୀ ନାୟକ ଟେନିସ୍ ପ୍ରତିଯୋଗୀତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଓ.ଏସ୍.ଏସ୍.ସିର ଅଧ୍ୟକ୍ଷ ଲଳୀତ ଦାସ (ଆଇପିଏସ୍), ମଧୁସୁଦନ ପାଢି (ଆଇ.ଏ.ଏସ୍), ରେରା ର ଅଧ୍ୟକ୍ଷ ଅସୀତ୍ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଶ୍ରୀ ନାୟକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଏବଂ କପ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ନାୟକ ରାଜ୍ୟସ୍ତରୀୟ ଟେନିସ୍ ପ୍ରତିଯୋଗୀତାରେ ଦ୍ୱିତୀୟ ସ୍ଥାନଅଧିକାର କରିଥିବାରୁ କେନ୍ଦ୍ରାପଡାର ବହୁ ବରିଷ୍ଠ ଅଧିକାରୀ, ଆଇନ୍‌ଜିବୀ ଓ ବୁଦ୍ଧିଜିବୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆନ୍ତଃ ଉଚ୍ଚ ମାଧ୍ୟମିକ କ୍ରିକେଟ ଫାଇନାଲରେ ରାଉରକେଲା



ଯାଜପୁରରୋଡ୍, ୧୦।୧୧ (ସ୍ୱାଧିକାର ନ୍ୟୁଜ୍): ବ୍ୟାସନଗର କଲେଜ ଖେଳ ପଡିଆରେ ଚାଲୁଥିବା ଆନ୍ତଃ ଉଚ୍ଚ ମାଧ୍ୟମିକ ଫାଇନାଲ ଜୋନ କ୍ରିକେଟ ଟୁର୍ନାମେଂଟରେ ଦ୍ୱିତୀୟ ସେମି ଫାଇନାଲ ବ୍ୟାସନଗର ଓ ମୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ ମଧ୍ୟରେ ହୋଇଥିଲା। ଟସରେ ବିଜୟୀ ହୋଇ ମୁନିସିପାଲ ଫିଲଡିଂ କରିବାକୁ ନିଷ୍ପତି ନେଇଥିଲେ ବ୍ୟାସନଗର ୧୯.୫ଓଭରରେ ସମସ୍ତ ଉଇକେଟ ହରାଇ ୭୮ରନ କରିଥିଲେ। ଦଳ ତରଫରୁ ଅନିକେତ ଧୀର ୩୩ ଓ ସୋମେସ ବାରିକ ୨୬ ରନ କରିଥିଲେ ମୁନିସିପାଲର ରୋଶନ କୁମାର ୪ଟି ଉଇକେଟ ନେଇଥିଲେ। ଏହାର ଜବାବରେ ମୁନିସିପାଲ, ରାଉରକେଲା ୧୧ଓଭରରେ ୨ ଉଇକେଟ ହରାଇ ୭୯ ରନ କରିଥିଲେ। ୮ ଉଇକେଟରେ ମୁନିସିପାଲ ଉଚ୍ଚ ମାଧ୍ୟମିକ ବିଜୟୀ ହୋଇଥିଲେ। ଆଜିର ଖେଳରେ ତେଜ ହୋଣ୍ଡା ତରଫରୁ ମୁନିସିପାଲ ସ୍କୁଲର ରୋଶନ କୁମାରଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ରାଧିକା ରଞ୍ଜନ କାନୁନଗୋ, ପ୍ରତାପ କୁମାର ଧୀର, ଶଶିକାନ୍ତ ଲେଙ୍କା, ଶରତ ସାହୁ, ସ୍ମୃତି ରଞ୍ଜନ ରାଉତ ଓ ନିରଞ୍ଜନ ପୃଷ୍ଟି ଯୋଗ ଦେଇଥିଲେ। ଖେଳାକୁ ପବିତ୍ର ମଲ୍ଲିକ୍, ପ୍ରଦୀପ କୁମାର ମଲ୍ଲିକ୍, ବି. ମୋହିନେଶ ଓ ଶୁଭମ ବିଶ୍ୱାଳ ପରିଚାଳନା କରିଥିଲେ।

# ଟି-୨୦ ବିଶ୍ୱକପ୍ ପାଇଁ ଟିମ୍ ଇଣ୍ଡିଆ ଏବେ ପ୍ରସ୍ତୁତ ନୁହେଁ : ଗମ୍ଭୀର

ନୂଆଦିଲ୍ଲୀ: ଆଗାମୀ ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ଭାରତୀୟ ଦଳ ଏବେ ବି ପ୍ରସ୍ତୁତ ହୋଇନି। ପ୍ରସ୍ତୁତି ମାମଲାରେ ଦଳ ସେହି ସ୍ଥିତିରେ ପହଞ୍ଚି ନାହିଁ ଯେଉଁଠି ପହଞ୍ଚିବା ଉଚିତ୍। କିନ୍ତୁ ସେହି ସ୍ତରରେ ପହଞ୍ଚିବା ପାଇଁ ଦଳ ପାଖରେ ପର୍ଯ୍ୟାପ୍ତ ସମୟ ରହିଛି। ସୋମବାର ଏମିତି ବଡ ଟିପ୍ପଣୀ କରିଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର। ମୁଖ୍ୟ କୋଚ୍ ବିସିସିଆଇ ଟିଭି ସହ ଆଲୋଚନା ବେଳେ ଫିଟନେସ ଉପରେ ମଧ୍ୟ ଜୋର ଦେଇଛନ୍ତି। ବିସିସିଆଇ ଦ୍ୱାରା ଜାରି ୪୬ ସେକେଣ୍ଡର କ୍ଲିପରେ ଗମ୍ଭୀର ଏହା କହୁଥିବା ଦେଖିବାକୁ ମିଳିଛି।



ଗମ୍ଭୀର କହିଛନ୍ତି, ଖେଳାଳିଙ୍କୁ ଫିଟ୍ ରହିବା ଜରୁରୀ। ଆମ ପାଖରେ ସେହି ସ୍ତରରେ ପହଞ୍ଚିବା ପାଇଁ ତିନି ମାସର ସମୟ ରହିଛି। ଟି-୨୦ ବିଶ୍ୱକପ୍ ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚରେ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବ। ଭାରତ ହେଉଛି ଏହି ଟୁର୍ଣ୍ଣାମେଣ୍ଟର ଡିଫେଣ୍ଡିଂ ଚାମ୍ପିଅନ। ଏହା ସହିତ ଗମ୍ଭୀର ଖେଳାଳିଙ୍କୁ ନିଜର ପ୍ରତିଭା ଭଲ ଭାବେ ହୃଦବୋଧ କରିବା ଏବଂ ଏହାରକୁ ଚିହ୍ନିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ସେ କହିଛନ୍ତି, ଆମେ ଖେଳାଳିଙ୍କୁ ସାମ୍ନାରେ ଯେତେ ସମ୍ଭବ ସେତେ ଅଧିକ କଡା ଚ୍ୟାଲେଞ୍ଜ ରଖୁଛୁ। ଆମେ ଶୁଭମନ ଗିଲଙ୍କ ସହ ତାହା କରିଛୁ, ଯେବେ ତାଙ୍କୁ ଟେଷ୍ଟ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଗଲା। ଗିଲ ଅଧିନାୟକ ଭାବେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ସିରିଜରେ ଦମଦାର ବ୍ୟାଟିଂ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ସିରିଜ ୨-୨ରେ ବରାବର କରି ପାରିଛି। ସୂଚନାଯୋଗ୍ୟ, ଗମ୍ଭୀରଙ୍କ ଦଳ ଚୟନ ନେଇ ଆପଣଉଥିବା ନୀତିକୁ ଅନେକ କ୍ରିକେଟ୍ ସମୀକ୍ଷକ ନାପସନ୍ଦ କରି ସାରିଛନ୍ତି। ତାଙ୍କ ଉପରେ ଖେଳାଳିଙ୍କ ସହ ପାତର ଅନ୍ତର କରୁଥିବାର ଅଭିଯୋଗ ରହିଛି। ସଞ୍ଜୁ ସାମସନଙ୍କୁ ବାହାରେ ବସାଇ ଗିଲଙ୍କୁ ଯେଉଁଭଳି ଭାବେ ସୁଯୋଗ ପରେ ସୁଯୋଗ ଦିଆଯାଉଛି ତାକୁ ନେଇ ଗମ୍ଭୀରଙ୍କ ଉପରେ ମଧ୍ୟ ପ୍ରଶ୍ନ ଉଠୁଛି।

# ଡିସେମ୍ବର ୧୫ରେ ମିନି ନିଲାମ

**ନୂଆଦିଲ୍ଲୀ, ୧୦।୧୧:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୬ ସିଜନ୍ ପାଇଁ ଖେଳାଳିଙ୍କ ମିନି-ନିଲାମ ଚଳିତ ବର୍ଷ ଡିସେମ୍ବର ମାସରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଆଇପିଏଲ୍ ୨୦୨୬ର ମିନି-ନିଲାମ ପାଇଁ ଡିସେମ୍ବର ୧୫ ତାରିଖ ସ୍ଥିର କରାଯାଇଛି। ପୂର୍ବରୁ ଏହି ନିଲାମ ଉପସାଗରୀୟ ଅଞ୍ଚଳରେ ହେବାର ଗୁଜବ ଥିବାବେଳେ, ବ⎕ମାନ ଏହା ଭାରତରେ ହିଁ ହେବାର ସମ୍ଭାବନା ଅଧିକ ରହିଛି। ତେବେ ଏନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ପକ୍ଷରୁ କୌଣସି ଆଧିକାରିକ ଘୋଷଣା କରାଯାଇନାହିଁ। ୨୦୨୨ ପରେ ଏହା ପ୍ରଥମ ଥର ପାଇଁ ଭାରତରେ ନିଲାମ ହେବ। ସମସ୍ତ ୧୦ଟି ଆଇପିଏଲ୍ ଫ୍ରାଞ୍ଚାଇଜ୍ ପାଇଁ ଖେଳାଳି ଧାରଣ ତାଲିକା ଦାଖଲ କରିବାର ଶେଷ ତାରିଖ ନଭେମ୍ବର ୧୫ ରହିଛି। ଚେନ୍ନାଇ ସୁପର କିଙ୍ଗସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାଶୀ ବିଶ୍ୱନାଥନ୍ ସୂଚନା ଦେଇଛନ୍ତି ଯେ ଅଧିନାୟକ ଏମଏସ୍ ଧୋନି ଆଇପିଏଲ୍ ୨୦୨୬ରେ ଖେଳିବା ପାଇଁ ଉପଲବ୍ଧ ଅଛନ୍ତି। ସେ କହିଛନ୍ତି, ଏମଏସ୍ ଆମକୁ କହିଛନ୍ତି ଯେ ସେ ଆସନ୍ତା ସିଜିନ୍ ପାଇଁ ଉପଲବ୍ଧ ରହିବେ। ଧୋନିଙ୍କ ଖେଳିବା ଖବର ସହ ସଞ୍ଜୁ ସାମସନଙ୍କୁ ଟ୍ରେଡ୍ କରି ସିଏସ୍‌କେକୁ ଆଣିବା ନେଇ ପୁଣି ଥରେ ଚର୍ଚ୍ଚା ଜୋର୍ ଧରିଛି। ଏହା ବ୍ୟତୀତ, ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ମାଲିକ ଡିଆଜିଓ ୨୦୨୬ ସିଜିନ ପୂର୍ବରୁ ଫ୍ରାଞ୍ଚାଇଜ୍‌କୁ ବିକ୍ରି କରିବା ପାଇଁ ରଣନୀତିକ ସମୀକ୍ଷା ଆରମ୍ଭ କରିଛି। କମ୍ପାନୀ ଏହି କ୍ରିକେଟ୍ ବ୍ୟବସାୟକୁ ଏହାର ମୂଳ ମଦ୍ୟପାନ କାରବାର ବାହାରେ ରଖିଛି।

# ପାକିସ୍ତାନ ହକିରେ ଫାଟ : ବାଂଲାଦେଶକୁ ଯିବା ମନା କଲେ କୋଚ

କରାଚୀ, ୧୦।୧୧: ପାକିସ୍ତାନ ହକିରେ ବିବାଦ ଦେଖା ଦେଇଛି। ପୁରୁଷ ହକି କୋଚ୍ ତାହିର ଜମାନ ଏକ ୩ ମ୍ୟାଚ୍ ବିଶିଷ୍ଟ ସିରିଜ ଲାଗି ଢାକା ନ ଯିବା ଲାଗି ରୋକ୍‌ଠୋକ୍ ମନାକରି ଦେଇଛନ୍ତି। ଖେଳାଳି ଚୟନ କ୍ଷେତ୍ରରେ ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)ର ହସ୍ତକ୍ଷେପକୁ ନାପସନ୍ଦ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନ ଦଳ ଅନ୍ୟତମ ସେଲିବ୍ରିଟି ତଥା ପୂର୍ବତନ ଅଲିମ୍ପିଆନଙ୍କୁ ସାଥୀରେ ନ ନେଇ ରବିବାର ଟୁର୍ନାମେଣ୍ଟ ଅଭିମୁଖେ ଗସ୍ତ କରିଛନ୍ତି। ପାକିସ୍ତାନ ହକି ଦଳରେ ଶେଷ ମୁହୂର୍ତ୍ତରେ ଜଣେ ଖେଳାଳିଙ୍କୁ ସାମିଲ କରାଯାଇଥିଲା। ତାହିରଙ୍କ ଦ୍ୱାରା ଏହା ଗୃହୀତ ହୋଇ ନ ଥିଲା। ପାକିସ୍ତାନ ହକି ମହାସଂଘ ସମ୍ପାଦକ ରାଣା ମୁଜାହିଦ କହିଛନ୍ତି, ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲାର ସମାଧାନ ଖୁବ୍ ଶୀଘ୍ର ହେବ। ତାହିରଙ୍କ କହିବାର କଥା ହେଲା, ଇସ୍‌ଲାମାବାଦରେ ଆୟୋଜିତ ତାଲିମ ଶିବିରକୁ ରାଣା ୱାହିଦ ଓ ହମାଦ ଅଞ୍ଜୁମ ନାମକ ଖେଳାଳି ବିଳମ୍ବରେ ଆସିଥିବାରୁ ଖେଳାଳିଙ୍କୁ ଜାତୀୟ ଦଳରେ ସ୍ଥାନ ଦିଆଯିବା ଉଚିତ୍ ନୁହେଁ। ରାଣା କହିଛନ୍ତି, ତାହିର ଶେଷ ମୁହୂର୍ତ୍ତରେ ଦଳ ସହିତ ଢାକା ନ ଯିବା ଲାଗି ନିଷ୍ପତ୍ତି ନେଇଥିଲେ। ପାକିସ୍ତାନକୁ ବିଶ୍ୱକପ୍ କ୍ୱାଲିଫାୟର୍ସରେ ସୁଯୋଗ ଦେବା ପାଇଁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ତରଫରୁ ଢାକାରେ ଏକ ୩ ମ୍ୟାଚ୍ ବିଶିଷ୍ଟ ସିରିଜର ଆୟାଜନ କରାଯାଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ